# ପ୍ରଶ୍ନୋତ୍ତର

ଆଉ ମୁଁ ପୁନର୍ବାର ଆଜି ରାତ୍ରି ଏଠାରେ ପ୍ରଭୁଙ୍କର ସେବାରେ ଆସି ପାରିଥିବା ହେତୁ ଆନନ୍ଦିତ ଅଟେ । ଆଉ ବର୍ତ୍ତମାନ, ଆପଣମାନଙ୍କୁ ଆନନ୍ଦିତ ଦେଖିବା ଓ ଏହି ପୁରୁଣା ଉତ୍ତମ ଗୀତଗୁଡିକୁ ଗାଉଥିବାର ଦେଖିବା, ସମସ୍ତେ ଆତ୍ମାରେ-ପରିପୂର୍ଣ୍ଣ ଓ ଇତ୍ୟାଦିକୁ ଦେଖିବା, ତାହା ଆମମାନଙ୍କୁ ବାସ୍ତବରେ ଭଲ ଅନୁଭବ କରାଏ ।

2 ଆଉ ଆମେମାନେ ଆଜିରାତ୍ରି ପୁଣି ଥରେ ଗୋଟିଏ କିମ୍ବା ଦୁଇଟି ପ୍ରଶ୍ନର ଉତ୍ତର ଦେବା ପାଇଁ କିଛି ମୁହୂର୍ତ୍ତ ନେବାକୁ ଚେଷ୍ଟା କରିଥିବାରେ ଆନନ୍ଦିତ ଅଟୁ । ଆମେମାନେ ଆଜି ସକାଳେ ଏକ ପ୍ରକାରେ ଆପଣଙ୍କର ବହୁତ ଅଧିକ ସମୟ ନେଇ ନେଲୁ, ମାତ୍ର ମୁଁ ଆଶା କରେ ଯେ ଆପଣମାନେ ଆଶୀର୍ବାଦ ପ୍ରାପ୍ତ ହୋଇଛନ୍ତି ଯାହାକି ମୁଁ ତାହା ବିଷୟରେ କେବଳ କହିବା ଦ୍ଵାରା ପ୍ରାପ୍ତ ହୋଇଥିଲି । ତାହା...ଆପଣ ଜାଣନ୍ତି, ଆମ ପାଖରେ କହିବା ପାଇଁ ଅନେକ ବିଷୟ ଅଛି, କଅଣ ଆମର ନାହିଁ କି? ଆଉ ଆମ ପାଖରେ କଥା କହିବା ପାଇଁ ଜଣେ ବ୍ୟକ୍ତି ଅଛନ୍ତି, ଯାହାକି ଆମର ପ୍ରଭୁ ଯୀଶୁ ଅଟନ୍ତି ।

3 ଭାଇ ଟେଡି, ଯଦି ମୁଁ ଚାହେଁ...ଯଦି ଆପଣ ଇଚ୍ଛା କରନ୍ତି, ଆପଣ କେବଳ କିଛି କ୍ଷଣ ଏଠାରେ ଉପରେ ରହିଥାଆନ୍ତୁ । ମୋତେ କୁହା ଯାଇଥିଲା ଯେ ସେଠାରେ ଭବନରେ ଜଣେ ଅସୁସ୍ଥ ଛୋଟ ଶିଶୁ ରହିଛି ।

4 ଆଉ ଏହା ପୂର୍ବେକି ମୁଁ ଏହା ଉପରେ ଆରମ୍ଭ କରେ, ଆମର ପ୍ରଭୁଭୋଜ ରହିଛି (ତେଣୁ ଆମେ ଚାହୁଁ...ବହୁତ ଅଧିକ ସମୟ ନେବାକୁ ଚାହୁଁ ନାହୁଁ) ଏବଂ ବୋଧହୁଏ ଏକ ବାପ୍ତିସ୍ମ ରହିଛି । ଏବଂ ସେମାନେ...ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ—କୁ ଚାହେଁ ଯେଉଁମାନେକି ପ୍ରଥମେ ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ଏହା ଯେ, ପ୍ରଥମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରେ, ଏହା ପୂର୍ବେକି ମୁଁ ଆରମ୍ଭ କରେ ।

5 ଆଉ ତେବେ, ଯଦି...ଟେଡି, ଯଦି ଆପଣ ଚାହାଁନ୍ତି, ଏହି ଗୀତଟିକୁ ବଜାନ୍ତୁ, *ସେହି ମହାନ ଚିକିତ୍ସକ ବର୍ତ୍ତମାନ ନିକଟତର* । ଏବଂ ଆମେମାନେ ଏଠାରେ ରୋଗୀମାନଙ୍କୁ ଡାକି ସେମାନଙ୍କ ପାଇଁ ଆଶୀର୍ବାଦ ମାଗିବାକୁ ଯାଉଅଛୁ । କେତେ ଜଣ ଏଠାରେ ଆଜି ରାତ୍ରି ପ୍ରାର୍ଥନା କରାଇବା ନିମନ୍ତେ ଅଛନ୍ତି? ସେଠାରେ କେତେକେ ଥିଲେ ଯାହାଙ୍କୁ ଆମେମାନେ ଆଜି ସକାଳେ ଛାଡି ଦେଇଥିଲୁ । ଯଦି ଆପଣ ସେମାନଙ୍କର ହାତକୁ ଉଠା କରାଇ ପାରିବେ, ଯଦି ଆପଣ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...ଏବଂ ସେହି ସାକ୍ଷ୍ୟକୁ ଶୁଣିବେ, ଓ ତାହାଙ୍କର ସମସ୍ତ ଉତ୍ତମତା ପାଇଁ ପରମେଶ୍ଵରଙ୍କୁ ପ୍ରଶଂସା କରିବେ । ପରମେଶ୍ଵରଙ୍କର ପ୍ରଶଂସା ହେଉ ଯେଉଁଠାରୁ ସମସ୍ତ ଆଶୀର୍ବାଦ ପ୍ରବାହିତ ହୁଏ । କଅଣ ତାହା ଠିକ୍ ଅଟେ?

6 ତେବେ, ଆମେ ବର୍ତ୍ତମାନ ଏହି ସାକ୍ଷ୍ୟଗୁଡ଼ିକ ଉପରେ ଠିକ ଶୀଘ୍ର ଆରମ୍ଭ କରିବା, ଏବଂ ଆମେ ଚେଷ୍ଟା କରିବାକୁ ଯାଉଅଛୁ, କିମ୍ବା, କ୍ଷମା କରନ୍ତୁ, ପ୍ରଶ୍ନଗୁଡିକୁ ନେବାକୁ ଯାଉଅଛୁ। ଏବଂ ମୁଁ ଆଶା କରେ ଯେ ପରମେଶ୍ୱର ତାହାଙ୍କର ଆଶୀର୍ବାଦକୁ ଏହିପରି—ଏହିପରି ଭାବରେ କେବଳ ଢାଳିବେ।

7 ଆଉ ତେବେ, ମୋତେ ସେମାନଙ୍କ ଉପରେ ଅଧିକ ସମୟ ରହିବାକୁ ଦେବେ ନାହିଁ। ଭାଇ କଲ୍ଲ, ମୁଁ ଆପଣଙ୍କର ଧ୍ୟାନ ଆକର୍ଷିତ କରିବାକୁ ଯାଉଅଛି, ଆପଣ ଏବଂ ଆଗ ଧାଡିରେ ବସିଥିବା ଦୀକନମାନେ, ମୋତେ ଅଟକାଇ ଦେବେ ଯେତେବେଳେ ମୁଁ...ଯେତେବେଳେ ତାହା ଆମର ପ୍ରଭୁଭୋଜ ଦେବାର ସମୟ ପ୍ରାୟଃ ହୋଇଯାଏ (ଆପଣ ଦେଖନ୍ତୁ?), 'କାରଣ ମୁଁ ସେମାନଙ୍କୁ ବହୁତ ଲମ୍ବା ସମୟ ରଖିଦିଏ। ମୁଁ ଯଥା ସମ୍ଭବ ଶୀଘ୍ର କରିବାକୁ ଚେଷ୍ଟା କରିବି। ଏବଂ ତାହାପରେ, ଯଦି ମୁଁ ସେଗୁଡିକୁ ଏହି ରବିବାର ପର୍ଯ୍ୟନ୍ତ ଶେଷ ନ କରେ, ମୁଁ ସେଗୁଡିକୁ ପରବର୍ତ୍ତୀ ରବିବାର ଦିନ ନେବି; ନା, ମୁଁ ତାହା ଆଜି ରାତି ନେବାକୁ ଚେଷ୍ଟା କରିବି।

8 ସେଗୁଡ଼ିକ ଅତି ଉତ୍ତମ ପ୍ରଶ୍ନମାନ ଅଟେ। ଏବଂ ମୁଁ ଆପଣମାନଙ୍କୁ କହୁଛି, ବନ୍ଧୁଗଣ, ଯଦି ତାହା ଉଦ୍ଦୀପନା ଏବଂ ବିଷୟଗୁଡିକ ହୋଇ ନ ଥାନ୍ତା, ତେବେ ମୁଁ ପ୍ରାୟଃ ଗୋଟିଏ ସପ୍ତାହ କେବଳ ସଳଖ ବାଇବଲ ଶିକ୍ଷା ଉପରେ ଦେବାକୁ ଚାହିଁଥାନ୍ତି...ଆଦିପୁସ୍ତକ, ଏବଂ ଯାତ୍ରାପୁସ୍ତକ, ଏବଂ ପ୍ରକାଶିତ ବାକ୍ୟ, ଓ ଅନ୍ୟାନ୍ୟରୁ, ଏବଂ—ଏବଂ କେବଳ ଏକ—ଏକ ପ୍ରକୃତ ଭଲ ସମୟ ରହିଥାନ୍ତା। ମୁଁ ଗଭୀର ବାଇବଲ ପ୍ରଶ୍ନମାନ ଏବଂ ବାଇବଲ ଶିକ୍ଷାଗୁଡିକୁ ଭଲ ପାଏ, ଯେପର୍ଯ୍ୟନ୍ତକି ଆପଣ କୌଣସି ପୌରାଣିକ ବିଷୟ ଉପରକୁ ଚାଲି ନ ଯାଆନ୍ତି। କେବଳ ପରମେଶ୍ୱରଙ୍କ ସରଳ, ପୁରାତନ, ଅମିଶ୍ରିତ ବାକ୍ୟରେ ଠିକ ସିଧା ସଳଖ ରହିଥାଆନ୍ତୁ; ତାହା ଆପଣଙ୍କୁ ଠିକ୍ ଭାବରେ କଢେଇ ନେଇଯିବ। କଅଣ ଆପଣ ତାହା ବିଶ୍ୱାସ କରନ୍ତି ନାହିଁ କି?

9 ତେବେ ତାହା, ଆଜି ସକାଳେ, ଆମମାନଙ୍କର କେତେକ—କେତେକ ଉତ୍ତମ ପ୍ରଶ୍ନମାନ ରହିଥିଲା, ସେଗୁଡିକ ମଧ୍ୟରୁ କେତୋଟି ଏକ ଲକ୍ଷ ଚୌରା-ଳିଶ ହଜାର ବିଷୟରେ ଥିଲା, ସେମାନେ କିଏ ଅଟନ୍ତି, ଏବଂ ସେମାନେ କେଉଁ ଅଂଶ ହେବେ? ଏବଂ—ଏବଂ ସେହି କନ୍ୟା ବିଷୟରେ। ଆଉ ଓଃ, ଠିକ ଅନେକ ବିଷୟମାନ, ଏବଂ ଠିକ ପ୍ରକୃତ ଗଭୀର ପ୍ରଶ୍ନମାନ। ଏବଂ ମୋର ଅଳ୍ପ କିଛି ରହିଥିଲା ଯାହାକି ମୁଁ ସମାପ୍ତ କରିପାରି ନ ଥିଲି।

10 ତେବେ, ଆଜି ରାତ୍ରି ଆମେମାନେ ଠିକ ଏହି ଗୋଟିକ ଉପରେ ଆରମ୍ଭ କରିବାକୁ ଯାଉଅଛୁ, ଏବଂ ଆମକୁ ସାହାଯ୍ୟ କରିବା ପାଇଁ ପ୍ରଭୁଙ୍କୁ ନିବେଦନ କରିବାକୁ ଯାଉଅଛୁ। ଆଉ ତେବେ, ଆମେ ବାଇବଲ ଖୋଲି ନ ପାରୁ। ଆମେ ଏହାକୁ ଏହିପରି ଭାବରେ ଖୋଲିପାରୁ, ମାତ୍ର ଏହାକୁ ପ୍ରକୃତରେ ଆମ ନିକଟରେ ଖୋଲିବା ପାଇଁ ପରମେଶ୍ୱରଙ୍କୁ ଆବଶ୍ୟକ କରେ। ଆମେମାନେ ପୃଷ୍ଠାଗୁଡ଼ିକୁ ମେଲାଇ ପାରୁ। କିନ୍ତୁ ପ୍ରକାଶିତ ବାକ୍ୟ ପୁସ୍ତକରେ, ଯେତେବେଳେ ଯୋହନ ଅନାଇଲେ, ଆଉ ସେ ଦେଖିଲେ ଯେ ଜଣେ ସିଂହାସନ ଉପରେ ବସିଛନ୍ତି, ଏବଂ

ସେଠାରେ...ତାହାଙ୍କ ହାତରେ ଏକ ପୁସ୍ତକ ରହିଥିଲା । ଆଉ ସେହି ପୁସ୍ତକଟିକୁ ନେବା ପାଇଁ, କିମ୍ବା ସେହି ମୁଦ୍ରାଗୁଡିକୁ ଫିଟାଇବା ପାଇଁ, କିଅବା ଏପରିକି ତାହାକୁ ଦେଖିବା ପାଇଁ ସୁଦ୍ଧା କୌଣସି ବ୍ୟକ୍ତି ଯୋଗ୍ୟ ନ ଥିଲେ । ସ୍ୱର୍ଗରେ କୌଣସି ବ୍ୟକ୍ତି ନୁହଁ, ପୃଥିବୀରେ କୌଣସି ବ୍ୟକ୍ତି ନୁହଁ, କିମ୍ବା ପୃଥିବୀ ତଳେ କୌଣସି ବ୍ୟକ୍ତି ନୁହଁ, କିମ୍ବା କୌଣସିଠାରେ ହେଲେ କେହି ଯୋଗ୍ୟ ନ ଥିଲେ—ଥିଲେ । ଆଉ ସେ ଗୋଟିଏ ମେଷଶାବକଙ୍କୁ ଦେଖିଲେ, ଯେପରିକି ତାହା ଜଗତର ପତ୍ତନାବଧି ବଧ କରାଯାଇଥିଲା । ଆଉ ସେ ଆସି ପୁସ୍ତକଟିକୁ ତାହାଙ୍କ ହାତରୁ ନେଇ ନେଲେ ଓ ମୁଦ୍ରାଗୁଡିକୁ ଫିଟାଇଲେ; ତାହା ଯୀଶୁ ଖ୍ରୀଷ୍ଟ ଥିଲେ ।

11 ତେବେ, ମୁଁ ଏହି ସପ୍ତାହରେ ଜଣେ ବ୍ୟକ୍ତିଙ୍କ ସହ କଥା ହେଉଥିଲି, ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ, ଯିଏକି ମୋତେ ଆଫ୍ରିକା ଏବଂ ଭାରତକୁ ଫେରିବା ବିଷୟରେ କହିଥିଲେ: ସେ କହିଲେ, "କାହିଁକି, ସେମାନେ ତ ଠିକ ଅଳ୍ପ ଦିନ ଆଗରୁ ସେଠାରେ ଜଣେ ବ୍ରିଟିଶ ଜେନେରାଲଙ୍କୁ ହତ୍ୟା କରିଥିଲେ ।"

ମୁଁ କହିଲି, "ତାର ମୋ ସହିତ କି ସମ୍ପର୍କ ଅଛି?"

ସେ କହିଲେ, "କଅଣ ଆପଣ ସେଠାକୁ ଫେରି ଯାଉନାହାଁନ୍ତି କି ଯେଉଁଠାରେ ସେହି ସବୁ ହତ୍ୟାକାଣ୍ଡ ଚାଲିଛି, ସେହି ଜାତି ସଂଘର୍ଷ, ଓ ଇତ୍ୟାଦି?"

ମୁଁ କହିଲି, "ନିଶ୍ଚିତରେ, ସେହିଠାରେ ହିଁ ତ ମୋର ଆବଶ୍ୟକ ରହିଛି, ଯେଉଁଠାରେ ପ୍ରଭୁ ଚାହାଁନ୍ତି ଯେ ମୁଁ ଯାଏ ।"

ସେ କହିଲେ, "କଅଣ ହେବ ଯଦି ସେମାନେ ଆପଣଙ୍କୁ ହତ୍ୟା କରନ୍ତି?"

ମୁଁ କହିଲି, "ତେବେ, ଯଦି ପରମେଶ୍ୱର ଚାହାଁନ୍ତି ଯେ ମୁଁ ହତ୍ୟା କରାଯାଏ, ତାହାହେଲେ ମୁଁ କେବଳ ହତ୍ୟା କରାଯିବି, ତାହା ହିଁ ସବୁକିଛି ଅଟେ ।"

ତେବେ ସେ କହିଲେ, "ଓଃ, ମୋର ପ୍ରଭୁ!" କହିଲେ, "ଭାଇ ବ୍ରାନହାମ୍, ଆପଣଙ୍କୁ ସେହିପରି ଭାବିବା ଉଚିତ୍ ନୁହେଁ । ତେବେ," କହିଲି, "ମୋର ଫରକ୍ ପଡେ ନାହିଁ । ମୁଁ ଭାବୁଛି ଯେ ଆପଣ ଧାର୍ମିକ ଅଟନ୍ତି, ଆଉ ମୁଁ ଭାବୁଛି ଯେ ଆପଣ ଜଣେ ଭଲ ବ୍ୟକ୍ତି ଅଟନ୍ତି," ସେ କହିଲେ, "କିନ୍ତୁ ସେମାନେ ଯୀଶୁ ଖ୍ରୀଷ୍ଟଙ୍କୁ ମଧ୍ୟ ହତ୍ୟା କରିଥିଲେ ।"

ମୁଁ କହିଲି, "ନିଶ୍ଚିତରେ, ତାହା ପରମେଶ୍ୱରଙ୍କ ଇଚ୍ଛା ଥିଲା ।"

ସେ କହିଲେ, "କଅଣ? ପରମେଶ୍ୱରଙ୍କ ଇଚ୍ଛା?" ମୁଁ...ଏବଂ ସେହି ବ୍ୟକ୍ତିଜଣକ ଗୀର୍ଜାକୁ ଯାଇ ରହୁଥିଲେ (ସେ ପ୍ରାୟଃ ସତୁରି ବର୍ଷ ପାଖାପାଖୀ), ଗୀର୍ଜାକୁ ଯାଇ ରହୁଥିଲେ (ସେ ଏହି ସହରର ଏକ ଭଲ ଗୀର୍ଜାରେ ଏକ ଉତ୍ତମ ତାଲିକାରେ ନାମଭୁକ୍ତ ଅଟନ୍ତି), ଏବଂ ବଢି ଆସିଥିଲେ, ଆଉ ଏହା କଦାପି ଜାଣି ନ ଥିଲେ ଯେ ଏହା ପରମେଶ୍ୱରଙ୍କ ଇଚ୍ଛା ଥିଲା ଯେ ଯୀଶୁ ମୃତ୍ୟୁବରଣ କରନ୍ତୁ ।

12 କାହିଁକି, ମୁଁ କହିଲି, "ଭାଇ, ସେ ତ ଜଗତର ପତ୍ତନାବଧିରୁ, ଠିକ ଆରମ୍ଭରୁ ହତ ହୋଇଥିଲେ। ଏପରିକି ସେ ପୃଥିବୀକୁ ଆସିବା ପୂର୍ବରୁ ବଧ କରା ଯାଇଥିଲେ।" କଅଣ ତାହା ଠିକ୍ କି? ପୃଥିବୀର ଭିତ୍ତିମୂଳ ସ୍ଥାପନ କରିବା ପୂର୍ବରୁ ସେ ପରମେଶ୍ୱରଙ୍କର ହତ ମେଷଶାବକ ଥିଲେ।

13 ଆସନ୍ତୁ ସେହି ପ୍ରଶ୍ନଗୁଡ଼ିକ ପାଇଁ ତାହାଙ୍କ ସହିତ କେବଳ କିଛି ସମୟ କଥା ହେବା। ତେବେ, ହେ ପିତା, ସେହି ପୁସ୍ତକଟିକୁ ଖୋଲିବା କିମ୍ବା ତାହାକୁ ଦେଖିବା ପାଇଁ, ଆମେମାନେ ଅଯୋଗ୍ୟ, ଓ ଅସମର୍ଥ ଅଟୁ। ମାତ୍ର ଆଜି ରାତି ସେହି ମେଷଶାବକ ଆସନ୍ତୁ, ପରମେଶ୍ୱରଙ୍କ ମେଷଶାବକ ଯିଏକି ଜଗତ ପତ୍ତନାବଧିରୁ ହତ ହୋଇଥିଲେ, ଓ ସେହି ବିଷୟଗୁଡିକୁ ନିଅନ୍ତୁ ଯାହାକି ପରମେଶ୍ୱରଙ୍କର ଅଟେ ଓ ତାହାକୁ ମଣ୍ଡଳୀ ନିକଟରେ ଉପସ୍ଥାପନ କରନ୍ତୁ। ଏହା ହେଉ ଯେ ପବିତ୍ରଆତ୍ମା ଏହି ଶବ୍ଦଗୁଡ଼ିକୁ ନିଅନ୍ତୁ, ଏବଂ ସେଗୁଡ଼ିକ ମୋର ବା କୌଣସି ମନୁଷ୍ୟର ଶବ୍ଦ ନ ହେଉ, ମାତ୍ର ସେଗୁଡିକ ପ୍ରତ୍ୟେକ କ୍ଷୁଧିତ ହୃଦୟ ପାଇଁ ପରମେଶ୍ୱରଙ୍କ ବାକ୍ୟ ହେଉ। କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

ପ୍ରଥମଟି ଯାହା ଏଠାରେ ଅଛି (ଆମେ ସେଗୁଡିକୁ ଘୂରାଇ ନାହୁଁ କିମ୍ବା କିଛି କରି ନାହୁଁ, ମାତ୍ର ସେମାନେ ଯେପରି ଭାବରେ ଆସନ୍ତି), ଏହା ବହୁତ ଭଲ ପରି ମନେ ହୁଏ। ପ୍ରଥମେ, କେତେ ଜଣ ପ୍ରଶ୍ନଗୁଡିକରେ ଆଗ୍ରହୀ ଅଟନ୍ତି? ଆସନ୍ତୁ ଆପଣଙ୍କର ଦେଖିବା...ତେବେ, ତାହା ବହୁତ ଭଲ ଅଟେ। ଠିକ ଯେତେ ଦୂର ମୁଁ ଜାଣିଛି।

**15.** ବର୍ତ୍ତମାନ। **ମଣିଷ ମୃତ୍ୟୁ ସମୟରେ କଅଣ ସ୍ୱର୍ଗକୁ ଚାଲିଯାଏ ନା—ନା ତୁରନ୍ତ ନରକକୁ ଯାଏ, କିଅବା କଅଣ ସେମାନେ ବିଚାରକୁ ଅପେକ୍ଷା କରନ୍ତି କି?**

14 ତାହା ଏକ ବହୁତ ଭଲ ପ୍ରଶ୍ନ ଅଟେ। ଏବଂ ଏହା କରେ...ବହୁତ ଅଧିକ ଉତ୍ତମ ବିଚାର ପରେ, କାରଣ ପ୍ରତ୍ୟେକ ବ୍ୟକ୍ତି ଆଗ୍ରହୀ ଅଟନ୍ତି, ଯେ ଏହି ଜୀବନ ଶେଷ ହେବା ପରେ ସେ କଅଣ ହେବାକୁ ଯାଉଛନ୍ତି? ପ୍ରତ୍ୟେକ ବ୍ୟକ୍ତି ଆଗ୍ରହୀ ଅଟନ୍ତି। ତେବେ ବର୍ତ୍ତମାନ, ମୁଁ, ମୋ ପକ୍ଷରେ, ମୁଁ—ମୁଁ ଜାଣେ ନାହିଁ। ମୋତେ ବାଇବଲରୁ ଉତ୍ତର ଦେବାକୁ ପଡିବ।

15 ମୁଁ ଅନୁମାନ କରେ ଯେ ଜଣେ ମହିଳା କିଛି ସମୟ ପୂର୍ବରୁ ଲସ୍ ଏଞ୍ଜେଲସ୍‌ରୁ ଏକ ପଚାଶ ଡଲାର ମୂଲ୍ୟର ଫୋନ୍ ବିଲ୍ କଲେ, ପ୍ରାୟଃ ପଇଁ-ତିରିଶ କିମ୍ବା ଚାଳିଶ ମିନିଟ୍ ଯାଏଁ, କିମ୍ବା ବୋଧହୁଏ ଅଧିକ ସମୟ, ଦୀର୍ଘ ଦୂରତାରେ କଥା ହୋଇଥିଲେ, ଓ ମୋତେ ଏହା କୁହାଇବା ହେତୁ ପ୍ରବର୍ତ୍ତାଇଇବାକୁ ଚେଷ୍ଟା କରୁଥିଲେ ଯେ ଏହା ତାଙ୍କ ପାଇଁ ନିଜର ସ୍ୱାମୀଙ୍କୁ ଛାଡି ଅନ୍ୟ ପୁରୁଷକୁ ବିବାହ କରିବା ଆଇନଗତ ଏବଂ ଯୁକ୍ତିଯୁକ୍ତ ଅଟେ। ମୁଁ ତାହା କରିବି ନାହିଁ। ନା! ମୁଁ କହିଲି, "ନା, ଆଜ୍ଞା!"

ସେ କହିଲେ, "ତେବେ, ମୋ ସ୍ୱାମୀ ଜଣେ ପାପୀ, ଏବଂ ଏହି ବ୍ୟକ୍ତି ଜଣକ ଖ୍ରୀଷ୍ଟିଆନ ଅଟନ୍ତି।"

16 ମୁଁ କହିଲି, "ଏହାର ତାହା କୌଣସି ସମ୍ପର୍କ ନାହିଁ। ଆପଣ ଯେକୌଣସି ଭାବରେ ବି ସୁନିଶ୍ଚିତ ବ୍ୟଭିଚାରରେ ହିଁ ରହିବେ।"

କହିଲେ, "ତେବେ, ମୁଁ ଜଣେ ଯକ୍ଷ୍ମା ରୋଗୀ ଅଟେ, ଆଉ ଯଦି ମୁଁ ଏହି ବ୍ୟକ୍ତିଙ୍କୁ ନ ପାଇପାରୁଛି ତାହାହେଲେ ମୋର ଆଉ ବଞ୍ଚି ରହିବାର କୌଣସି ପ୍ରୟୋଜନ ନାହିଁ।"

17 ମୁଁ କହିଲି, "ଆପଣ କେବଳ ମନ୍ତ୍ର ମୁଗ୍ଧ ଅଟନ୍ତି ପ୍ରେମରେ ନୁହଁନ୍ତି, କାରଣ ଆପଣ ହୋଇପାରିବେ ନାହିଁ, ତାହାହିଁ ସବୁ, କାରଣ ତାହା ଆପଣଙ୍କର ସ୍ୱାମୀ ଅଟନ୍ତି। ଏବଂ ଆପଣ ତାଙ୍କ ସହିତ ରହିବାକୁ ଶପଥ କରିଛନ୍ତି ଯେପର୍ଯ୍ୟନ୍ତକି ମୃତ୍ୟୁ ଆପଣଙ୍କୁ ପୃଥକ ନ କରିଦିଏ। ତାହା ବ୍ୟତୀତ ଅନ୍ୟ କିଛି, ଆପଣ ବ୍ୟଭିଚାରରେ ଅଟନ୍ତି।" ଆଉ ତେଣୁକରି, ସେ କେବଳ ସେହି ବିଷୟ କହି ଚାଲିଲେ। ମୁଁ କହିଲି, "ମହିଳା, କୌଣସି ପ୍ରୟୋଜନ ନାହିଁ..."

ସେ କହିଲେ, "ଯଦି ଆପଣ ମୋତେ କେବଳ କହିବେ ଯେ ତାହା ଠିକ୍ ଅଟେ।"

ମୁଁ କହିଲି, "ମୁଁ ତାହା କରିବି ନାହିଁ।" ମୁଁ କହିଲି, "ମୁଁ..."

ସେ କହିଲେ, "ତେବେ, ଭାଇ ବ୍ରାନହାମ୍, ଆମର ଆପଣଙ୍କ ଉପରେ ବହୁତ ଭରସା ଅଛି।"

18 ମୁଁ କହିଲି, "ତେବେ ଶୁଣନ୍ତୁ ଯେ ମୁଁ ଆପଣଙ୍କୁ କଅଣ କହିବାକୁ ଚେଷ୍ଟା କରୁଛି। ମୁଁ ଆପଣଙ୍କୁ ସତ କହୁଛି, କାରଣ ମୁଁ ତାହା ବ୍ୟତୀତ ଯାହା ପରମେଶ୍ୱର କହିଛନ୍ତି ଅନ୍ୟ କିଛି କହିପାରେ ନାହିଁ।" ପରମେଶ୍ୱର କହିଲେ ଯେ ତାହା ସତ ଅଟେ, ତେଣୁ ତାହା ଠିକ୍ ସେହିପରି ହିଁ ଅଟେ। ବୁଝିଲେ? ମୁଁ କହିଲି, "ଠିକ ସେହିପରି ହିଁ ତାହା—ତାହା ହେବା ଉଚିତ୍, ଏବଂ ଠିକ ସେହିପରି ହିଁ ତାହା ହେବା ଆବଶ୍ୟକ ଅଟେ।"

19 ଏବଂ ବର୍ତ୍ତମାନ, ଏହି ପ୍ରଶ୍ନଗୁଡିକରେ, ଠିକ ସେହିପରି ହିଁ ଅଟେ ଯାହାକି ତାହା ହେଉ ବୋଲି ଆମେ ଚାହିଁଥାଉ। ତେବେ, ଏହା ସର୍ବଦା ଚିନ୍ତା କରାଯାଏ...ତେବେ, ଏଠାରେ, ଆପଣମାନେ ଅନୁଭବ କରିବେ, ଯେ ଆଜି ରାତିରେ ଏହି ଅଳ୍ପ କେତେକ ହାତଗଣତି ଲୋକମାନଙ୍କ ମଧ୍ୟରେ, ବୋଧହୁଏ ସମସ୍ତ ପ୍ରକାରର ଭିନ୍ନ ଧାରଣାମାନ ରହିଛି; ଏବଂ ଆମେ ଭାବୁ ଯେ ସେଗୁଡ଼ିକ ସବୁ ଭଲ ଅଟେ, ସେଗୁଡିକ ମଧ୍ୟରୁ ପ୍ରତ୍ୟେକଟି। ଆପଣଙ୍କର ଧାରଣା ଭଲ ଅଟେ, ଏବଂ ତାହା ଏକ...ମାତ୍ର ବର୍ତ୍ତମାନ, ଆମେ ଯାହା କରିଥାଉ, ଆମର କେହି ଜଣେ ରହିବା ଆବଶ୍ୟକ...ଠିକ ଯେପରିକି ହଂସ, ବତକ, ଅନ୍ୟ କିଛି, ସବୁକିଛିର ଥା-...ମହୁମାଛି, ସବୁକିଛିର ଜଣେ ନେତା ଥାଆନ୍ତି। ଯଦି ରାଣୀ ମହୁମାଛି ମରିଯାଏ, ତେବେ କଅଣ ଆପଣମାନେ ଜାଣିଛନ୍ତି ଯେ କଅଣ ଘଟେ। ସେହି ନେତା ବତକ ମରିଯାଏ, ସେମାନଙ୍କୁ ଅନ୍ୟ ଜଣକାକୁ କରିବାକୁ ପଡିଥାଏ। ଅର୍ଥାତ, ସେମାନଙ୍କୁ ଜଣେ ନେତାଙ୍କୁ ରଖିବାକୁ ହିଁ ପଡିଥାଏ।

20 ଏବଂ ମନୁଷ୍ୟର ଜଣେ ନେତା ରହିବା ଆବଶ୍ୟକ; ଏବଂ ସେହି ନେତା ହେଉଛନ୍ତି ପବିତ୍ରଆତ୍ମା । ଏବଂ ପବିତ୍ରଆତ୍ମା ସେହି ମଣ୍ଡଳୀରେ ସ୍ଥାପିତ କରନ୍ତି ପ୍ରଥମେ, ପ୍ରେରିତ, ତାହା ପରେ, ଭବିଷ୍ୟଦ୍‌ବକ୍ତା, ଓ ପ୍ରଭୃତି ।

କିଛି ସମୟ ପୂର୍ବରୁ କେହି ଜଣେ କହିଥିଲେ, କହିଲେ, “କାହିଁକି, ଭାଇ ବ୍ରାନହାମ୍, ଆମକୁ ଶିକ୍ଷା ଦେବା ପାଇଁ ଆମେ କାହାରିକୁ ଚାହୁଁ ନାହୁଁ । ଯେତେବେଳେ ପବିତ୍ରଆତ୍ମା ଆସନ୍ତି, ଆମକୁ ଶିକ୍ଷା ଦେବା ପାଇଁ ଆମେ କାହାରିକୁ ଚାହୁଁ ନାହୁଁ ।” କହିଲେ, “ବାଇବଲ କୁହେ ଯେ ଆପଣଙ୍କୁ ଶିକ୍ଷାଦାନର ଆବଶ୍ୟକତା ନାହିଁ—ନାହିଁ ।”

21 ମୁଁ କହିଲି, “ତାହାହେଲେ ସେହି ସମାନ ପବିତ୍ରଆତ୍ମା କାହିଁକି ମଣ୍ଡଳୀରେ ଶିକ୍ଷକମାନଙ୍କୁ ସ୍ଥାପିତ କଲେ, ଦେଖନ୍ତୁ, ଦେଖନ୍ତୁ, ଏବଂ ମଣ୍ଡଳୀକୁ କ୍ରମରେ ସ୍ଥିରୀକୃତ କଲେ?” ସେମାନେ କରନ୍ତି...ଆମମାନଙ୍କର ଶିକ୍ଷକ ରହିବା ଆବଶ୍ୟକ । ତାହା ଠିକ୍ ।

22 ମାତ୍ର ଆପଣଙ୍କର କେହି ରହିବା ଉଚିତ୍ ନୁହେଁ...ଆପଣଙ୍କୁ ଏହା କହି ଶିକ୍ଷା ଦେବାର ଆବଶ୍ୟକତା ନାହିଁ, “ତୁମ୍ଭେ ବ୍ୟଭିଚାର କରିବ ନାହିଁ; ତୁମ୍ଭେ ଶପଥ କରିବ ନାହିଁ, ଓ ନେବ ନାହିଁ...” ଆପଣ ତାହା ଆଗରୁ ଜାଣିଛନ୍ତି । ପବିତ୍ରଆତ୍ମାଙ୍କର ଆପଣଙ୍କର ନିଜର ବିବେକ ହିଁ ଆପଣଙ୍କୁ କୁହେ ଯେ ତାହା କରିବା ଭୁଲ୍ ଅଟେ ।

23 ମାତ୍ର ଯେତେ ଦୂର ବର୍ତ୍ତମାନ ଶାସ୍ତ୍ର ସମ୍ବନ୍ଧୀୟ ଶିକ୍ଷା ଅଛି, ତାହା ଏକ ପବିତ୍ରଆତ୍ମାଙ୍କ ଅଭିଷେକକୁ ଆବଶ୍ୟକ କରେ । ତାହା ଠିକ୍ । ଏବଂ ପରମେଶ୍ୱର ମଣ୍ଡଳୀକୁ ପ୍ରେରିତ ଓ ଭବିଷ୍ୟଦ୍‌ବକ୍ତା, ଏବଂ ଆରୋଗ୍ୟତାର ବରଦାନ, ଓ ଚମତ୍କାର, ଇତ୍ୟାଦି ଦ୍ୱାରା ସ୍ଥିର କରିଛନ୍ତି । ସେ ମଣ୍ଡଳୀକୁ କ୍ରମରେ ସ୍ଥାପନ କଲେ ଏବଂ ଆପଣା ମଣ୍ଡଳୀକୁ ମାର୍ଗଦର୍ଶନ ଓ ନିର୍ଦ୍ଦେଶ କରିବା ପାଇଁ ସେଠାରେ ଶିକ୍ଷକମାନଙ୍କୁ ଓ ପ୍ରଭୃତି ସବୁକୁ ରଖିଲେ । ଏବଂ ଆଜି ସକାଳେ, ଆମେ, ଯେପରିକି ଆମେମାନେ କହିଥିଲୁ, ଯୀଶୁ ପୃଥିବୀ ଉପରେ ତାହାଙ୍କର ଶରୀର ରୂପେ...ଏବଂ ଯେପରି ତାହାଙ୍କର ଶରୀର ଗତି କରେ, ଏହା ପୃଥିବୀ ଉପରକୁ ପ୍ରତିଫଳିତ କରୁଥିବା ଏକ ଛାୟା ପରି ଅଟେ । ଏହା ତାହା ସହିତ ଗତି କରିବ ।

24 ତେବେ, ଅନେକ ଲୋକ...ଆଡଭେଣ୍ଟିଷ୍ଟ ଲୋକମାନେ ବିଶ୍ୱାସ କରନ୍ତି ଯେ ଯେତେବେଳେ ଜଣେ ବ୍ୟକ୍ତି ମରିଯାଏ ଯେ ସେ ପୁନର୍ବାର କବର ଭିତରକୁ ଚାଲିଯାଏ ଓ ସେଠାରେ ପୁନରୁତ୍ଥାନ ପର୍ଯ୍ୟନ୍ତ, ପ୍ରାଣ, ଶରୀର, ଏବଂ ଅନ୍ୟାନ୍ୟ ସବୁକିଛିରେ, ରହିଥାଏ । ଏବଂ ସେମାନଙ୍କର...ସେମାନେ ତାହାକୁ କୁହନ୍ତି “ପ୍ରାଣ ଶୁପ୍ତ ହୋଇରହିବା ।” ତେବେ, ତାହା ଠିକ୍ ଅଟେ । ତାହା ସେପର୍ଯ୍ୟନ୍ତ ଠିକ ଯେପର୍ଯ୍ୟନ୍ତ ସେମାନେ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି ଏବଂ ନୂତନ ଭାବେ ଜନ୍ମ ଗ୍ରହଣ କରିଥାଆନ୍ତି, ଯାହା ସେମାନଙ୍କୁ କ୍ଷତି କରିବ ନାହିଁ । କିନ୍ତୁ ବର୍ତ୍ତମାନ, ଶାସ୍ତ୍ର ଅନୁଯାୟୀ, ଯେତେବେଳେ ସେହି ବ୍ୟକ୍ତି ମରିଯାଏ, ଯଦି ସେ ଜଣେ ଖ୍ରୀଷ୍ଟିଆନ ଅଟେ, ଯଦି ସେ ନୂତନ ଜନ୍ମ ପାଇଅଛି, ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଅଛି, ତାହାହେଲେ ତାକୁ କଦାପି ପରମେଶ୍ୱରଙ୍କ ବିଚାରରେ ଛିଡା ହେବାକୁ ପଡିବ ନାହିଁ । ବୁଝିଲେ?

ସେ ସିଧା ସଳଖ ପରମେଶ୍ୱରଙ୍କ ଉପସ୍ଥିତିକୁ ଚାଲିଯାଏ । ଏବଂ ତାକୁ କଦାପି ବିଚାରରେ ରହିବାକୁ ପଡିବ ନାହିଁ, କାରଣ ସେ ତ ଆଗରୁ…ବୁଝିଲେ?

25 ଖ୍ରୀଷ୍ଟ ମୋ ପାଇଁ ଯାହା କରିଛନ୍ତି ସେଥିପାଇଁ ମୋତେ ଛିଡ଼ା ହେବାକୁ ପଡ଼ିବ ନାହିଁ। ତେବେ, ମୁଁ ଜଣେ ପାପୀ ଥିଲି, ମାତ୍ର ଖ୍ରୀଷ୍ଟଙ୍କ ବିଚାର…ଏଠାରେ—ଏଠାରେ ଅଳ୍ପ କିଛି ଶବ୍ଦରେ ସେହି ସମ୍ପୂର୍ଣ୍ଣ ବିଷୟ ଅଛି: ପରମେଶ୍ୱର କହିଲେ, "ଯେଉଁ ଦିନ ତୁମେ ଏହାକୁ ଖାଇବ, ସେହି ଦିନ ତୁମେ ମରି ଯିବ ।" ତାହା ଏହାକୁ ସମାଧାନ କଲା ।

26 ବର୍ତ୍ତମାନ, ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟ ରକ୍ଷା କରିବାକୁ ଅଛି । ସେ ତାହାଙ୍କର ବାକ୍ୟ ରକ୍ଷା କରିବା ବ୍ୟତୀତ ଆଉ କିଛି କରିପାରନ୍ତି ନାହିଁ, କାରଣ ସେ ପରମେଶ୍ୱର ଅଟନ୍ତି । ତେବେ ତାହାହେଲେ, ସେ କରିପାରନ୍ତି ନାହିଁ। ତାହାପରେ, ସେ…ଆପଣ ପରମେଶ୍ୱରଙ୍କଠାରୁ ପୃଥକ ଅଟନ୍ତି । ସେହି…ଏବଂ ତାହାପରେ, ଆପଣ ପାପରେ ଜନ୍ମ ହୋଇଥାନ୍ତି, ଅଧର୍ମରେ ଗଢା ହୋଇଥାନ୍ତି, ମିଥ୍ୟା କହି ଜଗତକୁ ଆସିଥାନ୍ତି । ତେଣୁ ଯେତେବେଳେ ଆପଣ ଜନ୍ମ ହୋଇଥାନ୍ତି, ଆପଣ ସ୍ୱଭାବରେ ଜଣେ ପାପୀ ଅଟନ୍ତି । ତେଣୁ ଜଗତରେ ଏପରି କିଛି ନାହିଁ ଯାହା ବିଷୟରେକି ଆପଣ କିଛି କରିପାରନ୍ତି । ଏପରି କିଛି ନାହିଁ ଯାହାକି ମୁଁ ନିଜକୁ ରକ୍ଷା କରିବା ପାଇଁ କିମ୍ବା ଆପଣଙ୍କୁ ରକ୍ଷା କରିବା ପାଇଁ କରିପାରେ । ଏହା ତ ତାହା ଅଟେ ଯାହାକି ଖ୍ରୀଷ୍ଟ ପରମେଶ୍ୱରଙ୍କଠାରେ ଥାଇ ଆମ ପାଇଁ କଲେ, କିମ୍ବା, ପରମେଶ୍ୱର ଖ୍ରୀଷ୍ଟଙ୍କ ଭିତରେ ଥାଇ ଆମ ପାଇଁ କଲେ । ବୁଝିଲେ? ଏହା ତାହା ନୁହେଁ, ତେବେ, ଯାହାକି ମୁଁ ଭାବେ ଯେ *ଏହା* ଅଟେ କିଅବା ମୁଁ *ଏହା* କରେ, ଏହା ତ ତାହା ଅଟେ ଯେ ସେ *ତାହା* କରିଛନ୍ତି କି ନାହିଁ ।

27 ତେବେ ବର୍ତ୍ତମାନ, ଆମେ ତାହାଙ୍କଠାରେ ଅଛୁ । ତାହାପରେ ସେ ପରମେଶ୍ୱରଙ୍କ ବିଚାରର ସମ୍ମୁଖିନ ହେଲେ; ସେ ବିଚାରକୁ ନେଇ ନେଲେ । ଏବଂ ସେ, ପାପରୁ ନିର୍ଦ୍ଦୋଷ ଭାବେ, କୌଣସି ପାପକୁ ନ ଜାଣିଥାଇ, ତଥାପି ଆମ ପାଇଁ ପାପ ସ୍ୱରୂପ ହୋଇଗଲେ । ତେଣୁକରି ଯେପର୍ଯ୍ୟନ୍ତ ଆପଣ ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ଆପଣ ବିଚାରରୁ ମୁକ୍ତ ଅଟନ୍ତି। "ଯେତେବେଳେ ମୁଁ ରକ୍ତକୁ ଦେଖିବି, ମୁଁ ତୁମକୁ ଛାଡି ଚାଲିଯିବି ।" ବୁଝିଲେ, ବୁଝିଲେ? ଏହାହିଁ ତାହା ଅଟେ । ସେହି ରକ୍ତ, ଯାହାକି ଆମକୁ ମୁକ୍ତ କରେ ।

28 ବର୍ତ୍ତମାନ, ସେହି ପାପୀ କେବେ ହେଲେ…ସେହି ପାପୀକୁ ବିଚାରର ସମ୍ମୁଖିନ ହେବାକୁ ପଡ଼ିବ । ଏବଂ ସେଠାରେ ଆଉ କିଛି ନୁହଁ ବରଂ ଏହି ବିଚାର ରହିବ । ଏହା ଜଗତର ଠିକ୍ ଚତୁଃପାର୍ଶ୍ୱରେ ଖ୍ରୀଷ୍ଟଙ୍କ ରକ୍ତର ଗୋଟିଏ—ଗୋଟିଏ ବୃତ୍ତ କିମ୍ବା ଇନ୍ଦ୍ରଧନୁ ପରି ଅଟେ। ଯେପର୍ଯ୍ୟନ୍ତ ଆପଣ ଏଥି ଭିତରେ ଅଛନ୍ତି…ଯଦି ପରମେଶ୍ୱର ଆଜି ରାତିରେ ଖ୍ରୀଷ୍ଟଙ୍କ ରକ୍ତ ବ୍ୟତୀତ ଅନ୍ୟ କୌଣସି ଉପାୟରେ ପୃଥିବୀର ସ୍ଥିତିକୁ ଦେଖିପାରିବେ, ତେବେ ସେ ଏହାକୁ ଗୋଟିଏ ସେକେଣ୍ଡରେ ନଷ୍ଟ କରିଦେବେ । ତାହାଙ୍କୁ କରିବାକୁ ହିଁ ପଡିବ । ନିଶ୍ଚିତ ଭାବରେ ତାହାଙ୍କୁ କରିବାକୁ ହେବ । ସେହିଠାରେ ହିଁ ଯେଉଁଠାରୁ କି ସେହି ବିଚାରଗୁଡିକ ଆସୁଅଛି ।

29 ବର୍ତ୍ତମାନ, ଯଦି, କିମ୍ବା, ଯେପର୍ଯ୍ୟନ୍ତକି ଜଣେ ବ୍ୟକ୍ତି ଏଠାରେ ତାହାର ଅଧୀନରେ ଅଛନ୍ତି, ଯାଏ ଆସେ ନାହିଁ ଯେ ସେହି ବ୍ୟକ୍ତି ଜଣେ ମଦ୍ୟପ, ଏବଂ ଜଣେ ଜୁଆ ଖେଳାଳୀ, ଓ ଜଣେ ଭୟଙ୍କର ଅବିଶ୍ୱାସୀ ଅଟନ୍ତି, ତଥାପି ସୁଦ୍ଧା ପରମେଶ୍ୱରଙ୍କ ଦୟା ତାଙ୍କ ପାଇଁ ପ୍ରାୟଶ୍ଚିତ କରେ। ଏବଂ ଜଣେ ସ୍ତ୍ରୀଲୋକ, ସେ ହୋଇପାରେ, ସେ ଯାହାକିଛି ବି ହୋଇପାରନ୍ତି, ଜଣେ ବେଶ୍ୟା କିମ୍ବା ଯାହାକିଛି ବି, ତଥାପି ସୁଦ୍ଧା ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ତାଙ୍କ ପାଇଁ ପ୍ରାୟଶ୍ଚିତ କରେ। କିନ୍ତୁ ଯେଉଁ ମିନିଟରେ ତାଙ୍କ ଆତ୍ମା ଏହି ଶରୀର ଛାଡି ଚାଲିଯାଏ ଏବଂ ସେ ତାହାଠାରୁ ଆରପାରିକୁ ଚାଲିଯାଆନ୍ତି, ସେ ଦୟାକୁ ଅତିକ୍ରମ କରି ବିଚାରକୁ ଚାଲିଯାଆନ୍ତି। ପରମେଶ୍ୱର ତ ତାହାକୁ ଆଗରୁ ବିଚାର କରିସାରିଛନ୍ତି। ତାହା ଏହାକୁ ସମାଧାନ କରେ। ତାହାର ତ ହୋଇସାରିଛି। ସେ ବିଚାର କରାଯାଇଛନ୍ତି। ସେ ବିଚାରିତ ହୋଇଥିଲେ...

30 ଆପଣ ନିଜର ବିଚାର ସେହିପରି ଭାବରେ କରନ୍ତି ଯେପରିକି ଭାବରେକି ଆପଣ, ସେଠାରେ, ନିଜର ପାପଗୁଡିକ ପାଇଁ ପରମେଶ୍ୱରଙ୍କର ପ୍ରାୟଶ୍ଚିତକୁ ବ୍ୟବହାର କରନ୍ତି। ବୁଝିଲେ? ଆପଣ ନିଜର ବିଚାର କରନ୍ତି। ଆପଣ କେବଳ ନିଜକୁ କ୍ଷମା କରିବା ନିମନ୍ତେ ସେତିକି *ମାତ୍ର* ବିଚାର କରନ୍ତି ନାହିଁ। ବୁଝିଲେ? ଯଦି ଆପଣ ଭାବନ୍ତି ଯେ ସେ ଆପଣଙ୍କୁ କ୍ଷମା କରିବେ, ନିଜର ଦୋଷସବୁ ସ୍ୱୀକାର କରନ୍ତୁ, ଏବଂ ସେ ଆପଣଙ୍କୁ କ୍ଷମା କରିଦେବେ।

31 ତେବେ ଏକ ଆତ୍ମା ଦ୍ୱାରା (ଧ୍ୟାନ ଦିଅନ୍ତୁ) ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ। ଏବଂ ଯେପରି ସେହି ଶରୀର ପରମେଶ୍ୱରଙ୍କ ଦ୍ୱାରା ମୃତ୍ୟୁରୁ ପୁନରୁତ୍ଥିତ ହୋଇ, ଉପରକୁ ଉଠା ଯାଇଥିଲା, ଧାର୍ମିକ ଗଣିତ ହୋଇଥିଲା, ସ୍ୱର୍ଗରେ ତାହାଙ୍କର ଡାହାଣ ପଟେ ଶକ୍ତି ଏବଂ ମହିମାରେ ସ୍ଥାପିତ କରା ଯାଇଥିଲା, ଠିକ ସେହିପରି ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ମୃତ ଅଟନ୍ତି, ସେମାନେ ଖ୍ରୀଷ୍ଟଙ୍କଠାରେ ଥାଆନ୍ତି, ଏବଂ ବିଚାରରୁ ମୁକ୍ତ ଅଟନ୍ତି, ଓ ପୁନରୁତ୍ଥାନରେ ଫେରି ଆସିବେ।

32 ବର୍ତ୍ତମାନ। ମାତ୍ର ଯେତେବେଳେ ଆମେମାନେ ବର୍ତ୍ତମାନ ମରିଯାଉ—ଯେତେବେଳେ ଆମେମାନେ ବର୍ତ୍ତମାନ ମରିଯାଉ, ଆମେମାନେ ସୀଧାସଳଖ ଏକ ସ୍ୱର୍ଗୀୟ ଶରୀରରେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ଉପସ୍ଥିତିକୁ ଚାଲି ଯାଉ। ଯଦି ମୁଁ ସେଠାରେ ଉପରେ ଭାଇ ନେଭିଲଙ୍କୁ ସାକ୍ଷାତ କରେ, ଯଦି ଆମେମାନେ ଦୁହେଁ ବର୍ତ୍ତମାନ ମରି ଯାଉ, ତେବେ ଏହାର ଗୋଟିଏ ଘଣ୍ଟା ମଧ୍ୟରେ ମୁଁ ତାଙ୍କୁ ସାକ୍ଷାତ କରିବି; ମୁଁ କହିବି, "ଅଭିନନ୍ଦନ, ଭାଇ ନେଭିଲ୍," ତାଙ୍କ ସହିତ କଥାବାର୍ତ୍ତା କରିବି। ମୁଁ ତାଙ୍କ ସହିତ ହାତ ମିଶାଇ ପାରିବି ନାହିଁ; ସେ ଏକ ସ୍ୱର୍ଗୀୟ ଶରୀରରେ ଅଛନ୍ତି। ମୁଁ ତାଙ୍କ ସହିତ କଥା ହୋଇପାରିବି; ସେ ଠିକ ସେହିପରି ଦେଖାଯିବେ ଯେପରିକି ସେ ସେଠାରେ ଦେଖାଯାଆନ୍ତି। ମୁଁ ସେହିପରି ଦିଶିବି ଯେପରିକି ମୁଁ ଦେଖାଯାଏ। ମାତ୍ର ଆମେ ପରସ୍ପର ଜଣେ ଅନ୍ୟ ସହିତ କଥା ହୋଇପାରିବୁ, ମାତ୍ର ଆମେ ପରସ୍ପରକୁ ସ୍ପର୍ଶ କରିପାରିବୁ ନାହିଁ, କାରଣ ଆମ ପାଖରେ ଦେଖିବା, ସ୍ୱାଦ, ସ୍ପର୍ଶ, ଗନ୍ଧ, ଏବଂ ଶୁଣିବାର ପାଞ୍ଚଟି ଇନ୍ଦ୍ରିୟ ମଧ୍ୟରୁ କୌଣସିଟି ନ ଥାଏ। ବୁଝିଲେ? ମାତ୍ର ଆମେ ଅମର ହୋଇଥିବୁ,

ଏବଂ ଆମେ ପରସ୍ପରକୁ ଦେଖି ପାରିବୁ । ଆମେ ପରମେଶ୍ୱରଙ୍କ ବେଦୀର ପାର୍ଶ୍ୱରେ ଆଶୀଷିତ ପରିସରରେ ବାସ କରିବୁ । କଅଣ ଆପଣ ଜାଣନ୍ତି ନାହିଁ ଯେ ଯୋହନ ବେଦୀ ତଳେ ଥିବା ପ୍ରାଣଗୁଡିକୁ ଚିତ୍କାର କରୁଥିବାର ଦେଖିଥିଲେ, "କେତେ କାଳ, ପ୍ରଭୁ, ଆଉ କେତେ କାଳ" ଯେପରିକି ପୃଥିବୀକୁ ଫେରିଆସି ବସ୍ତ୍ର ପରିଧାନ କରିପାରିବେ?

33 ତାହାପରେ, ଯେତେବେଳେ ଯୀଶୁ, ଯିଏକି ଆମ ଭିତରେ ବର୍ତ୍ତମାନ ପବିତ୍ରଆତ୍ମା ରୂପରେ ଅଛନ୍ତି, ଯେତେବେଳେ ତାହାଙ୍କର ସ୍ୱର୍ଗୀୟ ଶରୀର, ସେହି ପବିତ୍ରଆତ୍ମା, ମହିମାମୟ ଶରୀର ସହିତ ଫେରି ଆସିବେ, ଆମେମାନେ ତାହାଙ୍କ ସହିତ ଏବଂ ତାହାଙ୍କ ସାଦୃଶ୍ୟତାରେ ମହିମାନ୍ୱିତ ହେବା । ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ତାହାପରେ ମୁଁ ତାଙ୍କ ସହିତ ହାତ ମିଶାଇ କହିବି, "ଏଠାରେ, ଭାଇ ନେଭିଲ୍ ଅଛନ୍ତି ।" ତାହାପରେ ଆମେମାନେ ଖାଇବୁ ।

34 ଦେଖନ୍ତୁ । ଯୀଶୁ ଆପଣା ଶିଷ୍ୟମାନଙ୍କୁ, ସେମାନଙ୍କର ପ୍ରଭୁଭୋଜ ନେଲା ବେଳେ କହିଥିଲେ, ସେ କହିଥିଲେ, "ମୁଁ ଏହି ଦ୍ରାକ୍ଷାକ୍ଷେତ୍ରର ଫଳ ଆଉ ଅଧିକ ଖାଇବି ନାହିଁ ଯେପର୍ଯ୍ୟନ୍ତକି ମୁଁ ଏହାକୁ ମୋ ପିତାଙ୍କ ରାଜ୍ୟରେ ନୂତନ ଭାବେ ଭୋଜନ କରେ ନାହିଁ ଏବଂ ପାନ କରେ ନାହିଁ ।" କଅଣ ତାହା ଠିକ୍ ଅଟେ? ବୁଝିଲେ? ତାହା ସେଠାରେ ଅଛି । ତେଣୁକରି, ଆମେ…ଯେତେବେଳେ ମୃତମାନେ ମରନ୍ତି…ଜଣେ ଧାର୍ମିକ ବ୍ୟକ୍ତି, ଯିଏକି ପରମେଶ୍ୱରଙ୍କ ଉପସ୍ଥିତିରେ ଛିଡା ହୋଇଥାନ୍ତି, ତାହାଙ୍କ ଉପସ୍ଥିତିକୁ ଜଣେ ଅମର ପ୍ରାଣୀ ଭାବରେ ପ୍ରବେଶ କରନ୍ତି ଓ ଶାନ୍ତିର ଆଶୀଷିତ ପରିସରରେ ସେହି ଦିନ ପର୍ଯ୍ୟନ୍ତ ବାସ କରନ୍ତି ଯେପର୍ଯ୍ୟନ୍ତକି… ଫେରି ନ ଆସନ୍ତି ।

35 ତେବେ, ଏପରି ଏକ ସମୟ ଥିଲା ଯେତେବେଳେ ଲୋକମାନେ, ସେହି ଧାର୍ମିକମାନେ ମରି ଗଲେ, ପରମେଶ୍ୱରଙ୍କ ଉପସ୍ଥିତିକୁ ପ୍ରବେଶ କରୁ ନ ଥିଲେ । ତାହା ପୁରାତନ ନିୟମରେ ଥିଲା । ସେମାନେ ପାରଦୀଶ ନାମକ ଏକ ସ୍ଥାନକୁ ଯାଉଥିଲେ, ଏବଂ ସେଠାରେ ପାରଦୀଶରେ ଧାର୍ମିକମାନଙ୍କର ପ୍ରାଣଗୁଡିକ କେବଳ ଅପେକ୍ଷା କରି ରହୁଥିଲା । ମାତ୍ର ପାରଦୀଶ ଏପରି ଏକ ସ୍ଥାନ ଥିଲା ଯେଉଁଠାରେକି ପରମେଶ୍ୱର ସେହି ପ୍ରାଣଗୁଡିକୁ ଏକ ସ୍ୱପ୍ନରାଜ୍ୟରେ ରଖିଲା ପରି ରଖୁଥିଲେ, ଯେପର୍ଯ୍ୟନ୍ତକି ଯୀଶୁଙ୍କର ରକ୍ତ ପାତିତ ହେଲା ନାହିଁ; କାରଣ ବଳଦ ଓ ଛେଳିର ରକ୍ତ ପାପକୁ ଦୂର କରେ ନାହିଁ, ଏହା କେବଳ ପାପକୁ ଆଚ୍ଛାଦନ କରିଥାଏ । ମାତ୍ର ଯୀଶୁଙ୍କର ରକ୍ତ ପାପ ଦୂର କରେ ।

36 ଆପଣ ଲକ୍ଷ୍ୟ କରନ୍ତୁ ଯେ ତାହାଙ୍କର…ଯେତେବେଳେ ସେ କାଲଭରୀରେ ମୃତ୍ୟୁବରଣ କଲେ…ଆଉ ତାହାଙ୍କର ପ୍ରତ୍ୟାବର୍ତ୍ତନରେ, ସେ ସେହି ମୃତ ସାଧୁମାନଙ୍କୁ କବରରୁ ବାହାର କରି ଆଣିଥିଲେ ଯେଉଁମାନେକି ବଳଦ, ଏବଂ ଛେଳି, ଓ ମେଷର ରକ୍ତର ପ୍ରାୟଶ୍ଚିତ୍ତ ତଳେ ମୃତ୍ୟୁବରଣ କରିଥିଲେ । ଏବଂ ସେମାନେ ନଗରରେ ପ୍ରବେଶ କଲେ (ଓଃ!) ଓ ଅନେକଙ୍କୁ ଦେଖା ଦେଲେ । କେତେ ସୁନ୍ଦର ଏକ ଚିତ୍ର ଅଟେ! ଓଃ, ଯଦି ଆମେ ଏହାକୁ ଗୋଟିଏ ମୁହୂର୍ତ୍ତ ପାଇଁ ରଙ୍ଗ କରିପାରିବା । ଯୀଶୁ ମୃତ୍ୟୁବରଣ କରୁଥିବା ବେଳେ ଦେଖନ୍ତୁ ।

37 ଏଠାରେ, ଯେପରିକି ମୁଁ ପ୍ରାୟତଃ କହିଥାଏ, ମୁଁ ବିଶ୍ୱାସ କରେ, ଯେ ଏଠାରେ ମଣ୍ଡଳୀରେ, ଏକ—ଏକ ଧାଡି ଯେପରିକି ଏଠାରେ, ସେଠାରେ ମର୍ତ୍ତ୍ୟ ପ୍ରାଣୀ ବାସ କରନ୍ତି। ଏବଂ ଆମୋଦ ପ୍ରମୋଦର, କଳା ଏବଂ ଅନ୍ଧକାରର ଏହି ମହାନ ସମାବେଶରେ ପ୍ରତ୍ୟେକ ଜଣ ଅଛନ୍ତି। ମର୍ତ୍ତ୍ୟ ଏଠାରେ ବାସ କରନ୍ତି। ତେବେ, ସେମାନେ *ଏହି* ଉପାୟରୁ, କିମ୍ବା *ସେହି* ଉପାୟରୁ ପ୍ରଭାବିତ ହୋଇଥାନ୍ତି। ଆପଣ ଏଠାରେ ଏକ ଆତ୍ମିକ ପ୍ରାଣୀ, ପାପୀ କିମ୍ବା ସାଧୁ ହୋଇ ରହିପାରନ୍ତି ନାହିଁ, ଯେପର୍ଯ୍ୟନ୍ତକି ଆପଣ ଜଗତର ତଳୁ କିମ୍ବା ଜଗତର ଉପରୁ କୌଣସି ପ୍ରଭାବ ନ ପାଆନ୍ତି। ଯଦି ଆପଣ ଏଠାରୁ ପ୍ରଭାବିତ ହୁଅନ୍ତି, ତେବେ ଆପଣ ଉପରୁ ଅଟନ୍ତି। ଆପଣଙ୍କର ସ୍ୱର୍ଗୀୟ ଶରୀର ଏଠାରେ ଉପରେ ଅପେକ୍ଷା କରୁଅଛି। ମାତ୍ର ଯଦି ଆପଣ ଦୁଷ୍ଟ, ଏବଂ କପଟୀ, ଓ ଉଦାସୀନ ଅଟନ୍ତି, ତାହାହେଲେ ଆପଣଙ୍କର ସ୍ୱର୍ଗୀୟ ଶରୀର ଏଠାରେ ତଳେ ଅଛି, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଅଧିକ ଭାବନ୍ତି ଯେ ତାହା ସେଠାରେ ଉପରେ ରହିଛି; କାରଣ ଲୋକମାନଙ୍କ ସମ୍ମୁଖରେ ଆପଣ ଯେଉଁ ଫଳ ଧାରଣ କରନ୍ତି ତାହା ଏହା ପ୍ରମାଣ କରେ ଯେ ଆପଣ କେଉଁଠାରୁ ଅଟନ୍ତି। ତେଣୁ ଆପଣ ଏଠାରେ ତାହା ଅଟନ୍ତି ଯାହା ଆପଣ ଅନ୍ୟ କୌଣସି ସ୍ଥାନରେ ରହିଥାନ୍ତି। ଆପଣଙ୍କର ଜୀବନ ଯାହା ଆପଣ ଏଠାରେ ବ୍ୟତୀତ କରନ୍ତି ତାହା କେବଳ ସେହି ବିଷୟକୁ ପ୍ରତିଫଳିତ କରେ ଯାହାକି ଆପଣଙ୍କର ଅଧିକାର ଅଟେ ଯେତେବେଳେ ଆପଣ ଏହି ସ୍ଥାନକୁ ଛାଡି ଚାଲିଯାଆନ୍ତି। କଅଣ ଆପଣ ବୁଝିଲେ କି?

38 ଆମେମାନେ ଠିକ ବର୍ତ୍ତମାନ (ଓଃ, ଯେତେବେଳେ ମୁଁ ତାହା ବିଷୟରେ ଚିନ୍ତା କରେ) ଆମେମାନେ ଠିକ ବର୍ତ୍ତମାନ ପରମେଶ୍ୱରଙ୍କ ଉପସ୍ଥିତିରେ ଗୌରବାନ୍ୱିତ ଭାବରେ ଅଟୁ, ନୂତନ ଜନ୍ମ ପାଇଥିବା ବିଶ୍ୱାସୀ ଭାବରେ। "କାରଣ ଯଦି ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ତେବେ ଆମ୍ଭମାନଙ୍କର ଆଉ ଏକ ଗୃହ ମହିମାରେ ଅପେକ୍ଷା କରୁଅଛି," ଅନ୍ୟ କୌଣସି ସ୍ଥାନରେ ନୁହେଁ, ଠିକ୍ ଆରପାରିରେ ବର୍ତ୍ତମାନ ଅପେକ୍ଷା କରୁଅଛି। ଏବଂ ଏହି ପାର୍ଥିବ ଶରୀରଗୁଡ଼ିକ ସେହି ଅମରତାକୁ ପରିଧାନ କରିବା ନିମନ୍ତେ ଆର୍ତ୍ତନାଦ କରୁଅଛି। କଅଣ ତାହା ଠିକ୍ କି? ଅସୁସ୍ଥତା, ଏବଂ କଷ୍ଟ, ଏବଂ ଯନ୍ତ୍ରଣା, ଏବଂ ନିରାଶା, ଏବଂ ହୃଦାଘାତ, ଏବଂ…ଓଃ! ମୁଁ ଆନନ୍ଦିତ ହେବି ଯେତେବେଳେ ଏହି ପୁରୁଣା କୀଟପୂର୍ଣ୍ଣ ଆବାସ ଭାଙ୍ଗିଯିବ, କଅଣ ଆପଣ ହେବେ ନାହିଁ କି? ହଁ, ଆଜ୍ଞା! ଆମେମାନେ ଘରକୁ ଯାଇପାରୁ। ତାହା ଠିକ୍ ଅଟେ।

39 ଠିକ ଯେପରି, ଆମେମାନେ, ବସ୍ତ୍ର ପରିଧାନ କରିବା ନିମନ୍ତେ ଆର୍ତ୍ତନାଦ କରୁଅଛୁ, ସେହିପରି ଆତ୍ମା ମଧ୍ୟ ଆର୍ତ୍ତନାଦ କରୁଅଛି। ଓଃ, ଯେତେବେଳେ ଆପଣ ଅନାନ୍ତି ଏବଂ ଚାରିପାଖରେ ଥିବା ସମସ୍ତ ଯନ୍ତ୍ରଣାକୁ ଦେଖନ୍ତି, ସମସ୍ତ ସମାବେଶ, ଦୁର୍ଗନ୍ଧ, ଏବଂ ପାପକୁ, ଓ ମର୍ତ୍ତ୍ୟ ଜୀବନ, ଏବଂ ପ୍ରତାରଣାକୁ, ଏବଂ ସବୁକିଛିକୁ, ମୁଁ ଭାବେ, "ହେ, ପରମେଶ୍ୱର, ଏହା ଆଉ କେତେ ଦିନ ଲାଗି ରହିବ?"

40 ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ ମୁଁ ମୋର ଶେଷ ଉପଦେଶ ପ୍ରଚାର କରିବାକୁ

ଯାଉଅଛି, ଏହିପରି ଭାବରେ ବାଇବଲକୁ ଥୋଇ, ଘରକୁ ଚାଲିଯିବାକୁ ଯାଉଅଛି । ଓଃ, ତାହା କି ଏକ ସମୟ ହେବ । ଏବଂ ଯେତେବେଳେ ଏହି ତମ୍ବୁରୂପ ପାର୍ଥିବ ଗୃହ ଏଠାରେ ଭାଙ୍ଗିଯାଏ, ଏହା ଗୋଟିଏ ସେକେଣ୍ଡ ସୁଦ୍ଧା ଲାଗିବ ନାହିଁ ଯେତେବେଳେକି ମୁଁ ସେପାରିରେ ଅନ୍ୟ ଥିରେ ଚାଲିଯିବି; ଆପଣ ମଧ୍ୟ ଯିବେ । ଓଃ ମୋର ପ୍ରଭୁ! ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ କହିଥିଲେ:

> ମାଂସମୟ ଏହି ପୋଷାକ ମୁଁ ପରିତ୍ୟାଗ କରିବି, ଏବଂ ଉଠିବି,
> ଏବଂ ଅନନ୍ତ ପୁରସ୍କାର ଦଖଲ କରିବି,
> ଏବଂ ମଧ୍ୟ ଆକାଶ ଦେଇ ଯିବାବେଳେ ଉଚ୍ଚ ପାଟି କରିବି ।

ନିଶ୍ଚିତରେ, ଉପରକୁ ଯାଉଥିବି ।

41 ତେବେ, ତାହା କେଉଁଠାରେ ଅଛି? ଆମେ ତାହା କେବେ ପ୍ରାପ୍ତ ହେବା? ବର୍ତ୍ତମାନ! "ଯେଉଁମାନଙ୍କୁ ସେ ଧାର୍ମିକ ଗଣନା କଲେ, ସେମାନଙ୍କୁ ସେ ଗୌରବାନ୍ୱିତ ମଧ୍ୟ କଲେ ।" ଏବଂ କଅଣ ଆପଣ ଅନୁଭବ କରନ୍ତି ଯେ ଆମର ଗୌରବାନ୍ୱିତ, ଅମର ଶରୀରଗୁଡାକ ଠିକ ବର୍ତ୍ତମାନ ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ରହି, ଆମମାନଙ୍କର ଆଗମନର ଅପେକ୍ଷା କରୁଅଛି?

42 କଅଣ ଆପଣ ଜାଣିଛନ୍ତି କି ଯେତେବେଳେ ଏକ ଶିଶୁ ଏହି ପୃଥିବୀରେ ଜନ୍ମ ହୁଏ, ତାହା ପ୍ରସବ କରିବା ପୂର୍ବରୁ ତାହା ପାଖରେ ଜୀବନ ଥାଏ । ମାତ୍ର ତାହା ପ୍ରସବ କରାଯାଇ ନାହିଁ । ଏବଂ ସେହି ଶିଶୁଟି ଆସିବା ମାତ୍ରେ...ଏହା ଆରମ୍ଭ ହୁଏ...ଜନ୍ମ ନିଏ...ତାହାର ଫୁସଫୁସ ସବୁ ବନ୍ଦ ଥାଏ, ଏବଂ ତାହା ମୃତ ଥାଏ । ଏହାର ମାଂସପେଶୀ ଥରୁଥାଏ ଏବଂ ହଲଚଲ ହେଉଥାଏ । ମାତ୍ର ପ୍ରଥମ ବିଷୟ, ଗୋଟିଏ କିମ୍ବା ଦୁଇଟି ଚାପୁଡା [ଭାଇ ବ୍ରାନହାମ୍ ତାଳି ବଜାନ୍ତି—ସମ୍ପା ।] *ସେହିପରି* ଭାବେ, ଆଉ ସେ "*ଅଣ ନିଶ୍ୱାସୀ!*" ହୋଇ ତାର ନିଶ୍ୱାସକୁ ନେବ । ମାମଲାଟି କଅଣ? ଠିକ ଯେତେବେଳେ ସେହି ପ୍ରାକୃତିକ ଶରୀରଟି ମାଆ ଗର୍ଭ ଭିତରେ ଗଠନ ହୋଇଥାଏ, ସେଠାରେ ସେହି ଶିଶୁର ଜନ୍ମ ହେବା ମାତ୍ରେ ତାହାକୁ ଗ୍ରହଣ କରିବା ନିମନ୍ତେ ଏକ ଆତ୍ମିକ ଶରୀର ଅପେକ୍ଷାରେ ରହିଥାଏ ।

43 ଏବଂ ଯେତିକି ସୁନିଶ୍ଚିତ ଏହି ଆତ୍ମିକ ଶରୀର ଗଠନ ହେବା ଅଟେ, ସେତିକି ସୁନିଶ୍ଚିତ ସେହି ଶରୀରକୁ ଗ୍ରହଣ କରିବା ନିମନ୍ତେ ଏକ ପ୍ରାକୃତିକ ଶରୀର ଅପେକ୍ଷା କରି ରହିଥାଏ ଯେତେବେଳେ ତାହା ଏହି ଜଗତରୁ ବାହାରି ଯାଏ । ବୁଝିଲେ? ଅପର ପକ୍ଷେ ମଧ୍ୟ ସେହିପରି ଅଟେ, ପୁନର୍ବାର ଠିକ ଏଦନ ମଧ୍ୟକୁ ଫେରିଯାଉ (ବୁଝିଲେ?), ଠିକ୍ ପଛକୁ ।

44 ତେବେ ସେଠାରେ, ପରମେଶ୍ୱର...ମୃତ୍ୟୁ କାହିଁକି, ତାହା ତ—ତାହା ତ ସେଠାରେ ଥିବା ମୃତ୍ୟୁର ସମସ୍ତ ନାହୁଡକୁ ବାହାର କରିଦିଏ । ଏବଂ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ପାଉଲ ଛିଡା ହୋଇ ତାହା କହିପାରିଥିଲେ, "ରେ ମୃତ୍ୟୁ, କାହିଁ ତୋର ନାହୁଡ? ରେ କବର, କାହିଁ ତୋର ଜୟ?" ସେ କହିଲେ, "ପରମେଶ୍ୱରଙ୍କର ଧନ୍ୟବାଦ ହେଉ, ଯିଏକି ଆମକୁ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ବିଜୟ ପ୍ରଦାନ କରନ୍ତି ।" ହଁ, ମହାଶୟ । ଏହି ତମ୍ବୁରୂପ ପାର୍ଥିବ ଗୃହ

ଯଦି ଭାଙ୍ଗିଯାଏ ତାହାହେଲେ ଆମର ଆଉ ଏକ ଗୃହ ଅପେକ୍ଷା କରୁଅଛି, ତେଣୁକରି ଏହାକୁ କେବଳ ଭୁଲିଯାଆନ୍ତୁ ।

45 ତେବେ ହେ ବନ୍ଧୁ, ଆପଣଙ୍କ ପ୍ରତି, ଯଦି ଆପଣ ଜଣେ ପାପୀ ଯିଏକି ଏହାକୁ ପଚାରିଛନ୍ତି, ତେବେ ପରମେଶ୍ୱର ଆପଣଙ୍କ ପ୍ରତି ଦୟା କରନ୍ତୁ । ହଁ, ମହାଶୟ! ଆପଣ ବର୍ତ୍ତମାନ କେବଳ ନିନ୍ଦିତ ନୁହଁନ୍ତି, ଏଠାରେ ନୁହେଁ, ନା! ଆପଣ ସମୃଦ୍ଧି ଲାଭ କରିବେ ଏବଂ ବୃଦ୍ଧି ସାଧନ କରିବେ । ଏବଂ ତାହା ସବୁ ପରମେଶ୍ୱରଙ୍କ ଦୟା ଦ୍ୱାରା ଅଟେ । ତାହା ସବୁ ପରମେଶ୍ୱରଙ୍କ ଦୟା ଦ୍ୱାରା ଅଟେ ଯେ ଆପଣ ସମୃଦ୍ଧି ଲାଭ କରିବେ ଏବଂ ଆପଣ ଯାହା କରୁଛନ୍ତି ତାହା କରିବେ । ତାହା ସତ ଅଟେ । ମାତ୍ର ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ, ଯଦି ଆପଣ ଜଣେ ପାପୀ ଅଟନ୍ତି ଏବଂ ଆପଣଙ୍କର ପ୍ରାଣ ବାହାରି ଯାଏ, ତାହାହେଲେ ଏହା ବିଚାର ମଧ୍ୟକୁ ଚାଲିଯିବ ଏବଂ ନିନ୍ଦିତ ହେବ । ଆଉ ତାହାପରେ, ଆପଣ ନିକ୍ଷେପ କରାଯିବେ, ଏବଂ ଆପଣ ସେହି ଦିନ ପର୍ଯ୍ୟନ୍ତ ଯନ୍ତ୍ରଣା ଭୋଗିବେ ଯେପର୍ଯ୍ୟନ୍ତକି ସେହି ଦିନ ଯେତେବେଳେ ଆପଣଙ୍କୁ ପୁନର୍ବାର ଏହି ପୃଥିବୀକୁ ଫେରାଇ ଅଣାଯିବ । ଏବଂ ଆପଣ ଏକ ଅମର ଶରୀର ପାଇବେ, ଏପରି ଏକ ଅମର ଶରୀର ଯାହାକି ମରିପାରେ ନାହିଁ, ଆଉ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଯିବେ ଯେଉଁଠାରେକି କ୍ରନ୍ଦନ କରିବା, ବିଳାପ କରିବା, ଏବଂ ଦାନ୍ତର କଡ଼ମଡ଼ କରିବା ହେବ । ଆପଣ ନରକରେ ନିକ୍ଷେପ କରାଯିବେ, ଯେଉଁଠାରେକି ସେହି ପୋକ କେବେ ମରେ ନାହିଁ କିମ୍ବା ନିଆଁ କେବେ ଦଗ୍ଧ ହୁଏ ନାହିଁ, ଏବଂ ଆପଣ ଆଗାମୀ ସମସ୍ତ ଯୁଗମାନ ଦେଇ ଯନ୍ତ୍ରଣା ଭୋଗ କରିବେ । ଯୀଶୁ ତାହା କହିଲେ । ତାହା ଏକ କଳା ଚିତ୍ର ଅଟେ, ମାତ୍ର ଏହାହିଁ ତାହା ଅଟେ ଯାହାକି ବାଇବଲ କୁହେ ।

46 ଯଦି ପରମେଶ୍ୱର ପାପକୁ ଏତେ ନିନ୍ଦା କରିଥିଲେ ଏବଂ ତାହା ପାଇଁ ଏତେ ଅଧିକ ମୂଲ୍ୟ ଦେଇଥିଲେ, ତାହାହେଲେ ସେତେବେଳେ କଅଣ ହେବ ଯଦି ସେହି ଅଧାର୍ମିକ ଆତ୍ମାଗୁଡିକ ପୁନର୍ବାର କେବେ ମୁକ୍ତ କରାଯିବେ? ଆମ ପାଖରେ ଆଉ ଏକ ବିଷୟ ରହିବ ଯେପରିକି ଆମ ପାଖରେ ଗତ ଛଅ ହଜାର ବର୍ଷରେ ରହିଥିଲା । କଅଣ ତାହା ଠିକ୍ କି? ସେଠାରେ ଆଉ ଏକ ସୁଯୋଗ କେବେବି ରହିବ ନାହିଁ ।

47 ବର୍ତ୍ତମାନ ଆପଣ କୁହନ୍ତି, "ତେବେ, ମୁଁ ବିଶ୍ୱାସ କରେ ଯେ ଯେତେବେଳେ ଆପଣ କବରକୁ ଯାଆନ୍ତି ଆପଣ—ଆପଣ ନରକକୁ ଯାଆନ୍ତି ।" ଆପଣଙ୍କର ଶରୀର ନରକକୁ ଯାଏ, ତାହା ଠିକ୍ । *ନରକ* ଅର୍ଥ "ପୃଥକ୍କୀରଣ ।" *ମୃତ୍ୟୁ* ଅର୍ଥ "ପୃଥକ୍କୀରଣ ।" ଆପଣଙ୍କର ଶରୀର ମରିଯାଏ, ପୃଥକ୍ ହୋଇଯାଏ । ଆପଣ ଏଠାରେ ନିଜର ପ୍ରିୟ ଲୋକମାନଙ୍କଠାରୁ ଦୂରେଇ ଯାଆନ୍ତି, ମାତ୍ର ଏହା ତାହା ନୁହେଁ ଯାହା ବିଷୟରେ ଆମେ କହୁଅଛୁ । "ଏହା ଥରେ ମନୁଷ୍ୟର ମରିବା ନିଯୁକ୍ତ ଅଟେ, ତାହାପରେ, ବିଚାର ଉପସ୍ଥିତ ହୁଏ ।" ବୁଝିଲେ?

48 ବର୍ତ୍ତମାନ, ଯେତେବେଳେ ଆପଣ…ଯଦି ଆପଣଙ୍କୁ ପରମେଶ୍ୱରଙ୍କ ବିଚାରର ସମ୍ମୁଖିନ ହେବାକୁ ପଡ଼େ, ତାହାହେଲେ ଆପଣ ଜଣେ କ୍ରୋଧିତ ପରମେଶ୍ୱରଙ୍କ ଦ୍ୱାରା ବିଚାର

କରାଯିବାକୁ ଯାଉଅଛନ୍ତି। ଏବଂ ପରମେଶ୍ୱର କରିବାକୁ ଯାଉଛନ୍ତି...ସେ ପୂର୍ବରୁ ଘୋଷଣା କରିସାରିଛନ୍ତି ଯାହା ସେ କରିବାକୁ ଯାଉଥିଲେ। ତେଣୁକରି ଆପଣଙ୍କର ସେଠାରେ ପହଞ୍ଚିବା ପୂର୍ବରୁ ଆପଣ ଜାଣିଥାଆନ୍ତି ଯେ ଆପଣଙ୍କର ବିଚାର କଅଣ ହେବ। ତେଣୁ କରିବା ନିମନ୍ତେ କାର୍ଯ୍ୟ ହେଉଛି ଉଦ୍ଧାରପ୍ରାପ୍ତ ହେବା ଓ ଏହି ଗୌରବାନ୍ୱିତ ବିଷୟକୁ ପ୍ରାପ୍ତ କରିବା...

49 ଦେଖନ୍ତୁ। ଯଦି ମୋତେ କରିବାକୁ ପଡେ...ଯଦି ମୋର ଆତ୍ମା...ଦେଖନ୍ତୁ, ଆମେ କୌଣସି କିଛି ମୃତ ବିଷୟ ନୋହୁଁ; ଆମେମାନେ ଜୀବିତ ଅଟୁ। ଯଦି—ଯଦି ମୋର...ଯଦି ଏଠାରେ ଏହି ମେଜ...ଯଦି ଏହି କାଠ ପଟାରେ ଜୀବନ ଥାଆନ୍ତା ଯାହାକି ମୋ ଆଙ୍ଗୁଠିରେ ଅଛି, ତେବେ ସେହି ମେଜ, ଏବଂ ତାହା ପାଖରେ ଘୁଞ୍ଚା ଯିବା ପାଇଁ ଏକ ବୁଦ୍ଧିମତ୍ତା ଥାଆନ୍ତା, ତେବେ ଏହା ମୋ ଆଙ୍ଗୁଠି ପରି ଗତି କରିପାରନ୍ତା। ଆମେ ସେହି ପ୍ରକାରର ପଦାର୍ଥରେ ନିର୍ମିତ ହୋଇ ନାହୁଁ। ଆମେ କୋଷଗୁଡ଼ିକରେ—ରେ—ରେ—ରେ, ଓ ଜୀବନରେ, ଏବଂ ତନ୍ତୁରେ ନିର୍ମିତ ହୋଇଅଛୁ; ଆଉ ଏଠାରେ ଏକ ଆତ୍ମା ଅଛି ଯାହାକି ଏହିସବୁକୁ ନିୟନ୍ତ୍ରଣ କରେ। ଏବଂ ଦେଖନ୍ତୁ ଯେ ଏହାକୁ କେତେ ଶୀଘ୍ର ଗତି କରିବାକୁ ପଡିଥାଏ। ଏଠାରେ ଦେଖନ୍ତୁ; ମୋର ହାତ ତାହା ସ୍ପର୍ଶ କରେ। ତେବେ, ଅନତି ଶୀଘ୍ର...ସେଠାରେ ଏକ ନକାରାତ୍ମକ ଓ ସକାରାତ୍ମକ ପ୍ରତିକ୍ରିୟା ହେବା ଆବଶ୍ୟକ। ମୋ ଆଙ୍ଗୁଠି ତାହା ଛୁଇଁବା ମାତ୍ରକେ, ଏହା ତାହା ଅନୁଭବ କରେ। ତାହା ଅତି ଶୀଘ୍ର ମୋ ମସ୍ତିଷ୍କକୁ ଯାଏ, ଏବଂ ମୋର ମସ୍ତିଷ୍କ କହେ, "ତାହା ଥଣ୍ଡା ଅଛି," ଆଉ ଫେରିଯାଏ। ଦେଖନ୍ତୁ ତାହା କେତେ ଶୀଘ୍ର ଅଟେ? ବିଚାରଠାରୁ ଶୀଘ୍ର, ଯେକୌଣସି ବିଷୟଠାରୁ ଶୀଘ୍ର, ସେଠାରେ ସେହି କାର୍ଯ୍ୟ ଅଟେ। ଏହା କଅଣ ଅଟେ? ସେଠାରେ କୌଣସି କିଛି ଜୀବନ୍ତ ବିଷୟ ଅଛି, ଏବଂ ସେହି ସ୍ନାୟୁ ମସ୍ତିଷ୍କରେ କାମ କରେ। ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ସେହି ସ୍ନାୟୁ ଏହାକୁ ସ୍ପର୍ଶ କରେ, ଅନୁଭବ କରେ, ଓ ମସ୍ତିଷ୍କକୁ କହେ, "ଏହା ଥଣ୍ଡା ଅଟେ।" ମସ୍ତିଷ୍କ କୁହେ ଏହା ଥଣ୍ଡା ଅଛି, କାରଣ ଏହା ସ୍ନାୟୁ ଦ୍ୱାରା ଅନୁଭବ କରାଯାଏ। ଓଃ, ମୋର ପ୍ରଭୁ! ଆପଣ ଏକ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବା ବିଷୟରେ କୁହନ୍ତି।

50 ଆଉ ତାହାପରେ, ସେହି ସମସ୍ତ କିଛି...ଆମେ ଚିନ୍ତା କରୁଥିବା ପ୍ରତ୍ୟେକ ବିଚାରକୁ ପରମେଶ୍ୱର କିପରି କେତେ ଶୀଘ୍ର ଜାଣି ନିଅନ୍ତି। ଯାହା କିଛି ଆମେ ସମସ୍ତ କରୁ, ସେ ତାହା ଜାଣନ୍ତି।

ତେଣୁକରି ଯେତେବେଳେ ସେହି ବିଶ୍ୱାସୀ ମରେ, ସେ ନିଜର ସୃଷ୍ଟିକର୍ତ୍ତା, ନିଜର ପରମେଶ୍ୱରଙ୍କ ଉପସ୍ଥିତିକୁ ଚାଲିଯାଏ। ଏବଂ ସେହି ପାପୀ, ଯେତେବେଳେ ସେ ମରେ, ନିଜର ଗନ୍ତବ୍ୟ ସ୍ଥଳକୁ ଚାଲିଯାଏ। ତାହାପରେ ଫେରିବା ସମୟରେ...ବର୍ତ୍ତମାନ, ମୁଁ ତେବେ ମନୋନୀତମାନଙ୍କ ବିଷୟରେ କହୁଅଛି।

51 ମାତ୍ର ସେଠାରେ କେତେକେ ଅଛନ୍ତି ଯେଉଁମାନେକି ଦ୍ୱିତୀୟ ପୁନରୁତ୍ଥାନରେ ଉଠି ଆସିବେ, ଯେଉଁମାନଙ୍କୁକି ପାପୀ ସହିତ ବିଚାର କରାଯିବା ପାଇଁ, ନ୍ୟାୟରେ ଛିଡା ହେବାକୁ ପଡିବ। ମୁଁ ତାହା ପାଇବାରେ ସୁନିଶ୍ଚିତ ହେବାକୁ ଚାହେଁ। ବୁଝିଲେ?

52 ତେବେ, ସେଠାରେ ହେବ...ପ୍ରଥମେ ଯାହା ଘଟିବ ତାହା ହେଲା କନ୍ୟାର ସେହି—ସେହି ଆଗମନ ହେବ। ଜଗତରେ ଲୋକମାନେ ଥିବେ...ମୁଁ...ଆପଣ ଏହା ସହିତ ଟିକିଏ ଭିନ୍ନ ମତ ରଖିପାରନ୍ତି, ମାତ୍ର ଧ୍ୟାନ ଦେଇ ଶୁଣନ୍ତୁ। ଯେହେତୁ ଆପଣ କେବଳ ଯେ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି, ତାହାର ଅର୍ଥ ଏହା ନୁହେଁ ଯେ ଆପଣ ଉର୍ଦ୍ଧାନ୍ତିକରଣରେ ଯାଉଛନ୍ତି। ତାହା ତ ମନୋନୀତମାନଙ୍କ ପାଇଁ ଅଟେ, ଯେଉଁମାନେକି ଉର୍ଦ୍ଧାନ୍ତିକରଣରେ ଯିବେ। ପୃଥିବୀରେ ଏଠାରେ ଏକ ଅବଶିଷ୍ଟାଂଶ ରହିଥିବେ ଯେଉଁମାନେକି ତାଡନା ଏବଂ ମହା କ୍ଳେଶ ଦେଇ ଗତି କରିବେ। ମଣ୍ଡଳୀ ଉର୍ଦ୍ଧାନ୍ତିକରଣରେ ଚାଲି ଯିବ।

53 ଏଠାରେ ଥିବା କେତେଜଣ ସ୍ତ୍ରୀଲୋକ ଏହା ଜାଣନ୍ତି ନାହିଁ ଯେ ଯେତେବେଳେ ଆପଣ ଜିନିଷପତ୍ରର ଏକ ଖଣ୍ଡ କାଟିବାକୁ ଯାଉଥାନ୍ତି, ସେତେବେଳେ ଆପଣ ଏହିପରି ଭାବରେ ସାମଗ୍ରୀକୁ ବିସ୍ତାରିତ କରି ରଖନ୍ତି, ଏବଂ ତାହା ଉପରେ ନିଜର ନମୁନାକୁ ଏହିପରି ଭାବରେ ରଖନ୍ତି, ଆଉ ଆପଣ ନମୁନା ଅନୁଯାୟୀ ସାମଗ୍ରୀକୁ କାଟନ୍ତି। କଅଣ ତାହା ଠିକ୍ କି? ଏବଂ ବାକି ସାମଗ୍ରୀ ମଧ୍ୟ ଠିକ ସେହି ସମାନ ପ୍ରକାରର ସାମଗ୍ରୀ ଅଟେ ଯାହାକି ନମୁନାରେ ରହିଛି। କଅଣ ତାହା ଠିକ୍ କି? ମାତ୍ର ଆପଣ ଏହି ପ୍ରକାରଟିକୁ ଗ୍ରହଣ କରନ୍ତି। ଆପଣ ଏହାକୁ ପରେ ବ୍ୟବହାର କରିବା ପାଇଁ ଅନ୍ୟତ୍ର ରଖିପାରନ୍ତି, କିନ୍ତୁ ସେହି—ସେହି ସାମଗ୍ରୀ ଯାହା ଆପଣ ସେଥିରୁ କାଟିଲେ...

54 ତେବେ, ନମୁନାକୁ ସେଠାରେ କିଏ ସ୍ଥାପନ କରେ? ପରମେଶ୍ୱର, ନିର୍ବାଚନ ଦ୍ୱାରା। ଆମେନ୍! ପରମେଶ୍ୱର ନିର୍ବାଚନ ଦ୍ୱାରା ନମୁନାକୁ ସ୍ଥାପନ କରନ୍ତି। ସେ କହିଲେ, "ତେବେ, ମୁଁ ଜଗତର ପତ୍ତନାବଧିରୁ ମନୋନୀତ କରିଅଛି...ମୁଁ ଏଗୁଡିକୁ ସ୍ଥାପନ କରେ..." କାହିଁକି, ଯୀଶୁ ଶିଷ୍ୟମାନଙ୍କୁ କହିଥିଲେ ଯେ ସେ ସେମାନଙ୍କ ସହିତରେ ଥିଲେ, ଏବଂ ସେ ସେମାନଙ୍କୁ ମନୋନୀତ କରିଥିଲେ, ଏବଂ ଏପରିକି ଜଗତର ମୂଳଦୁଆ ସ୍ଥାପନ ହେବା ପୂର୍ବରୁ ସୁଦ୍ଧା ସେମାନଙ୍କୁ ଜାଣିଥିଲେ। କଅଣ ତାହା ଠିକ୍ ଅଟେ? ତେଣୁ ପରମେଶ୍ୱର ନମୁନା ସ୍ଥାପନ କରନ୍ତି। ତେବେ, ସେଠାରେ ଏକ ମନୋନୀତ ସମୂହ ରହିବ ଯାହାକି ଉର୍ଦ୍ଧାନ୍ତିକରଣରେ ଚାଲି ଯିବ। ଏବଂ ସେଠାରେ ଲୋକମାନଙ୍କର ଏକ ଗୋଷ୍ଠୀ ରହିବ ଯାହାକି ଉତ୍ତମ, ସରଳ, ପବିତ୍ର ଜୀବନ ଯାପନ କରୁଥିବା, ପରମେଶ୍ୱରଙ୍କ- ଦ୍ୱାରା ଉଦ୍ଧାରପ୍ରାପ୍ତ ଲୋକମାନେ ଅଟନ୍ତି, ଯେଉଁମାନେକି ଉର୍ଦ୍ଧାନ୍ତିକରଣରେ ଯିବେ ନାହିଁ; ଏବଂ ସେମାନେ ଦ୍ୱିତୀୟ ପୁନରୁତ୍ଥାନରେ ଆସିବେ, କାରଣ...

55 ଓଃ, ମୁଁ—ମୁଁ ଆଶା କରେ ଯେ ଆପଣ ମୋ ଉପରେ କ୍ରୋଧ କରିବେ ନାହିଁ ଯଦି ମୁଁ ଏଠାରେ ଆପଣମାନଙ୍କ ସମ୍ମୁଖରେ କିଛି ବିଷୟକୁ ପ୍ରକୃତରେ ସରଳ ଭାବେ ଉପସ୍ଥାପିତ କରେ। ବୁଝିଲେ? ତାହା କରନ୍ତୁ ନାହିଁ। ମୋତେ—ମୋତେ ଏହା କହିବାକୁ ପଡିବ, କାରଣ ମୁଁ...ଏହା କହିବା ପାଇଁ କେବଳ ତାହା (ଆପଣ ବୁଝିଲେ?) ମୋତେ ଚାପି ରଖୁଛି। ଦେଖନ୍ତୁ। ତେବେ ଦେଖନ୍ତୁ। ତାହାପରେ, ମୁଁ ଏହା କହିବାକୁ ଯାଉଛି: ସେଠାରେ ଏକ ଲୋକ ଅଛନ୍ତି ଯେଉଁମାନେକି ବିଶ୍ୱାସ ଦ୍ୱାରା ଧାର୍ମିକ ଗଣାଯିବା ଉପରେ ବିଶ୍ୱାସ କରନ୍ତି (ବୁଝିଲେ?), ଏବଂ

ସେମାନେ ଏକ ଭଲ, ନିର୍ମଳ, ପବିତ୍ର ଜୀବନ ଯାପନ କରନ୍ତି; ସେମାନେ ପବିତ୍ରତାରେ ମଧ୍ୟ ବିଶ୍ୱାସ କରନ୍ତି, ଗ୍ରହଣ କରିଥାନ୍ତି…

56 ଯିହୂଦା ଇସ୍କାରିୟୋତିକୁ ଦେଖନ୍ତୁ। ଯେତେବେଳେ ଯିହୂଦା ଇସ୍କାରିୟୋତି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କଲା ଓ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ରୂପେ ଗ୍ରହଣ କଲା, ସେତେବେଳେ ଯିହୂଦା ଇସ୍କାରିୟୋତି ଧାର୍ମିକ ଗଣିତ ହୋଇଥିଲା, ଯିହୂଦା ଇସ୍କାରିୟୋତି। ଯୋହନ 17:17 ରେ ଯିହୂଦା ଇସ୍କାରିୟୋତି ପବିତ୍ରୀକୃତ କରାଯାଇଥିଲା ଏବଂ ମାଥିଉ 10 ରେ ଶକ୍ତି ପ୍ରଦାନ କରା ଯାଇଥିଲା ଯେ ସେ ଯାଇ ଦୁଷ୍ଟାତ୍ମାଗୁଡିକୁ ଛଡାଇବେ। ଏବଂ ଯିହୂଦା ଇସ୍କାରିୟୋତି ରୋଗୀମାନଙ୍କୁ ସୁସ୍ଥ କରି ଓ ଦୁଷ୍ଟାତ୍ମାଗୁଡିକୁ ଛଡାଇ, ଫେରି ଆସିଲା, ଆଉ ସେ ଆନନ୍ଦ ଉଲ୍ଲାସରେ କରି ଓ ଉଚ୍ଚ ପାଟିରେ ଚିତ୍କାର କରି ଫେରି ଆସିଲା, ଠିକ ଯେପରିକି ଜଣେ ଉତ୍ତମ ପବିତ୍ର-ଧର୍ମୋନ୍ମତ୍ତ ଲୋକକୁ ଆପଣ କେବେ ଦେଖିଥିବେ। କଅଣ ତାହା ଠିକ୍ ଅଟେ? ବାଇବଲ ତାହା ବ୍ୟକ୍ତ କରେ। ମାତ୍ର ଯେତେବେଳେ ସେ ପେଣ୍ଟିକଷ୍ଟକୁ ଆସିଲା, ସେ ନିଜର ରଙ୍ଗକୁ ଦେଖାଇଲା। ତେବେ ସେହି ଆତ୍ମାକୁ—କୁ ଦେଖନ୍ତୁ।

57 ଆଜି ଜଗତରେ ଲୋକମାନେ ଅଛନ୍ତି, ଉତ୍ତମ ଖ୍ରୀଷ୍ଟିଆନ ଲୋକମାନେ ଯେଉଁମାନେକି ଧାର୍ମିକ ଗଣିତ ହେବା ଉପରେ ବିଶ୍ୱାସ କରିବେ, ସେମାନଙ୍କ ମଧ୍ୟରୁ ଅନେକ, ହଜାର ହଜାର, ଲକ୍ଷ ଲକ୍ଷ ଯେଉଁମାନେକି ଧାର୍ମିକ ଗଣିତ ହେବା ଉପରେ ବିଶ୍ୱାସ କରନ୍ତି। ମାତ୍ର ସେମାନଙ୍କର ପବିତ୍ରୀକରଣ ସହିତ କୌଣସି ସମ୍ପର୍କ ରହିବ ନାହିଁ। ଆମେମାନେ କହିବା ଯେ ତାହା ହେଉଛନ୍ତି ପ୍ରେସ୍‌ବିଟେରିଆନ୍, ଏପିସ୍କୋପାଲିଆନ୍, ଓ ଇତ୍ୟାଦି। ସେମାନେ ଧାର୍ମିକ ଗଣିତ ହେବା ଉପରେ ବିଶ୍ୱାସ କରନ୍ତି; ତାହା ପ୍ରଚାର କରନ୍ତି। ଆଉ ତାହା ଉତ୍ତମ ଅଟେ; ସେମାନେ ଠିକ୍ ଅଟନ୍ତି।

58 ମାତ୍ର ବର୍ତ୍ତମାନ, ସେହି—ସେହି ନାଜରିନ୍‌ମାନେ, ପିଲ୍‌ଗ୍ରିମ୍ ହୋଲିନେସ୍, ଫ୍ରି ମେଥୋଡିଷ୍ଟ ଉପରକୁ ପବିତ୍ରୀକରଣ ନିକଟକୁ ଯାଆନ୍ତି। ସେମାନେ ପବିତ୍ରୀକରଣ ଉପରେ ବିଶ୍ୱାସ କରନ୍ତି। ସଠିକ୍ ଭାବରେ! ସେମାନେ ଠିକ୍ ଅଟନ୍ତି। ଏବଂ ସେମାନେ ଜୟ ପାଆନ୍ତି, ଓ ଉଚ୍ଚ ପାଟିରେ ଚିତ୍କାର କରନ୍ତି, ଓ ପ୍ରଭୁଙ୍କର ପ୍ରଶଂସା କରନ୍ତି। ସେମାନେ ସଠିକ୍ ଅଟନ୍ତି; ସେମାନେ ଠିକ୍ ଅଟନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କାହାରି ଜଣକାକୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟରେ କୁହନ୍ତୁ, ଏବଂ ଶକ୍ତି, ଓ ଚିହ୍ନ, ଏବଂ ଚମତ୍କାର ବିଷୟରେ କୁହନ୍ତୁ, ସେମାନେ ଠିକ ସେଠାରେ ସେମାନଙ୍କର ରଙ୍ଗକୁ ଦେଖାଇବେ। କହିବେ, "ମୁଁ ସେଥିରୁ କୌଣସିଟି ଚାହେଁ ନାହିଁ। ମୁଁ ବିଶ୍ୱାସ କରେ ନାହିଁ…" ତେବେ, ଏପରିକି ମୋର ପ୍ରିୟ ନାଜରିନ୍ ଲୋକମାନେ ମଧ୍ୟ, ଏହା ବିଶ୍ୱାସ କରନ୍ତି ଯେ ଜଣେ ବ୍ୟକ୍ତି ଯିଏକି ପରଭାଷାରେ କଥା କୁହେ ଶୟତାନର ଅଟେ। ଏବଂ, ଭାଇ, ଆପଣ ତାହା କରନ୍ତି, ଆପଣ…

59 କାହିଁକି, ସେମାନେ ଡାଃ. ରିଡହେଡଙ୍କୁ ସୁଡାନ୍ ମିଶନରୁ, ତାହାର ସଭାପତି ପଦଠାରୁ ବାହାର କରିଦେଲେ, କାରଣ ସେ ପରଭାଷାରେ କଥା କହିଥିଲେ। କହିଲେ, "ଆମେ ତାହା

ରଖି ନ ପାରୁ ।”

60 ମୁଁ କହିଲି, “ତାହାହେଲେ ଆପଣ ତେବେ ପାଉଲଙ୍କ ପରି ପ୍ରଚାର କରିପାରନ୍ତି ନାହିଁ। ଆପଣ ପାଉଲଙ୍କ ସୁସମାଚାର ଗ୍ରହଣ କରିପାରନ୍ତି ନାହିଁ, କାରଣ ପାଉଲ କହିଥିଲେ, ‘ପରଭାଷାରେ କଥା କହିବାକୁ ବାରଣ କର ନାହିଁ ।’” ତାହା ଠିକ୍ ଅଟେ । ମାତ୍ର ସେମାନେ—ସେମାନେ କୁହନ୍ତି ଯେ ତାହା ଶୟତାନର ଅଟେ । ସେମାନେ ବହୁତ ନକଲ ଦେଖିଛନ୍ତି, ଏବଂ ଏହାକୁ ସେଠାରେ ବହନ କରିଛନ୍ତି । ବୁଝିଲେ? ମାତ୍ର ସେଠାରେ ଏକ ଧାର୍ମିକ ଏବଂ ପବିତ୍ର ମଣ୍ଡଳୀ ଅଛି; କିନ୍ତୁ ଏହା ଅସ୍ୱୀକାର କରନ୍ତି ଯେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପବିତ୍ରୀକରଣଠାରୁ ଏକ ଭିନ୍ନ କାର୍ଯ୍ୟ ଅଟେ । ମାତ୍ର ଏହା—ଏହା ଏକ ଭିନ୍ନ କାର୍ଯ୍ୟ ଅଟେ । ନିଶ୍ଚିତରେ ତାହା ଅଟେ ।

61 ଖ୍ରୀଷ୍ଟଙ୍କ ଶରୀରରୁ ତିନୋଟି ଉପାଦାନ ବାହାରି ଆସିଥିଲା । ଏବଂ ସେହି ସମାନ ଉପାଦାନମାନ ଯାହାକି ତାହାଙ୍କ ଶରୀରରୁ ବାହାରିଥିଲା ତାହା ହିଁ ଅଟେ ଯାହାକି ଆମେ ତାହାଙ୍କ ଶରୀର ଭିତରକୁ ଯିବା ପାଇଁ ବ୍ୟବହାର କରିଥାଉ । ସେଠାରେ ଜଳ (ତାହା ଠିକ ଅଟେ?), ରକ୍ତ (ତାହା ଠିକ ଅଟେ?), ଏବଂ ଆତ୍ମା ଥିଲା । ଏବଂ ଯୀଶୁ, ଶାସ୍ତ୍ର କୁହେ, “ସ୍ୱର୍ଗରେ ତିନିଜଣ ଅଛନ୍ତି ଯେଉଁମାନେକି ସାକ୍ଷ୍ୟ ଦିଅନ୍ତି, ପିତା, ପୁତ୍ର, ଏବଂ ପବିତ୍ରଆତ୍ମା । ଏହି ତିନିଜଣ ଏକ ଅଟନ୍ତି; ସେମାନେ ଏକ ଅଟନ୍ତି । ମାତ୍ର ସେଠାରେ ତିନିଜଣ ଅଛନ୍ତି ଯେଉଁମାନେକି ପୃଥିବୀରେ ସାକ୍ଷ୍ୟ ଦିଅନ୍ତି; ସେମାନେ ଏକ ନୁହଁନ୍ତି,” ସେ କହିଲେ, “ମାତ୍ର ସେମାନେ ଏକ ଭାବରେ ସହମତ ହୁଅନ୍ତି: ଜଳ, ରକ୍ତ, ଏବଂ ଆତ୍ମା ।” କଅଣ ତାହା ଠିକ୍ ଅଟେ?

62 ବର୍ତ୍ତମାନ, ଆପଣ ପୁତ୍ରଙ୍କୁ ନ ପାଇ ପିତାଙ୍କୁ ପ୍ରାପ୍ତ କରିପାରନ୍ତି ନାହିଁ। ଆପଣ ପବିତ୍ରଆତ୍ମାଙ୍କୁ ନ ପାଇ ପୁତ୍ରଙ୍କୁ ପ୍ରାପ୍ତ କରିପାରନ୍ତି ନାହିଁ, କାର-...ମାତ୍ର ଆପଣ ପବିତ୍ରୀକୃତ ନ ହୋଇ ଧାର୍ମିକ ହୋଇପାରନ୍ତି । ଏବଂ ଆପଣ ଉଭୟ ଧାର୍ମିକ ଏବଂ ପବିତ୍ରୀକୃତ ହୋଇପାରନ୍ତି ଆଉ ତଥାପି ସୁଦ୍ଧା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇ ନ ପାରନ୍ତି । ବୁଝିଲେ? ତାହା ସତ ଅଟେ। ତାହା ହେଉଛି ଶାସ୍ତ୍ର । “ଏହି ତିନିଜଣ,” ସେ କହିଲେ, “ପୃଥିବୀରେ ସାକ୍ଷ୍ୟ ଦିଅନ୍ତି, ଜଳ, ରକ୍ତ, ଏବଂ ଆତ୍ମା; ଏବଂ ସେମାନେ ଏକ ଭାବରେ ସହମତ ହୋଇଥାନ୍ତି ।” ବୁଝିଲେ? ସେମାନେ ଏକ ନୁହଁନ୍ତି, କିନ୍ତୁ ସେମାନେ ଏକ ଭାବରେ ସହମତ ହୋଇଥାନ୍ତି, କାରଣ ଏହା ସେହି ସମାନ ଆତ୍ମା ପରିମାପରେ ଅଟେ । ପରମେଶ୍ୱର ଆମକୁ ପରିମାପରେ ଆତ୍ମା ଦିଅନ୍ତି ।

63 ତେବେ, ଲୁଥର୍, ଧାର୍ମିକ ଗଣିତ ହେବା ଅଧିନରେ, ତାହାହିଁ ଥିଲା ଯାହା ସେ ପ୍ରଚାର କରିଥିଲେ । କଅଣ ତାହା ଠିକ୍ କି? ଲୁଥର୍ ପ୍ରଚାର କଲେ, “ଧାର୍ମିକମାନେ ବିଶ୍ୱାସ ଦ୍ୱାରା ବଞ୍ଚିବେ ।” ଏବଂ ତାଙ୍କ ପାଖରେ ଏକ ମହାନ ବାର୍ତ୍ତା ଥିଲା । ଏବଂ ତାହା ପବିତ୍ରଆତ୍ମାଙ୍କର ଏକ ଅଂଶ ଥିଲା । ତାହାପରେ ଲୁଥର୍, ଯେତେବେଳେ ବାର୍ତ୍ତା ଆସିଲା, ପରମେଶ୍ୱର ଆପଣା ମଣ୍ଡଳୀକୁ ଉଠାଇ ତାହାକୁ ଆହୁରି ଅଧିକ ମହାନ କରି ପଠାଇବାକୁ ଯାଉଥିଲେ (ଓଃ, ମୋର ପ୍ରଭୁ!), ଲୁଥର୍ କହିଲେ, “ଓଃ, ଆମେ ବିଶ୍ୱାସ କରୁ ଯେ ଆମେ ଏହାକୁ ଏଠାରେ ପାଇଅଛୁ ।”

64 ମାତ୍ର ଜନ୍ ୱେସ୍‌ଲି କହିଲେ, “ଓଃ, ନା!” ସେ ଏବଂ ଜର୍ଜ ହ୍ୱାଇଟଫିଲ୍ଡ ଆଉ ସେମାନେ, ସେମାନେ କହିଲେ, “ଆମେ ପବିତ୍ରୀକରଣକୁ, ଯେ, ଅନୁଗ୍ରହର ଦ୍ୱିତୀୟ ନିର୍ଦ୍ଦିଷ୍ଟ କାର୍ଯ୍ୟ ଭାବରେ ବିଶ୍ୱାସ କରୁ।” କଅଣ ତାହା ଠିକ୍ ଅଟେ? ଏବଂ ସେମାନେ ରକ୍ତର ପ୍ରଚାର କଲେ। ତେବେ, ଯଦି ଲୁଥର୍ ଆଗକୁ ବଢିବାକୁ ଚାହିଁ ନ ଥିଲେ, ପରମେଶ୍ୱର ଏହାକୁ ୱେସଲିୟାନ୍ ମେଥୋଡିଷ୍ଟମାନଙ୍କୁ ଦେଇ ଦେଲେ। ବୁଝିଲେ? ଏବଂ ସେମାନେ ତାହା ପାଇଥିଲେ। ଏବଂ ସେମାନଙ୍କର ଏପରି ଏକ ଉଦ୍ଦୀପନା ହୋଇଥିଲା ଯାହାକି ଜଗତକୁ, ଏବଂ ପ୍ରକୃତ ମଣ୍ଡଳୀକୁ ବ୍ୟାପୀ ଯାଇଥିଲା।

65 ତେବେ, ବର୍ତ୍ତମାନ, ଯେତେବେଳେ ସେହି ସମୟ ଆସେ...ତେବେ, ତାହା ସହିତରେ ଚିହ୍ନ, ଚମତ୍କାର, ଏବଂ ଆଶ୍ଚର୍ଯ୍ୟ କର୍ମର ପବିତ୍ରଆତ୍ମାଙ୍କ ପ୍ରମାଣ ଆସେ। ତେବେ, ୱେସ୍‌ଲି ଏହା ସହିତ ସହମତ ହେବାକୁ ଚାହିଁ ନ ଥିଲେ। ତେବେ, ଯଦି ଏହି ସମୟରେ ୱେସ୍‌ଲି ପୃଥିବୀରେ ରହିଥାଆନ୍ତେ ଏବଂ ମାର୍ଟିନ୍ ଲୁଥର୍ ପୃଥିବୀରେ ରହିଥାଆନ୍ତେ, ସେମାନେ ଏହା ସହିତ ସହମତ ହୋଇଥାଆନ୍ତେ, ମାତ୍ର ସେମାନେ ତାହା ଦେଇ ପ୍ରେରିତମାନଙ୍କର ଚାରି କିମ୍ୱା ପାଞ୍ଚ ଥର ପରିଦର୍ଶନର କେବଳ ଦ୍ୱିତୀୟ ପରିଦର୍ଶନ ପାଇଥିଲେ, ଏବଂ ସେମାନେ ଏହାକୁ ସମ୍ପୂର୍ଣ୍ଣ ଭାବେ ଜାଲରେ ଧରିଥିଲେ।

66 ବର୍ତ୍ତମାନ, ପେଣ୍ଟିକଷ୍ଟାଲ୍ ପରଭାଷାରେ କଥା କହିବା ବିଷୟକୁ ଗ୍ରହଣ କଲା ଏବଂ ବିଶ୍ୱାସ କଲା। ତାହାପରେ ସେମାନେ ଏହାକୁ “ପ୍ରାରମ୍ଭିକ ପ୍ରମାଣ” ରେ ପରିଣତ କରି ଦେଲେ ଯେ ସମସ୍ତଙ୍କୁ ପରଭାଷାରେ କଥା ହେବାକୁ ପଡିବ। ତାହା ଏକ ତ୍ରୁଟି ଅଟେ। ମାତ୍ର ବର୍ତ୍ତମାନ— ବର୍ତ୍ତମାନ ସେମାନେ ଫେରି ଆସିଲେ...ସେଗୁଡ଼ିକ ପରମେଶ୍ୱର-ଦତ୍ତ ଗୁଣସକଳ ଥିଲା। ଠିକ ଯେପରି ମୁଁ ସାହାଯ୍ୟ କରିପାରେ ନାହିଁ, କାରଣ ମୋର ନୀଳ ଆଖି ଅଛି, କିମ୍ୱା...ପରମେଶ୍ୱର ଏହାକୁ ଦେଇଛନ୍ତି। ତାହା କେବଳ ମଣ୍ଡଳୀରେ ବରଦାନମାନ ଅଟେ। ପରମେଶ୍ୱର ସେଗୁଡିକୁ ସ୍ଥାପନ କରିଥିଲେ। “ପରମେଶ୍ୱର ମଣ୍ଡଳୀରେ ସ୍ଥାପନ କରିଛନ୍ତି...” ବୁଝିଲେ?

67 ତେବେ। କିନ୍ତୁ ଯେତେବେଳେ ସେମାନେ ତାହା ସହିତ ଆସନ୍ତି...ତେବେ, ସେମାନଙ୍କର ବହୁତ ଆଶୀର୍ବାଦ ରହିଥିଲା, ଲୁଥରାନ୍ କିମ୍ୱା ସେହି—ସେହି ମେଥୋଡିଷ୍ଟ, ଉଭୟ ମଧ୍ୟରୁ ଗୋଟିଏ ଅପେକ୍ଷା ବହୁତ ଦୂରକୁ ଚାଲିଗଲେ। ଆଉ ବର୍ତ୍ତମାନ, ସେମାନେ ଏହିପରି ଭାବରେ ସଂଗଠିତ ହୋଇଛନ୍ତି ଯେ ଏପରିକି ସେମାନେ ମେଥୋଡିଷ୍ଟ କିମ୍ୱା ଅନ୍ୟମାନ, ସେହି ପେଣ୍ଟିକଷ୍ଟାଲଙ୍କଠାରୁ ଅଧିକ ମନ୍ଦ ଅଟନ୍ତି। ଆଉ ତାହାପରେ, ସେମାନେ ଏପରି ଏକ ସ୍ଥାନରେ ପହଞ୍ଚିଲେ ଯେଉଁଠାରେକି ସେହି ଦ୍ୱିତୀୟ ଏବଂ ତୃତୀୟ ଥର ପରିଦର୍ଶନ...ଏହା ପ୍ରାୟଃ ଚାଳିଶ ବର୍ଷ ହେଲାଣି ଯେତେବେଳେକି ସେମାନେ ପରଭାଷାରେ କହିବା ବିଷୟକୁ ଗ୍ରହଣ କରିବା ଆରମ୍ଭ କରିଥିଲେ। ମାତ୍ର ପରମେଶ୍ୱରଙ୍କ ଏହି ଗଛରେ ନଅଟି ଭିନ୍ନ ଫଳ ଅଛି। ବର୍ତ୍ତମାନ, ଆପଣ ଏହି ଫଳଗୁଡ଼ିକ ମଧ୍ୟରୁ ଯେକୌଣସିଟି ପାଇପାରନ୍ତି। ବୁଝିଲେ? ପରମେଶ୍ୱର ସେମାନଙ୍କୁ ପଠାଇଛନ୍ତି, ମାତ୍ର ସଂପୂର୍ଣ୍ଣ ଭାବରେ ତାହା ଗଛରୁ ବାହାରି ଆସେ।

ତେବେ, ଧାର୍ମିକ ଗଣିତ ହେବା, ଏହାକୁ ଦେଖନ୍ତୁ ।

68 ଆଜି ସକାଳର ଶିକ୍ଷାକୁ ଦେଖନ୍ତୁ । ଯେତେବେଳେ ବିଚାର ସ୍ଥାପନ କରା ହେଲା, ଏବଂ ପୁସ୍ତକଗୁଡ଼ିକ ଖୋଲା ହେଲା...ତେବେ, ଯୀଶୁ ଦଶ ସହସ୍ର ଗୁଣନ ଦଶ ହଜାର ସାଧୁମାନଙ୍କ ସହିତ ଆସିଲେ, ଏବଂ ତାହାପରେ ବିଚାର ସ୍ଥିର ହେଲା । ଏଠାରେ ସେମାନେ ସମସ୍ତେ ସେହି ଶ୍ୱେତ ସିଂହାସନ ବିଚାରର ଚାରିପାଖରେ ଅଛନ୍ତି (ଯେପରିକି ଆମେ ଏହା ସହିତ ଶାସ୍ତ୍ର ଦେଇ ଯାଇଥିଲୁ), ଏବଂ ପୁସ୍ତକଗୁଡ଼ିକ ଖୋଲା ହେଲା; ଆଉ ଅନ୍ୟ ଏକ ପୁସ୍ତକ ଖୋଲା ଗଲା ଯାହାକି ଜୀବନ ପୁସ୍ତକ ଥିଲା । ଏବଂ ଉର୍ଦ୍ଧାନ୍ତିକରଣରେ ଯାଇଥିବା ଏମାନେ ସେମାନଙ୍କର ବିଚାର କରୁଥିଲେ । କଅଣ ତାହା ଠିକ ଅଟେ? ସେହି ଲୋକମାନେ ଯେଉଁମାନେକି ଘରକୁ ଚାଲି ଯାଇଥିଲେ ଓ ସେମାନଙ୍କର ଗୌରବମୟ ଶରୀରଗୁଡିକ ଗ୍ରହଣ କରି ସାରିଥିଲେ, ଏବଂ ସହସ୍ରାବ୍ଦୀ ମଧ୍ୟରେ ରହି ଆସିଥିଲେ, ସେମାନେ ଏଠାରେ ଏହି ଶ୍ୱେତ ସିଂହାସନ ବିଚାରରେ ଥିଲେ, ଓ ସେମାନଙ୍କର ବିଚାର କରୁଥିଲେ । ସେ କହିଲେ ଯେ ସେ ମେଣ୍ଢାମାନଙ୍କୁ ଛେଳିମାନଙ୍କଠାରୁ ଅଲଗା କରିବେ ।

ତେବେ, ଆପଣ ଏଠାରେ କୁହନ୍ତି, "କାହିଁକି, ବର୍ତ୍ତମାନ ଦେଖନ୍ତୁ ।" ଆପଣ କୁହନ୍ତି, "କଅଣ ତାହା ଯାହାକି ଆସିଅଛି...ଠିକଣା ଅଟେ, ଭାଇ ବ୍ରାନହାମ୍?" ସେହି ଶ୍ୱେତ ସିଂହାସନ ବିଚାରରେ ।

69 "ଉର୍ଦ୍ଧାନ୍ତିକରଣରେ କଅଣ ହେବ?" ତେବେ, ସେହି ଉର୍ଦ୍ଧାନ୍ତିକରଣର ସମୟରେ... ଯୀଶୁ ଏହାକୁ ଏକ ଦୃଷ୍ଟାନ୍ତ ଭାବରେ ଶିକ୍ଷା ଦେଇଥିଲେ । ଏବଂ ସେ ଏହାକୁ ଅନେକ ଭିନ୍ନ ଉପାୟରେ ଶିଖାଇଥିଲେ । ଏଠାରେ ଗୋଟିଏ ଉପାୟ ଅଛି । ସେ କହିଲେ ଯେ ସେଠାରେ ଦଶ ଜଣ କୁମାରୀ ପ୍ରଭୁଙ୍କୁ ସାକ୍ଷାତ କରିବାକୁ ଗଲେ । ଏବଂ ତେଣୁ-...ସେମାନେ ସମସ୍ତେ କୁମାରୀ ଥିଲେ, କିନ୍ତୁ କେତେକଙ୍କର ପ୍ରଦୀପରେ ତେଲ ଥିଲା ଏବଂ କେତେକେ ତେଲକୁ ଶେଷ ହୋଇଯିବାକୁ ଦେଇଥିଲେ । କଅଣ ତାହା ଠିକ୍ କି? ଏବଂ ଯେତେବେଳେ ସେହି କନ୍ୟା... ବର୍ତ୍ତମାନ, ତେଲ କଅଣ ଥିଲା? ସେହି *ତେଲ* ପବିତ୍ରଆତ୍ମା ଥିଲା; ବାଇବଲ ତାହା ବ୍ୟକ୍ତ କରେ । ତେବେ ଦେଖନ୍ତୁ । ସେମାନେ କୁମାରୀ ଥିଲେ । ବର୍ତ୍ତମାନ, *କୁମାରୀ* ଅର୍ଥ କଅଣ? "ପବିତ୍ର, ଶୁଚି, ପୃଥକ, ପବିତ୍ରୀକୃତ ।" କଅଣ ତାହା ଠିକ୍ ଅଛି?

70 ଯଦି ମୋ ପାଖରେ ଏଠାରେ ଏକ ଛୋଟ ଗ୍ଲାସ୍ ଥାଏ ଯାହାକି ମୁଁ ଆପଣଙ୍କୁ ଦେଖାଇବି ଯେ କଅଣ...ଏଠାରେ, ଉଦାହରଣ ସ୍ୱରୂପ ଯେପରିକି ଏହି ବୋତଲ ଏଠାରେ ଅଛି, ଯଦି ଏହା ଖାଲି ଥାଏ, ଏବଂ ମୁଁ ଏହାକୁ ଉଠାଏ, ଏବଂ ଏହା ଯେତିକି ଅପରିଷ୍କାର ହୋଇପାରେ ସେତିକି ଅପରିଷ୍କାର ଥାଏ...ମୁଁ ଏହାକୁ ବ୍ୟବହାର କରିବାକୁ ଚାହେଁ । ତେବେ ବର୍ତ୍ତମାନ, ପ୍ରଥମ ବିଷୟ ଯାହା ମୁଁ କରିବାକୁ ଚାହେଁ ତାହା ହେଲା ଧାର୍ମିକ ଗଣିତ କରିବା । ମୁଁ ଏହାକୁ ଗୋଟାଏ କାରଣ ମୁଁ ଏହାକୁ ବ୍ୟବହାର କରିବାକୁ ଚାହେଁ । ଏହା ଅପରିଷ୍କାର ଅଟେ; ମୁଁ ଏହାକୁ ସେହି—ସେହି ଅଳିଆଗଦାରେ, କିମ୍ବା ତାହା ଯାହାକିଛି ବି ଥିଲା ସେଠାରେ ପାଇଥିଲି ।

ବର୍ତ୍ତମାନ, ଯଦି ମୁଁ ସଠିକ୍ ପ୍ରକାରର ବ୍ୟକ୍ତି ଅଟେ, ତାହାହେଲେ, ମୁଁ ସେଠାରେ କିଛି ପରିଷ୍କାର ବିଷୟ ରଖିବାକୁ ଚାହିଁବି ନାହିଁ ଯାହାକି ମୁଁ ବ୍ୟବହାର କରିବାକୁ ଯାଉଅଛି। ମୋତେ—ମୋତେ ପ୍ରଥମେ ସେହି ବିଷୟକୁ ସଠିକ୍ କରିବାକୁ ହେବ। ତେବେ, କରିବା ପାଇଁ ସର୍ବୋତ୍ତମ ବିଷୟ ହେଉଛି ଏହାକୁ ଘଷିବା, ଏହାକୁ ସଫା କରିବା, ଓ ପବିତ୍ରୀକୃତ କରିବା। କଅଣ ତାହା ଠିକ୍ ଅଟେ? ତେବେ, *ପବିତ୍ରୀକୃତ* ଶବ୍ଦର ଅର୍ଥ କଅଣ? "ସଫା କରାଯାଇ ସେବା ନିମନ୍ତେ ଅନ୍ୟତ୍ର ରଖିବା।" ପୁରାତନ ମନ୍ଦିରର ପାତ୍ରଗୁଡିକ ସଫା କରାଯାଇ ସେବା ନିମନ୍ତେ ଅନ୍ୟତ୍ର ରଖା ଯାଉଥିଲା।

71 ବର୍ତ୍ତମାନ, ସେଠାରେ ସେହି ମଣ୍ଡଳୀ ଅଛି: ପରମେଶ୍ୱର ସେମାନଙ୍କୁ ଲୁଥରାନ୍ ଯୁଗରେ ଉଠାଇଲେ, ଧାର୍ମିକତା; ୱେସଲି ଯୁଗ, ସେ ସେମାନଙ୍କୁ ପବିତ୍ରୀକୃତ କଲେ; ଏବଂ ଏହି ଯୁଗରେ ସେ ସେମାନଙ୍କୁ ପରିପୂର୍ଣ୍ଣ କରନ୍ତି। ବୁଝିଲେ? ସେ ସେମାନଙ୍କ ଭିତରେ ଜୀବନ ରଖନ୍ତି। ଏବଂ ଯେତେବେଳେ ଏହା, ପବିତ୍ରଆତ୍ମାଙ୍କ ମାଧ୍ୟମରେ ତାହାଙ୍କର ଜୀବନ... ପବିତ୍ରଆତ୍ମା ସେମାନଙ୍କୁ ଗୋଟାଇଲେ; ପବିତ୍ରଆତ୍ମା ସେମାନଙ୍କୁ ପବିତ୍ରୀକୃତ କଲେ; ପବିତ୍ରଆତ୍ମା ସେମାନଙ୍କୁ ପରିପୂର୍ଣ୍ଣ କଲେ। ବୁଝିଲେ? ଏହା ସବୁ ସେହି ସମାନ ମଣ୍ଡଳୀ ଅଟେ।

ମାତ୍ର ବର୍ତ୍ତମାନ ଦେଖନ୍ତୁ। ତେବେ ଏହି ଦିନରେ...

72 ବର୍ତ୍ତମାନ, ମୁଁ ଭାବୁଛି ଯେ ଲୁଥର୍, ୱେସ୍‌ଲି, ଏବଂ ସେମାନେ ସମସ୍ତେ, ସେମାନଙ୍କ ମଧ୍ୟରୁ ଅନେକେ ଉର୍ଦ୍ଧାନ୍ତିକରଣରେ ଯିବେ। ସେମାନଙ୍କଠାରେ ଆତ୍ମାଙ୍କର ସେହି ଅଂଶ ରହିଥିଲା ଯାହା ସେମାନଙ୍କ ନିକଟରେ ପ୍ରଚାର କରା ଯାଇଥିଲା; ସେମାନେ ତାହା ବିଶ୍ୱାସ କରିଥିଲେ।

73 ବର୍ତ୍ତମାନ, ସେହି ଉର୍ଦ୍ଧାନ୍ତିକରଣରେ...ଆଜି ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ସେହି ନାମଧାରୀ ସଂସ୍ଥାକୁ ଚାଲି ଯାଇଛନ୍ତି ଯାହା ଆଗକୁ ବଢିଲା ନାହିଁ। ଏହା ଏକ...କେବଳ ଗୋଟିଏ ନାମଧାରୀ ସଂସ୍ଥା ରହି ଆସିଛି, ଯାହାକି ପରମେଶ୍ୱରଙ୍କ ମଣ୍ଡଳୀ ଅଟେ; ଆଉ ତାହା ମଧ୍ୟ ଠିକ ସେହି ସମାନ ଭାବରେ ବଢି ଚାଲିଛି। ମାତ୍ର ଏହି ସଂସ୍ଥାଗୁଡ଼ିକ ଏହି ବିଷୟଗୁଡିକୁ ସେହିପରି ଭାବରେ ଭାଙ୍ଗି ଦେଇଛନ୍ତି। ଏବଂ ଆଜି ଅନେକ ଲୋକମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ଦେଖିବେ ଏବଂ ଏହାକୁ ନିର୍ବୋଧତା ବୋଲି କହିବେ। କିନ୍ତୁ ତଥାପି ସେମାନେ ଧାର୍ମିକ ଗଣିତ ହୋଇଥିବେ; ସେମାନେ ତଥାପି ପବିତ୍ରୀକୃତ ହୋଇଥିବେ। ମାତ୍ର ସେମାନେ କହିବେ, "ଓଃ, ସେସବୁ ବିଷୟ କରିବା, ତାହା ବାଜେ ଅଟେ।"

74 ମୁଁ ଜାଣେ ଯେ ଶୟତାନ ପାଖରେ ସମସ୍ତ ପ୍ରକାରର ଭୟଭୀତ କରୁଥିବା ନକଲି କାଉମାନ ଅଛି। ସେହିଠାରେ ହିଁ ଆପଣ ଆଖପାଖରେ ଭଲ ସେଉଗୁଡିକ ପାଆନ୍ତି, ଯେଉଁଠାରେକି ସେହି ନକଲି କାଉମାନ ରହିଥାଏ। ତାହା ଠିକ୍ ଅଟେ। ଠିକ ସେହି ବିଷୟ ପଛରେ କେବଳ ଚାଲିଥାଆନ୍ତୁ, ସେଉ ଖାଉଥାଆନ୍ତୁ। ବୁଝିଲେ?

75 ତେବେ, ଏହା...ତାହାପରେ ପରମେଶ୍ୱର ପବିତ୍ରଆତ୍ମାରେ ପରିପୂର୍ଣ୍ଣ କଲେ... ତାହାପରେ ସେ ଏହାକୁ ଗୌରବାନ୍ୱିତ କରିବା ପାଇଁ ନିଜର ମଣ୍ଡଳୀକୁ ସ୍ଥାପନ କଲେ । ଦ୍ୱିତୀୟ ଆଗମନ ସମୟରେ, ଏଠାରେ ସେହି ମଣ୍ଡଳୀ, ସେହି କନ୍ୟା ଫେରି ଆସେ । ତେବେ ଦେଖନ୍ତୁ । ଦେଖନ୍ତୁ ଯେ ସେମାନେ କ୍ଲେଶ ସମୟ ଦେଇ ଗତି କରୁଛନ୍ତି କି ନାହିଁ । ସେ କହିଲେ, "ଏହି କୁମାରୀମାନେ, ସେମାନେ ଆସି କହିଲେ, 'ଆମକୁ ତୁମର ତେଲ ମଧ୍ୟରୁ କିଛି ଦିଅ ।'"

"ବର ଆସିଲେ!" କୋଳାହଳ ହେଲା, "ଦେଖ, ବର ଆସୁଛନ୍ତି । ତାହାଙ୍କୁ ଭେଟିବାକୁ ବାହାରି ଯାଅ ।"

ଏବଂ ଏହି କୁମାରୀମାନେ, ଯେଉଁମାନେ କୁମାରୀ ଥିଲେ, ପବିତ୍ର, ପବିତ୍ରୀକୃତ ହୋଇଥିଲେ (ଏହା ବିଷୟରେ ଚିନ୍ତା କରନ୍ତୁ), ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିନା ପବିତ୍ର, ପବିତ୍ରୀକୃତ ଲୋକମାନେ, ସେମାନେ କହିଲେ, "ଆମକୁ ତେଲ ଦିଅ!"

76 ଏବଂ ମଣ୍ଡଳୀ କହିଲା, "ଆମ ପାଖରେ କେବଳ ନିଜ ପାଇଁ ଯଥେଷ୍ଟ ଅଛି । ତେବେ ତୁମେ ଯାଇ ପ୍ରାର୍ଥନା କର ।" ମାତ୍ର ସେତେବେଳକୁ ତାହା ବହୁତ ବିଳମ୍ବ ହୋଇ ଯାଇଥିଲା । ତେଣୁକରି, ମଣ୍ଡଳୀ ବିବାହକୁ ଚାଲିଗଲା, ଏବଂ ଏହି ଅନ୍ୟମାନେ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଗଲେ (କଅଣ ତାହା ଠିକ୍ ଅଟେ?), ଯେଉଁଠାରେକି କ୍ରନ୍ଦନ କରିବା, ବିଳାପ କରିବା, ଏବଂ ଦାନ୍ତ କଡ଼ମଡ଼ କରିବା ରହିଥିଲା; ଏବଂ ସେମାନେ ତାଡନା ମଧ୍ୟରେ ଗତି କଲେ, ଯନ୍ତ୍ରଣା ଭୋଗିଲେ, ମରି ଗଲେ ।

77 ଯୀଶୁ ପୃଥିବୀକୁ ଫେରିଆସିଲେ । ତାହାଙ୍କ ସହିତ ଏକ ସହସ୍ର ବର୍ଷ, ସହସ୍ରାବ୍ଦୀର ରାଜ୍ୟ ସ୍ଥାପିତ ହେଲା । ତାହାପରେ ସେଠାରେ ସେହି—ସେହି ଧାର୍ମିକ ଓ ଅଧାର୍ମିକ ଆସିଲେ । ସେମାନେ ପ୍ରତ୍ୟେକ ଲୋକର ବିଚାର କଲେ । ଆଉ ଛେଳିମାନେ ଗୋଟିଏ ପଟରେ ଓ ମେଣ୍ଢାମାନେ ଅନ୍ୟ ପଟରେ ରହିଥିଲେ । ପୁଣି ତେବେ ପରମେଶ୍ୱର ଆସି ମଣ୍ଡଳୀକୁ ଶିବିର ସେବା ନିମନ୍ତେ ପୃଥିବୀର ପ୍ରାନ୍ତରରୁ ନେଇଗଲେ, ଯେଉଁଠାରେ ଆମେ ସମସ୍ତେ ଆମର ପ୍ରିୟଜନମାନଙ୍କ ସହିତ ଏକତ୍ର ହେଉ । ବୁଝିଲେ? ସେଠାରେ ସେହି ପାର୍ଥକ୍ୟ ଅଛି ।

78 ବର୍ତ୍ତମାନ, ଏହି ଲୋକମାନେ ଏଠାରେ...ନିଶ୍ଚିତ ଭାବରେ ଯେତେବେଳେ ଆମେମାନେ ମରୁ, ଯଦି ଆମେମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଥାଉ, ତାହାହେଲେ ଆମେମାନେ ଆରପାରିରେ ସେହି ମହାନ ଶରୀର, ଖ୍ରୀଷ୍ଟ ଯୀଶୁଙ୍କ ସହିତ ରହିବାକୁ ଯାଉ । ଯଦି ଆମେମାନେ ପାପୀ ଅଟୁ, ତେବେ ଆମେମାନେ ଅବିଶ୍ୱାସୀମାନଙ୍କ ସେହି ବୃହତ ଶରୀର ସହିତରେ ରହିବାକୁ ଯାଉ; ଏବଂ ପରମେଶ୍ୱର କହିଲେ ଯେ ଆମର ଅଂଶ କପଟୀମାନଙ୍କ ସହିତ, ଏବଂ ଇତ୍ୟାଦି ସହିତ, ନରକରେ ରହିଥିଲା । ଆମେନ୍! ବୋଧହୁଏ ସଠିକ୍ ଭାବରେ ସ୍ପଷ୍ଟ ନ ହୋଇପାରେ ।

ମାତ୍ର, ଆସନ୍ତୁ ଦେଖିବା ବର୍ତ୍ତମାନ ଯଦି ଆମେମାନେ ପାଇପାରୁ...ଏଠାରେ କେବଳ ଏକ ଛୋଟ ଟିପ୍ପଣୀଟିଏ ।

### 16. ଦୟାକରି ଯାତ୍ରାପୁସ୍ତକ ତାର 24ଶ କୁ...ତାର 4ର୍ଥ ପର୍ବ ଓ 24ତମ ପଦକୁ ବ୍ୟାଖ୍ୟା କରନ୍ତୁ । ଏହି ଶାସ୍ତ୍ରର ଅର୍ଥ କଅଣ—ଯେ ପରମେଶ୍ୱର ମୋଶାଙ୍କୁ କିମ୍ୱା ତାଙ୍କ ପୁତ୍ରକୁ ବଧ କରିବାକୁ ମନସ୍ଥ କରିଥିଲେ? ଏବଂ କାହିଁକି?

79 ଆମେ ଜାଣୁ ଯେ ତାହା କେଉଁଠାରେ ଅଛି, ଯାତ୍ରାପୁସ୍ତକ 4:24 । ତାହା ଏକ ଭଲ ପ୍ରଶ୍ନ ଅଟେ । ତେବେ, ଆମେମାନେ ତାହାକୁ ଏଠାରେ ଗୋଟିଏ ମୁହୂର୍ତ୍ତରେ ପାଠ କରିବା । ଯାତ୍ରାପୁସ୍ତକ 4 ଏବଂ 24:

> *ଅନନ୍ତର ପଥ ମଧ୍ୟରେ ଉତ୍ତରଣୀୟ ଗୃହରେ, ସଦାପ୍ରଭୁ ତାଙ୍କୁ ପାଇ, ବଧ କରିବାକୁ ଚେଷ୍ଟା କଲେ ।*

କେତେ ଜଣ ସେହି କାହାଣୀଟି ମନେ ରଖିଛନ୍ତି? ତେବେ, ପରମେଶ୍ୱର ଅବ୍ରହାମଙ୍କୁ, ମୋଶାଙ୍କ ପୂର୍ବରୁ ପୀଢୀରେ, ସେହି ସୁନ୍ନତର ଚିହ୍ନ ଦେଇଥିଲେ । ଆଉ ତାହା ସେହି ନିୟମ ଥିଲା ଯାହାକି ପରମେଶ୍ୱର କରିଥିଲେ ଯେ ପ୍ରତ୍ୟେକ ଯିହୁଦୀ ସୁନ୍ନତ ହେବା ଉଚିତ୍ । କଅଣ ତାହା ଠିକ୍ କି? ପ୍ରତ୍ୟେକ ପୁରୁଷ ହେବା ଉଚିତ୍...ତାହା ଏକ ଚିହ୍ନ ଥିଲା ।

80 ଆଉ କଅଣ ଆଜି ଆମେ ସୁନ୍ନତ ଅଟୁ କି? ପବିତ୍ରଆତ୍ମାଙ୍କ ଦ୍ୱାରା, ଶରୀର ସହିତରେ ନୁହେଁ ।

81 ତେବେ । ବର୍ତ୍ତମାନ, ପରମେଶ୍ୱର ଏହି ଆଦେଶ ଦେଲେ, "ଏବଂ ପ୍ରତ୍ୟେକ ପୁରୁଷ ସୁନ୍ନତ ହେବା ଆବଶ୍ୟକ ।" ପୁଣି ପରମେଶ୍ୱର, ଯେତେବେଳେ ମୋଶାଙ୍କୁ ଡାକିଲେ ଯେ ସେ ସେଠାରେ ତଳକୁ ଯାଇ ଇସ୍ରାଏଲର ସନ୍ତାନମାନଙ୍କୁ ଉଦ୍ଧାର କରନ୍ତୁ, ମୋଶା ତାଙ୍କ ପୁତ୍ରଙ୍କ ଉପରେ ସେହି ବିଧି କରି ନ ଥିଲେ, ଠିକ ସେହି ମୁକ୍ତିର ଚିହ୍ନକୁ । ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ?

82 ତାହା ଏହିପରି ହେବ ଯେପରିକି ମୁଁ କୁହେ, "ବର୍ତ୍ତମାନ ଆପଣ ସମସ୍ତେ ମଣ୍ଡଳୀ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ—ପ୍ରତ୍ୟେକେ ଭିତରକୁ ଆସି ଏଠାରେ ଜଳରେ ବାପ୍ତିଜିତ ହୁଅନ୍ତୁ, ଏବଂ ଆମେ ଆପଣମାନଙ୍କୁ ମଣ୍ଡଳୀ ସଦସ୍ୟତାରେ ରଖିବୁ । ଆମେ ସମସ୍ତେ ଏକାଠି ମହିମାକୁ ଯାଉଅଛୁ ।" କାହିଁକି, ଭାଇ, ତାହା ଶାସ୍ତ୍ର ନୁହେଁ । ଯେପର୍ଯ୍ୟନ୍ତ ଆପଣ ନୂତନ ଭାବେ ଜନ୍ମ ନ ହୁଅନ୍ତି, ପବିତ୍ରଆତ୍ମାଙ୍କ ଦ୍ୱାରା ସୁନ୍ନତ ନ ହୁଅନ୍ତି...ଆପଣଙ୍କୁ ତ ହେବା ଉଚିତ୍ । ମୋର କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଭଲ, ଆପଣ କେଉଁ ମଣ୍ଡଳୀର ଅନ୍ତର୍ଭୁକ୍ତ, ଆପଣଙ୍କର ପିତାମାତା କେତେ ଭଲ, ଯେପର୍ଯ୍ୟନ୍ତକି ଆପଣ ଜଣେ ବ୍ୟକ୍ତି ଭାବରେ ପବିତ୍ରଆତ୍ମାଙ୍କ ଦ୍ୱାରା ନୂତନ ଭାବେ ଜନ୍ମ ନ ହୋଇଥାନ୍ତି, ଆପଣ କଦାପି ଉର୍ଦ୍ଧାନ୍ତିକରଣରେ ଯିବେ ନାହିଁ । ବୁଝିଲେ? ଆପଣ ଯାଇପାରିବେ ନାହିଁ । ତାହାହିଁ ହେଉଛି ଠିକ ସେହି ମୁକ୍ତିର ଚିହ୍ନ, ସେହି ସୁନ୍ନତ; ଏବଂ ସୁନ୍ନତ ପବିତ୍ରଆତ୍ମାଙ୍କ ଦ୍ୱାରା ହୋଇଥାଏ । ବର୍ତ୍ତମାନ ପରମେଶ୍ୱର...

83 ସେହି—ସେହି ପ୍ରଶ୍ନକର୍ତ୍ତା ଏହା ପଚାରିଲେ: "କଅଣ—କଅଣ ଏହି ଶାସ୍ତ୍ରର ଅର୍ଥ ଏହା କି ଯେ ପରମେଶ୍ୱର ମୋଶାଙ୍କୁ କିମ୍ୱା ତାଙ୍କ ପୁତ୍ରକୁ ବଧ କରିବାକୁ ମନସ୍ଥ କରିଥିଲେ? ଏବଂ

କାହିଁକି?” ପରମେଶ୍ୱର ମୋଶାଙ୍କ ପଛରେ ଥିଲେ । ଏବଂ ସିପ୍‌ପୋରା ହିଁ ଜଣେ ମାତ୍ର ଥିଲା ଯିଏକି ତାଙ୍କୁ ସେଠାରେ ଉଦ୍ଧାର କରିଥିଲା । କାରଣ ସିପ୍‌ପୋରା ଏକ ତୀକ୍ଷ୍ଣ ପଥର ନେଲା, ଏବଂ ଯାଇ, ନିଜର ଶିଶୁର ଚର୍ମ କାଟିଲା, ଓ ତାକୁ ମୋଶାଙ୍କ ସମ୍ମୁଖରେ ଫିଙ୍ଗି ଦେଇ କହିଲା, “ତୁମେ ନିତାନ୍ତ ମୋହର ରକ୍ତପ୍ରିୟ ବର ।” କଅଣ ତାହା ଠିକ୍ କି?

84 ଏବଂ ପରମେଶ୍ୱର ମୋଶାଙ୍କ ଜୀବନ ନେଇ ଯାଇଥାନ୍ତେ, ମାତ୍ର ବୋଧହୁଏ ସେଠାରେ ଜଣେ ଦୂତ ଛିଡା ହୋଇଥିଲେ, କହିଲେ, “ସିପ୍‌ପୋରା! ଏହାକୁ ଶୀଘ୍ର ଧର!” ବୁଝିଲେ?

85 ଆଉ ସିପ୍‌ପୋରା ଯାଇ ଶିଶୁଟିକୁ ସୁନ୍ନତ କଲା । କହିଲା, “ମୋଶା, ତୁମେ ଅନ୍ୟ ସମସ୍ତ କିଛି ବିଷୟ ଏବଂ ତୁମର ଯାତ୍ରା ବିଷୟରେ ଏତେ—ଏତେ ଚିନ୍ତିତ, ଯେ ତୁମର ନିଜ ପୁଅ ସୁନ୍ନତ ହୋଇନାହିଁ ।”

ମୁଁ ଅନେକ ସମୟରେ ଆଶ୍ଚର୍ଯ୍ୟ କରିଥାଏ ଯଦି...ବେଳେବେଳେ ମୁଁ ସେହି ଲୋକମାନଙ୍କୁ ଭେଟିଥାଏ ଯେଉଁମାନେକି କହିଥିଲେ, “ଓଃ, ପରମେଶ୍ୱରଙ୍କ ମହିମା ହେଉ । ପ୍ରଭୁ ଚାହାଁନ୍ତି ଯେ ମୁଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରେ । ସେ ଚାହାଁନ୍ତି ଯେ ମୁଁ ଆଫ୍ରିକାକୁ, ଭାରତକୁ ଯାଏ ।”

86 ମୁଁ କହିଲି, “କଅଣ ଆପଣ କେବେ ସେହି ଦୁଗ୍ଧ ବିକ୍ରେତାଙ୍କୁ ପଚାରିଛନ୍ତି ଯେ ସେ ଉଦ୍ଧାର ପାଇଅଛି କି ନାହିଁ? କଅଣ ଆପଣ କେବେ ସେହି ଖବରକାଗଜ ବଣ୍ଟନକାରୀ ପିଲାକୁ ପଚାରିଛନ୍ତି ଯେ ସେ ଏପର୍ଯ୍ୟନ୍ତ ନୂତନ ଜନ୍ମ ପାଇଅଛି କି ନାହିଁ? ଆପଣଙ୍କର ପଡ଼ୋଶୀ ବିଷୟରେ କଅଣ, ସେମାନେ ଉଦ୍ଧାର ପାଇଛନ୍ତି କି?” ବୁଝିଲେ? ତେବେ, ତାହା ସେହି ପ୍ରଶ୍ନ ଅଟେ । ବୁଝିଲେ? ଯଦି ଏହା ଆପଣଙ୍କ ହୃଦୟରେ ଅଛି...

87 ଏଠାରେ କିଛି ସମୟ ପୂର୍ବରୁ ଫ୍ଲୋରିଡାଠାରେ ଜଣେ ମହିଳା ମୋତେ ସାକ୍ଷାତ କଲେ । ଏବଂ ସେହି ସାନ ସ୍ତ୍ରୀଲୋକଟି, ମୋ ଠାରେ କୌଣସି ଉପାୟ ନାହିଁ...ମୁଁ ବିଚାରକର୍ତ୍ତା ନୁହେଁ । ମାତ୍ର ସେଠାରେ ଜଣେ ସାନ ପ୍ରଚାରକ ଠିକ୍ ଏହିଠାରେ ଥିଲେ ଏବଂ ଏହି ମଞ୍ଚରେ ପ୍ରଚାର କରିଥିଲେ । ଏବଂ ସେହି ସାନ ବ୍ୟକ୍ତିଟି ଅନ୍ୟ ଏକ ଦେଶରେ ବିବାହ କରିଥିଲେ ଏବଂ ତାଙ୍କର ଏକ ପତ୍ନୀ, ତିନୋଟି କିମ୍ବା ଚାରୋଟି ସନ୍ତାନ ଥିଲେ । ଏବଂ ଏହି ସ୍ତ୍ରୀ ଜଣକ ବିଧବା ସ୍ତ୍ରୀ ଥିଲେ । ଏବଂ ସେମାନେ ଏକ ବଡ କ୍ୟାଡିଲାକ୍ କାରରେ ଏକତ୍ର, ଏଠାରେ ଟେକ୍ସାସକୁ ଆସିଥିଲେ । ଏବଂ ସେହି ମହିଳା ଭିତରକୁ ଆସନ୍ତି । ଏବଂ ତାଙ୍କର ଯେପରି ଇଚ୍ଛା ସେପରି ପୋଷାକ ପିନ୍ଧିବାର ଅଧିକାର ଅଛି, ମୋତେ କିଛି ଫରକ୍ ପଡେ ନାହିଁ; କିନ୍ତୁ ଜଣେ ଖ୍ରୀଷ୍ଟିଆନ ମହିଳା ଭାବରେ ସେ ଏହାକୁ ପିନ୍ଧି ନ ଥିଲେ । ସେ ଥିଲେ (ଓଃ, ମୋର ପ୍ରଭୁ!), ସେ ଥିଲେ...ବହୁତ ବଡ଼ ବଡ଼ ଲମ୍ବା...ସେହି କାନ ଫୁଲମାନ ଥିଲା (ଆପଣ ଏହାକୁ ଯାହା ବି ଡାକନ୍ତି) ଏହିପରି ଭାବରେ ତଳକୁ ଝୁଲି ରହିଥିଲା, ଏବଂ ତାଙ୍କ ପାଟିରେ ପ୍ରକୃତରେ ବହୁତ କିଛି—କିଛି ସାମଗ୍ରୀ ପ୍ରସାଧନ ରହିଥିଲା; ଏବଂ—ଏବଂ—ଏବଂ ତାଙ୍କର ଆଖିପତ୍ତାଗୁଡାକ କଟା ହୋଇଥିଲା ଏବଂ ଏକ

ପେନ୍ସିଲ ସାହାଯ୍ୟରେ ତାଙ୍କର ଅନ୍ୟ ଆଖିପତାଗୁଡିକ ରହିଥିଲା, ଟଣା ହୋଇଥିଲା । ଆଉ ସେ କହିଲେ, "ଭାଇ ବ୍ରାନହାମ୍," କହିଲେ, "ପ୍ରଭୁ ମୋତେ ଏକ ବିଦେଶୀ ରାଷ୍ଟ୍ରକୁ ଡାକୁଛନ୍ତି ।"

ମୁଁ କହିଲି, "ସେ ଡାକୁଛନ୍ତି?"

"ହଁ!" ଆଉ ସେ କହିଲେ, "ମୁଁ ଏହି ବ୍ୟକ୍ତିଙ୍କ ସହିତ ଯାଉଅଛି ।"

ଆଉ ମୁଁ କହିଲି, "ତେବେ, ଯଦି ପ୍ରଭୁ ଆପଣଙ୍କୁ ଡାକୁଛନ୍ତି, ତାହାହେଲେ, ଠିକ୍ ଅଛି ।" (କିନ୍ତୁ ସେମାନଙ୍କର ଫଳ ଦ୍ଵାରା...ମୋତେ ତାହା ଉତ୍ତମ ଭଳି ଲାଗୁ ନ ଥିଲା...ବୁଝିଲେ?)

ଆଉ ସେ କହିଲେ, "କଅଣ ଆପଣ ପ୍ରଭୁଙ୍କୁ ବିଶ୍ଵାସ କରନ୍ତି ନାହିଁ କି...?"

88 ମୁଁ କହିଲି, "ତେବେ, ମୋତେ ପଚାରନ୍ତୁ ନାହିଁ । ଯଦି ପ୍ରଭୁ ଆପଣଙ୍କୁ କହିଛନ୍ତି, ତେବେ ଆପଣ ତାହା କରନ୍ତୁ ଯାହା ପ୍ରଭୁ ଆପଣଙ୍କୁ କରିବା ପାଇଁ କହିଛନ୍ତି । କିନ୍ତୁ ମୋ ପାଇଁ, ମୁଁ ନିଜେ, ସେହିପରି ଭାବେ ନାହିଁ । ମୁଁ ଆପଣଙ୍କ ସହିତ କେବଳ ସଙ୍କୋଚ ରହିବି ।"

ସେ କହିଲେ, "ତେବେ, ଆପଣ ସେହିପରି କାହିଁକି ଭାବୁଛନ୍ତି?"

ମୁଁ କହିଲି, "ପ୍ରଥମ ବିଷୟ, ଜଣେ ବିବାହିତ ସ୍ତ୍ରୀଲୋକ ଭାବରେ ଆପଣ ଏହି ବିବାହିତ ପୁରୁଷ ସହିତ ରହିବା ବହୁତ ଭଲ ଦିଶେ ନାହିଁ, ଆପଣ ଏଠାରେ ସହରରେ ଏକାଠି ରହୁଛନ୍ତି । ଯଦି କୌଣସି ବିଷୟ ନିନ୍ଦା ଆଣିଥାଏ ତାହା ହେଉଛି ଏହା । ବୁଝିଲେ?" ଏବଂ ମୁଁ କହିଲି, "ତେବେ, ପ୍ରଥମ ବିଷୟ..."

89 ତେବେ, ସେହି ମହିଳାଙ୍କ ସହିତ କଅଣ ହେଲା? ସେହି ସମାନ ବିଷୟ ହୋଇଥାନ୍ତା... ସେ ପବିତ୍ରଆତ୍ମା ଗ୍ରହଣ ନ କରି ଏପଟ ସେପଟ ଘୁରି ବୁଲୁଥିଲେ, ଠିକ ଯେପରିକି ଆଜି ସେହି ମହିଳା ଯିଏକି ମୋତେ ଫୋନ୍ ଯୋଗେ ଡାକିଲେ ଓ କହିଲେ ଯେ ସେ ସେହି ପୁରୁଷକୁ ବିବାହ କରିବାକୁ ଚାହାଁନ୍ତି, ଏବଂ ନିଜର ସ୍ଵାମୀକୁ ଛାଡି ଦେବାକୁ ଚାହାଁନ୍ତି, ଓ ସେହି ବ୍ୟକ୍ତିଙ୍କୁ ବିବାହ କରିବାକୁ ଚାହାଁନ୍ତି । ସେ ଏପରି ଏକ ସ୍ଥାନକୁ ଆସି ଯାଇଥିଲେ, ହୋଇପାରେ ଯେ ଥରେ ପରମେଶ୍ଵରଙ୍କ ସହ ଯୋଗାଯୋଗରେ ରହିଥିଲେ, ମାତ୍ର ଜଗତର ବିଷୟଗୁଡ଼ିକ ପାଇଁ ଲାଳସା କରି ଆସୁଥିଲେ । ଏବଂ ମୁଁ ତାଙ୍କୁ ପଚାରିଲି; ମୁଁ କହିଲି, "କଅଣ ଆପଣ ପବିତ୍ରଆତ୍ମା ଗ୍ରହଣ କରିଛନ୍ତି କି?"

ସେ କହିଲେ, "ଏପର୍ଯ୍ୟନ୍ତ ନୁହେଁ, କିନ୍ତୁ ମୁଁ ତାହା ଅନ୍ଵେଷଣ କରୁଅଛି ।"

90 ମୁଁ କହିଲି, "ଆପଣ ପ୍ରଥମେ ପବିତ୍ରଆତ୍ମା ପାଆନ୍ତୁ, ଏବଂ ତହହପରେ ସେ ଆପଣଙ୍କୁ ଜଣାଇବେ ଯେ କେଉଁ ସ୍ଵାମୀ କରିବାକୁ ଅଛି ।" ତାହା ଠିକ୍ ଅଟେ । ବୁଝିଲେ?

ଆପଣ—ଆପଣଙ୍କ ଠାରେ...ତାହାହିଁ ଏହା ଅଟେ । ଯଦି ଆପଣ ତାହା ନ କରିବେ, ତେବେ ଆତ୍ମିକ ଭାବରେ ଆପଣ ମରି ଯିବେ । ଆଜି ରାତି ପରମେଶ୍ଵର ବହୁତକୁ ଖୋଜୁଛନ୍ତି, ଯେ ସେ ସେମାନଙ୍କ ହୃଦୟରେ ଅନେକ ଥର ଆଘାତ କରି ସାରିଲେଣି । [ଭାଇ ବ୍ରାନହାମ୍ ମଞ୍ଚ

ଉପରେ ଆଘାତ କରନ୍ତି—ସମ୍ପା।] ଏବଂ ଏହି ସମୟଗୁଡିକ ମଧ୍ୟରୁ ଗୋଟିଏରେ ସେ ଦ୍ଵାର ବନ୍ଦ କରିବାକୁ ଯାଉଛନ୍ତି, ଏବଂ—ଏବଂ ଦୟା ଚାଲିଯିବ। ବୁଝିଲେ?

91 ନିଶ୍ଚିତରେ, ପରମେଶ୍ଵର ମୋଶାଙ୍କ ଜୀବନକୁ ନେଇ ଯାଇଥାନ୍ତେ। ସେ କହିଲେ ଯେ ସେ ତାଙ୍କୁ ଚେଷ୍ଟା କରିଥିଲେ। ଶୁଣନ୍ତୁ ଯେ ଶାସ୍ତ୍ର ତାକୁ କିପରି ବର୍ଣ୍ଣନା କରେ:

> *ଅନନ୍ତର ପଥ ମଧ୍ୟରେ ଉତ୍ତରଣୀୟ ଗୃହରେ, ସଦାପ୍ରଭୁ ତାଙ୍କୁ ପାଇ, ବଧ କରିବାକୁ ଚେଷ୍ଟା କଲେ।* (ମୋଶା। ବର୍ତ୍ତମାନ, ଦେଖନ୍ତୁ।)
>
> *ସେତେବେଳେ ସିପ୍ପୋରା ଏକ ତୀକ୍ଷ୍ଣ ଚଟାଣ—ତୀକ୍ଷ୍ଣ ପଥର ଘେନି, ଆପଣା ପୁତ୍ରକୁ ସୁନ୍ନତ କରି, ତାହା ତାଙ୍କ ଚରଣ ତଳେ ପକାଇ, କହିଲା, ତୁମେ ନିତାନ୍ତ ମୋହର ରକ୍ତପ୍ରିୟ ବର।*

92 ତାହା ଠିକ୍। ତେବେ, ପରମେଶ୍ଵର ପୁତ୍ରକୁ ଖୋଜୁ ନ ଥିଲେ। ପରମେଶ୍ଵର...ସେହି ଗରିବ ଛୋଟ ଶିଶୁ ଜାଣି ନ ଥିଲା ଯେ କଅଣ କରିବାକୁ ଥିଲା; ତାହା ନିର୍ଦ୍ଦୋଷ ଅଟେ। ମାତ୍ର ବିଷୟଟି ଯାହା ଥିଲା, ତାହା ହେଲା ସେହି ଶିଶୁଟିର ପିତା, ଯିଏକି ସେହି ଶିଶୁଟିକୁ ସୁନ୍ନତର ଚିହ୍ନ ତଳେ ସେଠାକୁ ଇସ୍ରାଏଲର ସନ୍ତାନମାନଙ୍କୁ ଉଦ୍ଧାର କରିବା ନିମନ୍ତେ ନେଇକରି ଯାଉଥିଲେ; ଆଉ ତଥାପି ତାଙ୍କର ନିଜର ପୁତ୍ର ଏପରିକି ସୁନ୍ନତ ହୋଇ ନ ଥିଲା। ବୁଝିଲେ? ଏବଂ ସିପ୍ପୋରା ଏକ ତୀକ୍ଷ୍ଣ ପଥର ଘେନି, ଆପଣା ପୁତ୍ରକୁ ସୁନ୍ନତ କରି, ତାହା ତାଙ୍କ ଚରଣ ତଳେ ପକାଇ, କହିଲା, "ତୁମେ ନିତାନ୍ତ ମୋହର ରକ୍ତପ୍ରିୟ ବର।"

**17. ଦୟାକରି ଶାସ୍ତ୍ରର ଅର୍ଥଗୁଡିକ ବୁଝାଇ ଦିଅନ୍ତୁ, ଏବଂ ଏହା କେବେ ଘଟିବ: ଯିଶାଇୟ 4 ଓ 1। ଧନ୍ୟବାଦ।**

ଠିକ୍ ଅଛି। ଆମେ ବର୍ତ୍ତମାନ ଠିକ ଓଲଟାଇବା...ଆପଣମାନେ ଯେଉଁମାନଙ୍କ ପାଖରେ ନିଜର ବାଇବଲ ଅଛି ଏବଂ ଚାହୁଁଛନ୍ତି, ଆମେ ଦେଖିବା ଯେ କଅଣ...ମୁଁ ଏହାକୁ ଦେଖିବାର ସୁଯୋଗ ପାଇ ନ ଥିଲି, ମାତ୍ର ମୁଁ ଭାବିଲି ଯେ ବୋଧହୁଏ ଆମେ କୌଣସି ପ୍ରକାରର ଏକ ଉତ୍ତର ପାଇଯିବା। ଆମେମାନେ ଏଠାରେ ଅଛୁ।

> *ସେହି ଦିନ...*(ଓଃ, ହଁ!) ସେହି ଦିନ ଏହା ହେବ...*ସେହି ଦିନ ସାତ ଜଣ ସ୍ତ୍ରୀ ଜଣେ ପୁରୁଷକୁ ଧରି,* କହିବେ, *ଆମ୍ଭେମାନେ ନିଜ ଅନ୍ନ ଭୋଜନ କରିବୁ, ଓ ନିଜ ବସ୍ତ୍ର ପିନ୍ଧିବୁ: କେବଳ ତୁମ୍ଭ ନାମରେ ଆମ୍ଭେମାନେ ଖ୍ୟାତ ହେଉ, ତୁମ୍ଭେ ଆମ୍ଭମାନଙ୍କର ଅପମାନ ଦୂର କର।*

93 ତେବେ, ଭାଇ, ବର୍ତ୍ତମାନ ଏହା ସେତିକି ଖରାପ ହେବାର ନିକଟରେ। ଆମ ଦେଶ ପ୍ରତି କି ଏକ ପତନ ଘଟିଅଛି! ମୋର ପ୍ରିୟ ଖ୍ରୀଷ୍ଟିଆନ ବନ୍ଧୁଗଣ, ମୋତେ ଏହା କହିବାକୁ ଦିଅନ୍ତୁ। ସମସ୍ତଙ୍କ ପ୍ରତି ଈଶ୍ଵରୀୟ ସମ୍ମାନର ସହ ମୁଁ ଏହା କହୁଅଛି: ଯଦି ତାହା କେବେ ଥିଲା... ଏବଂ ଏଠାରେ ଥିବା ଆପଣ ଲୋକମାନେ ଯେଉଁମାନେକି ଇତିହାସ ଅଧ୍ୟୟନ କରିଛନ୍ତି,

ଆମେମାନେ ଠିକ ସେହି ସମାନ ମାର୍ଗରେ ଅଛୁ ଯେଉଁ ମାର୍ଗରେକି ପ୍ରତ୍ୟେକ ଉତ୍ତମ ରାଷ୍ଟ୍ର ଯୁଗ ଯୁଗ ଧରି ପତିତ ହୋଇ ଆସିଛନ୍ତି, ନୈତିକ ହ୍ରାସ ହୋଇଅଛି, ଓ ଠିକ୍ ପଛକୁ ଫେରି ଯାଇଛନ୍ତି ।

94 ଯେପରି ମୁଁ ଆଜି ସକାଳେ କହିଥିଲି…ଏହାକୁ ପୁନରାବୃତ୍ତି କରିବା ପାଇଁ ମୋତେ କ୍ଷମା କରନ୍ତୁ । ବିଦେଶରେ ଲୋକମାନେ ମୋ ପାଖକୁ ଆସି କହନ୍ତି, “ଭାଇ ବ୍ରାନହାମ୍, ଆପଣଙ୍କ ସେଠାରେ କେଉଁ ପ୍ରକାରର ସ୍ତ୍ରୀଲୋକମାନେ ସବୁ ଅଛନ୍ତି? ତେବେ, ଆପଣ ଗାଉଥିବା ସମସ୍ତ ଗୀତଗୁଡିକ, ଆପଣଙ୍କର ସ୍ତ୍ରୀଲୋକମାନଙ୍କ ବିଷୟରେ କେତେକ ପୁରୁଣା ମନ୍ଦ ଗୀତମାନ ରହିଛି ।” ଏହାହିଁ ତାହା ଅଟେ । ସମସ୍ତ ପ୍ରକାର…କୌଣସି କିଛି ବିଷୟର—ର—ର ସମାବେଶ…

95 ତେବେ, ଆପଣ ଜାଣନ୍ତି ଯେ ତାହା କଅଣ ଅଟେ? ଯଦି ଆପଣ ଚାହାଁନ୍ତି ଯେ ମୁଁ ଆପଣଙ୍କୁ ଅଳ୍ପ କିଛି ଶବ୍ଦରେ କୁହେ, ମୁଁ ଆପଣଙ୍କୁ ଠିକ୍ ସେହି ପ୍ରକାରେ କହିବି । ଜଗତ ଏହି ପ୍ରକାର ଅବସ୍ଥାରେ ଆସିଯାଇଛି, କାରଣ ଏହା ଏକ ଆଧୁନିକ ସଦୋମ ଓ ଗମରା ଅଟେ । ଅବିକଳ ଭାବରେ! କାଲିଫର୍ଣ୍ଣିଆରେ ମୁଁ ଏକ ଖବରକାଗଜ ନେଲି । ଏବଂ ମୁଁ ଭୁଲିଯାଉଛି ଯେ ପ୍ରତି ବର୍ଷ ସେମାନେ କେତେ ହଜାର ଲୋକଙ୍କର ଗଣନା କରିଥାନ୍ତି, ଏହା ଜାଣିବା ପାଇଁ, ଯେ ସମଲିଙ୍ଗୀ ସମ୍ପର୍କରେ କେତେ ସଂଖ୍ୟା ବୃଦ୍ଧି ପାଇଲା । ଏପରିକି ସ୍ଵାମୀ ଏବଂ ସ୍ତ୍ରୀ ମଧ୍ୟରେ…ସେମାନଙ୍କର ପ୍ରାକୃତିକ ଇଚ୍ଛା, ଓ ଇତ୍ୟାଦି ସବୁ, ଲୋକମାନଙ୍କୁ ଛାଡି ଚାଲିଯାଉଛି । ଅବିକଳ ତାହା ଅଟେ ଯାହା ପରମେଶ୍ଵର କହିଥିଲେ ଯେ ଘଟିବ । ଏବଂ ସେମାନଙ୍କର ନିଜର…

96 ଆପଣ କିଛି ନିଅନ୍ତୁ…ଦେଖନ୍ତୁ ଯେ କିଏ ଏକ ପ୍ରକାର କିଛି ଲୋକପ୍ରିୟତା ପାଇଛି । ନିଜର ରେଡିଓ, କିମ୍ଵା ଟେଲିଭିଜନ୍, କିମ୍ଵା ଆପଣଙ୍କର ଯାହା କିଛି ଅଛି, ଶୁଣନ୍ତୁ, ଏବଂ ଖୋଜନ୍ତୁ । ଏହା ଅତ୍ୟନ୍ତ ମନ୍ଦ ଓ ସବୁଠୁ ଅପରିଷ୍କାର ଅଟେ…କୌଣସି ସ୍ତ୍ରୀଲୋକଙ୍କ କିମ୍ଵା ସେପରି କିଛି ବିଷୟରେ କିଛି ଗୀତ ଅଛି, ସେହିପରି ବିଷୟ ହିଁ ଯାହାକି କୁଖ୍ୟାତି ପ୍ରାପ୍ତ କରିଥାଏ ।

97 ଏବଂ ଏହା ଏପରି ଏକ ସ୍ଥାନକୁ ଆସି ଯାଇଛି ଯେଉଁଠାରେକି ଏପରି ଲାଗୁଛି ଯେ ଆମେ ଯେପରି ଆମର ସ୍ତ୍ରୀଲୋକମାନଙ୍କ ପାଇଁ ଚିନ୍ତା କରୁ ନାହୁଁ, କିମ୍ଵା, ଆମର ସ୍ତ୍ରୀଲୋକମାନେ ସେମାନଙ୍କ ନିଜ ପାଇଁ ଚିନ୍ତା କରୁ ନାହାଁନ୍ତି । ତାହା ହିଁ ଯାହାକି ଏହା ଅଟେ । ଯଦି ଜଣେ ସ୍ତ୍ରୀଲୋକ ନିଜକୁ ଠିକ୍ ଭାବରେ ରଖେ, ତାହାହେଲେ ସେହି ପୁରୁଷକୁ ଠିକ୍ ଭାବେ ରହିବାକୁ ହେବ । ଏବଂ ତାହା ସେହି ପୁରୁଷର ସପକ୍ଷରେ କଥା କହିବା ନୁହେଁ, ମାତ୍ର ମୁଁ ଜାଣେ ଯେ ତାହା ସତ୍ୟ ଅଟେ । ହଁ, ଆଜ୍ଞା! ମାତ୍ର ଏହା କଅଣ ଅଟେ? ଏହା ତ କେବଳ ଏକ—ଏକ ଭୟଙ୍କର ଅବସ୍ଥା ଅଟେ, ଏବଂ ଏହା ଠିକ ବିଦ୍ୟମାନ ଅଛି । ଏବଂ ଏହା ଶାସ୍ତ୍ର ଅନୁସାରେ ଅଟେ । ବାଇବଲ କୁହେ ଯେ ତାହା ସେହିପରି ଭାବରେ ହେବ । ତେବେ ଆମେ କିପରି ଭାବରେ ଏକ ଉଦ୍ଦୀପନା ପାଇପାରିବା? ଆମେ କିପରି ଭାବରେ ଏକ ଉଦ୍ଦୀପନା ପାଇପାରିବା?

98 ଶୁଣନ୍ତୁ, ଖ୍ରୀଷ୍ଟିଆନ ବନ୍ଧୁଗଣ । ବାକି ଥିବା ଅଳ୍ପ କିଛି ମୁହୂର୍ତ୍ତରେ ମୋତେ ଆପଣମାନଙ୍କୁ କିଛି ପଚାରିବାକୁ ଦିଅନ୍ତୁ । ଆମ ପାଖରେ ବିଲି ଗ୍ରାହାମ୍‌ମାନ ଅଛନ୍ତି । ଆମ ପାଖରେ ଜ୍ୟାକ୍

ଶୁଲର୍ସମାନ ଅଛନ୍ତି। ଆମ ପାଖରେ ଜଗତ ସାରା ବିଭିନ୍ନ ପ୍ରକାରର ଧାର୍ମିକ ଆନ୍ଦୋଳନମାନ ହେଉଥିବାର ଘଟଣାମାନ ରହିଛି। ଏବଂ ସେମାନେବି ଗତ ଛଅ କିମ୍ବା ସାତ ବର୍ଷ ଧରି ସମଗ୍ର ଯୁକ୍ତରାଷ୍ଟ୍ରରେ ସକ୍ରିୟ ହୋଇ ଆସିଛନ୍ତି ଯଥା ସମ୍ଭବ ସେମାନେ ଗତି ପାଇଛନ୍ତି, ଏବଂ କୌଣସି ଉଦ୍ଦୀପନା ନାହିଁ। କାହିଁକି? ଦ୍ୱାରଗୁଡିକ ରୁଦ୍ଧ ହେଉଅଛି। ଆମେ ପୋଖରୀରୁ, ପ୍ରତ୍ୟେକ ମାଛକୁ ଜାଲରେ ଧରିଅଛୁ, ଯେପରିକି ମୁଁ ଆଜି ସକାଳେ କହିଥିଲି। ହୋଇପାରେ ଯେ ଗୋଟିଏ କିମ୍ବା ଦୁଇଟି ଏଠାରେ ସେଠାରେ କୌଣସି ସ୍ଥାନରେ ରହି ଯାଇଥିବେ।

99 ଯେଉଁଠାରେ ବିଲି ଗ୍ରାହାମ୍‌ଙ୍କର ଏକ ସଭା ହେଉଥିଲା (ମୁଁ ବିଶ୍ୱାସ କରେ ଯେ ତାହା ବୋଷ୍ଟନ୍ କିମ୍ବା ଅନ୍ୟ କେଉଁଠାରେ ଥିଲା), ଏବଂ ସେମାନେ ଦାବି କଲେ ଯେ ସେମାନଙ୍କର ଛଅ ସପ୍ତାହ ମଧ୍ୟରେ କୋଡ଼ିଏ-କିଛି-ହଜାର ଧର୍ମାନ୍ତରଣ ହୋଇଥିଲା। ସେମାନେ କିଛି ସପ୍ତାହ ପରେ ସେଠାକୁ ଗଲେ ଆଉ କୋଡ଼ିଏ ଜଣକୁ ମଧ୍ୟ ପାଇପାରିଲେ ନାହିଁ। ତାହା ବିଷୟରେ ଚିନ୍ତା କରନ୍ତୁ! ଭାଇ, ଏହା ପ୍ରାୟତଃ ସମାପ୍ତ ହୋଇଯାଇଛି। ମୁଁ ଏଠାରେ କିଛି କହିପାରେ। ବୁଝିଲେ?

100 ଆମେ ସେହି ଦିନଗୁଡ଼ିକରେ ବାସ କରୁଅଛୁ ଯାହା ବିଷୟରେ ପରମେଶ୍ୱର କହିଥିଲେ ଯେ ତାହା ଆସିବ। ଏବଂ ଆମେ ଶେଷ ଦିନଗୁଡିକରେ ବାସ କରୁଅଛୁ। ଏବଂ ଆମେ ଏପରି ଏକ ସମୟରେ ବାସ କରୁଅଛୁ ଯେତେବେଳେ ପୁରୁଷମାନେ…ଆମେ ଏହା ବିଷୟରେ କଅଣ ଚିନ୍ତା କରିବାକୁ ଚେଷ୍ଟା କରୁ ନା କାହିଁକି, ପରମେଶ୍ୱରଙ୍କ ବାକ୍ୟ କୁହେ ଯେ ଆମେ ପୂର୍ବନିରୂପିତ ଅଟୁ। ତାହା ଠିକ୍ ଅଟେ। ଏବଂ ପରମେଶ୍ୱର ଯାହାକୁ ଡାକିଛନ୍ତି ସେ ପରମେଶ୍ୱରଙ୍କ ନିକଟକୁ ଆସିବ; ଏବଂ ପରମେଶ୍ୱର ଯାହାକୁ ଡାକି ନାହାଁନ୍ତି ସେ ପରମେଶ୍ୱରଙ୍କ ନିକଟକୁ ଆସିବ ନାହିଁ। ପରମେଶ୍ୱର ଡାକନ୍ତି, ଏବଂ ସେମାନେ ମନା କରି ଦିଅନ୍ତି, ଏବଂ ସେ ଡାକନ୍ତି, ସେମାନେ ମନା କରି ଦିଅନ୍ତି। ତେବେ, ମୁଁ କହୁ ନାହିଁ ଯେ ପରମେଶ୍ୱର କାହାରିକୁ ନିନ୍ଦା କରନ୍ତି। ସେ ତ କେବଳ ଏହା ଇଚ୍ଛା କରନ୍ତି ନାହିଁ ଯେ ସମସ୍ତେ ଯେପରି…ଯେ କେହିହେଲେ ବିନଷ୍ଟ ହୁଅନ୍ତୁ, ମାତ୍ର ସମସ୍ତେ ଅନୁତାପ କରନ୍ତୁ। ମାତ୍ର ପରମେଶ୍ୱର ହେବାକୁ ହେଲେ, ସେ—ସେ ଆରମ୍ଭରୁ ହିଁ ଏହା ଜାଣିଛନ୍ତି ଯେ ସେମାନେ ଆସିବାକୁ ଯାଉ ନାହାଁନ୍ତି। ତଥାପି ସେ ସେମାନଙ୍କୁ ଏକ ସୁଯୋଗ ଦିଅନ୍ତି, ମାତ୍ର ସେମାନେ ଆସିବେ ନାହିଁ।

101 କିପରି…ଯଦି ସେ ତାହା ଜାଣି ନାହାଁନ୍ତି, ତାହାହେଲେ ସେ କିପରି ଜାଣିଲେ ଯେ ଆମର ଘୋଡାବିହୀନ ଗାଡିମାନ ରହିବ? ସେ କିପରି ଜାଣନ୍ତି ଯେ ଏହି ସମୟଗୁଡିକ ଆସିବ ଯାହାକି ଆମର ବର୍ତ୍ତମାନ ରହିଅଛି? ସେ କାହିଁକି କହିଲେ, "ମନୁଷ୍ୟ ଦୁଃସାହସିକ, ଦାମ୍ଭିକ, ବିଳାସପ୍ରିୟ ହେବ"? କାହିଁକି ସମସ୍ତ ଭବିଷ୍ୟଦ୍‌ବକ୍ତାମାନେ ଏହା ଭବିଷ୍ୟତ୍‌ବାଣୀ କଲେ ଯେ ଏହି ସମସ୍ତ ବିଷୟମାନ ଯାହାକି ଆରମ୍ଭରୁ ହିଁ ଆସିବ? ପରମେଶ୍ୱର ସବୁକିଛି ଜାଣିଥିଲେ। ସେ ଜାଣିଛନ୍ତି ଯେ କଅଣ ହେବ। ଏବଂ ସେଠାରେ ଜଣେ ଲୋକ ଅଛନ୍ତି ଯାହାକୁ

ପରମେଶ୍ୱର ସମୟନ୍ତରାଳ ଦେଇ ଦେଖିଥିଲେ ଓ କହିଲେ, "ସେମାନେ ଆସିବେ ନାହିଁ।" ଏବଂ ସେମାନେ କେବଳ ସେହି ନିନ୍ଦାରେ ନିନ୍ଦିତ ଅଟନ୍ତି, କାରଣ ସେମାନେ ନିଜେ ଏହାକୁ ବାଛିଥିଲେ। ଆମେନ୍! ଆପଣ ସେଠାରେ ଅଛନ୍ତି।

102 ଏବଂ ମୁଁ ବିଶ୍ୱାସ କରେ, ମୋ ଭାଇ, ଭଉଣୀ (ମୁଁ ଏହା ଈଶ୍ୱରୀୟ ସମ୍ମାନ ସହିତ ଏବଂ ମୋ ହୃଦୟରେ ପରମେଶ୍ୱରଙ୍କ ଭୟ ସହିତ ଏହାକୁ କୁହେ), ମୁଁ ବିଶ୍ୱାସ କରେ ଯେ ଆମେରିକାର ଅଧୋପତିତ ଅଟେ! ତାର ନୈତିକ ପତନ ହୋଇଅଛି। ସେ ଅଧୋଗତି ହୋଇ ନିମ୍ନସ୍ତରକୁ ଚାଲିଯାଇଛି। ତାହା ଏକ ଦୟନୀୟ ବିଷୟ ଅଟେ।

103 ଠିକ ଏଠାରେ ଚିନ୍ତା କରନ୍ତୁ, ଯେପରିକି ମୁଁ ଏହି ଶାସ୍ତ୍ରର ଉତ୍ତର ଦେବାରେ—ରେ କହିଥାଏ, ସାତଜଣ ସ୍ତ୍ରୀଲୋକ ଜଣେ ପୁରୁଷକୁ ଧରିଲେ। ପ୍ରଥମ ବିଶ୍ୱ ଯୁଦ୍ଧରେ...ଦ୍ୱିତୀୟ ବିଶ୍ୱ ଯୁଦ୍ଧ...ମୋ ପାଖରେ ଘରେ ଖବରକାଗଜରୁ ଗୋଟିଏ—ଗୋଟିଏ ଲେଖନୀ ଅଂଶ ଅଛି। ଆପଣ ଏହାକୁ ନିଜେ ପାଠ କରନ୍ତୁ। କୁହେ, "ଆମର ଆମେରିକୀୟ ସ୍ତ୍ରୀଲୋକମାନଙ୍କ ନୈତିକତାକୁ କଅଣ ହୋଇଅଛି? ବିଦେଶ ଯାଇଥିବା ତିନି ଜଣ ସୈନିକମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ପ୍ରଥମ ଛଅ ମାସରେ ସେମାନଙ୍କର ପତ୍ନୀମାନଙ୍କ ଦ୍ୱାରା ଛାଡପତ୍ର ଦିଆ ଯାଇଥିଲା।" ତିନି ଜଣଙ୍କ ମଧ୍ୟରୁ ଦୁଇଜଣଙ୍କର ଛାଡପତ୍ର ହୋଇଥିଲା। ଏହି ମହିଳାମାନେ କେବଳ ବାହାରି ଗଲେ ଓ ପଳାଇଲେ। ଏହା କାହିଁକି ଅଟେ? ବନ୍ଧୁଗଣ, ଯଦି ଆପଣ ବୁଝିବେ, ଏହା ସେହି ସମୟର ଆତ୍ମା ଅଟେ।

104 ଶେଷ ଦିନଗୁଡ଼ିକ ଏଠାରେ ରହିଥିବାବେଳେ ଆମକୁ ଶେଷ ଦିନର ଆତ୍ମାରେ ଆବିଷ୍ଟ ହେବାକୁ ଅଛି। ଆପଣ ଏକ ନୃତ୍ୟ ସଭାଗାରକୁ ଯାଆନ୍ତୁ, ଆପଣଙ୍କୁ ନୃତ୍ୟର ଆତ୍ମାରେ ଆବିଷ୍ଟ ହେବାକୁ ପଡିବ, ଅନ୍ୟଥା ସେମାନେ ନାଚିବେ ନାହିଁ। ଆପଣ ମଣ୍ଡଳୀକୁ ଯାଆନ୍ତୁ, ଆପଣଙ୍କୁ ଉପାସନା କରିବା ପୂର୍ବରୁ ଆପଣଙ୍କୁ ଉପାସନାର ଆତ୍ମାରେ ଆବିଷ୍ଟ ହେବାକୁ ପଡିବ। ଶେଷ ଦିନଗୁଡିକ ଆସିବା ପୂର୍ବରୁ ଜଗତକୁ ଶେଷ ଦିନର ଆତ୍ମାରେ ଆବିଷ୍ଟ ହେବାକୁ ପଡିବ, ଏବଂ ଆମେ ଶେଷ ଦିନର ଆତ୍ମାରେ ଅଛୁ। ଏବଂ ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ଏହି ବିଷୟଗୁଡିକ ଏଠାରେ ରହିବ, ଏବଂ ତାହା ହିଁ ଅଟେ ଯାହା ଆମ ପାଖରେ ଅଛି। ଆମେ ଶେଷ ଦିନମାନଙ୍କରେ ଅଛୁ। ଏବଂ ପୁରୁଷ ଓ ମହିଳାମାନେ ଶୋଇ ରହିଛନ୍ତି ଏବଂ ତାହା ଅନୁଭବ କରନ୍ତି ନାହିଁ।

105 ପୁଣି ନୈତିକତା...ଅନ୍ୟ ଏକ ଦିନ ମୁଁ ଏଠାରେ ଏକ ଛୋଟ ବାଳକକୁ ଭେଟିଲି...ଓଃ, କିଛି ସମୟ ପୂର୍ବରୁ, ଏହି ବିଗତ ଶରତ ଋତୁରେ। ଏବଂ ଆମେ ଏକ ସହରକୁ ଆସୁଥିଲୁ। ଏବଂ ସେ ମୋତେ କହୁଥିଲା, ଜଣେ ଉଚ୍ଚ ବିଦ୍ୟାଳୟର ବାଳକ ଯିଏକି ବିବାହିତ ହୋଇଥିଲା। ସେ କହିଲା, "ମୁଁ ଏହି ଝିଅକୁ ବିବାହ କଲି, କାରଣ ସେ ଜଣେ ଭଲ ଝିଅ ଥିଲା, ଏବଂ ସେ ଉଚ୍ଚ ବିଦ୍ୟାଳୟ ଶେଷ କରିବା ପୂର୍ବରୁ ମୋତେ ତାଙ୍କୁ ବିବାହ କରିବାକୁ ଥିଲା।" କହିଲା, "ଆମର

ଉଚ୍ଚ ବିଦ୍ୟାଳୟରେ ବର୍ଷ ବର୍ଷ ଧରି, ଯେତେ ଦୂର ମୁଁ ଜାଣେ, କେହି ଜଣେ ହେଲେ କୁମାରୀ ନାହାଁନ୍ତି ।" ଦେଖନ୍ତୁ? ଏତେ ଅଧିକ ନୈତିକ ପତ୍ତନ ହୋଇଯାଇଛି ।

106 ଏବଂ ତଳେ କାଲିଫର୍ଣ୍ଣିଆରେ, ମୁଁ ସେହି ରାସ୍ତା ଦେଇ ସ୍ଥାନଗୁଡିକୁ ଗଲି ଯେଉଁଠାରେ ସେହି ପୋଲିସ୍ ଆପଣଙ୍କୁ ରାସ୍ତାରୁ ଦୂରେଇ ରହିବାକୁ କହିଥାଏ । ଜଣେ ମହିଳା ଅପେକ୍ଷା ଜଣେ ପୁରୁଷ ପାଇଁ ସେହି ରାସ୍ତା ଦେଇ ଯିବାରେ ଅଧିକ ବିପଦ ରହିଥାଏ । ଅନ୍ଧାର ଗଳି କନ୍ଦିଗୁଡାକ । ହେ, ପରମେଶ୍ୱର, ଦୟା କର! କଅଣ ଆପଣ ଜାଣନ୍ତି ନାହିଁ ଯେ ବାଇବଲ କହିଛି ଯେ ସେହି ବିଷୟଗୁଡିକ ଆସିବ?

107 ଆଉ ଠିକ ପୂର୍ବରୁ ସେ ତାହାର ପ୍ରତିଛାୟା ସଦୋମ ଓ ଗମରାରେ ଦେଇଥିଲେ, ଏବଂ ସେଠାରେ ତଳକୁ ଗଲେ, ସେହି ସମାନ ଘଟଣା ଘଟୁଥିଲା—ଘଟୁଥିଲା, ବରଂ । ଆଉ ପରମେଶ୍ୱର ତଳକୁ ଅଗ୍ନି ପଠାଇ ସେହି ସ୍ଥାନକୁ ଜାଳି ଦେଲେ । ସମଗ୍ର ଜଗତକୁ ଦେଖାଇବା ନିମନ୍ତେ ଏକ ଚିହ୍ନ ସ୍ୱରୂପେ, ଯେତେବେଳେ ତାହା ସେହି ସ୍ଥାନକୁ ଆସିବ, ସେହି ବିଷୟକୁ [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ପ୍ରାପ୍ତ ହେବ ।

108 ଆମେମାନେ ଶେଷ ଦିନରେ ଅଛୁ । ନିଶ୍ଚିତରେ । ସାତ ଜଣ ସ୍ତ୍ରୀଲୋକ ଜଣେ ପୁରୁଷକୁ ଧରିଲେ, ଓ କହିଲେ, "ଆମ୍ଭେମାନେ ନିଜ ଅନ୍ନ ଭୋଜନ କରିବୁ ଓ ନିଜ ବସ୍ତ୍ର ପିନ୍ଧିବୁ, କେବଳ ଆମର ଅପମାନ ଦୂର କରିବା ପାଇଁ ତୁମ ନାମରେ ଖ୍ୟାତ ହେଉ ।" ଭାଇ, ଆପଣଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯିବାକୁ ପଡିବ ନାହିଁ । କେବଳ ଗୋଟିଏ ମାତ୍ର ସ୍ଥାନ ଅଛି ଯାହା ମୁଁ ମୋ ଜୀବନରେ କେବେ ଦେଖିଅଛି ଯାହାକୁ ମୁଁ ଭାବୁଥିଲି ଯେ ଆମ ନିଜ ଦେଶରେ ରହିଥିବା ରାସ୍ତା ଏବଂ ବିଷୟଗୁଡିକଠାରୁ ଅଧିକ ମନ୍ଦ ଥିଲା । ଏବଂ ଆମେ କୌଣସି ମତେ ଉତ୍ତମ ହେଉନାହୁଁ । ଆମେମାନେ ନିରନ୍ତର ସବୁବେଳେ ମନ୍ଦ ଓ ମନ୍ଦ ହେବାରେ ଲାଗିଛୁ । ଏବଂ ମନେରଖନ୍ତୁ, ମୁଁ ପ୍ରଭୁଙ୍କ ନାମରେ କହୁଅଛି । ଆମେ ଆହୁରି ଅଧିକ ମନ୍ଦ ହେବା ଜାରି ରଖିବୁ । ଆଉ କେବଳ ଗୋଟିଏ ହିଁ ଭରସା ଅଛି, ଏବଂ ତାହା ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଟେ । ଯାଏ ଆସେ ନାହିଁ ଯେ ଆପଣ କଅଣ କରନ୍ତି ।

109 ମୁଁ ଚିତ୍କାର କରିଅଛି, ଏଠାରେ ଦେଶ ମଧ୍ୟ ଦେଇ ଗତି କରିଅଛି । ଏବଂ ଏପରିକି ପରମେଶ୍ୱର ମୃତମାନଙ୍କୁ ମଧ୍ୟ ପୁନରୁତ୍‌ଥିତ କରିଛନ୍ତି । ଏବଂ ଆମେମାନେ ସହରଗୁଡିକୁ ଗଲୁ; ଏବଂ ଲୋକମାନେ ଯେଉଁମାନେକି ବର୍ଷ ବର୍ଷ ଧରି ଚକଲଗା ଚୌକିରେ ରହିଥିଲେ ଉଠିଲେ, ଏବଂ ଟ୍ରକ୍ ପଛରେ ସହର ଦେଇ ଚାଲି ଗଲେ, ସେମାନଙ୍କର ଠେଲା ଗାଡି ଏବଂ ସେହିପରି ବିଷୟଗୁଡ଼ିକୁ ଟାଣିକରି ନେଇଗଲେ । ଏବଂ ସ୍ତ୍ରୀଲୋକମାନେ, ଯେଉଁମାନଙ୍କୁକି ଡାକ୍ତରମାନେ ମୃତ ଘୋଷଣା କରିଥିଲେ, ଡାକ୍ତରଙ୍କ ନାମ ଥିବା ସେମାନଙ୍କର ଏକ୍ସ-ରେ ଫଟୋଚିତ୍ରଗୁଡିକୁ ଧରି ରହିଥିଲେ, ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇଥିଲେ । ଏବଂ ସେହି ସହର ସମସ୍ତେ ଅସ୍ତ ବ୍ୟସ୍ତ ହୋଇଥିଲେ ଓ କହିଲେ, "ହୁଃ, ମାନସିକ ଟେଲିପ୍ୟାଥୀ;

ପବିତ୍ର-ଧର୍ମୋନ୍ମତ୍ତର ସମୂହ ।" ଓଃ, ଆପଣ ଅଭିଶାପ ବ୍ୟତୀତ ଅନ୍ୟ କିଛି ଆଶା କରିପାରନ୍ତି ନାହିଁ! ଓଃ! ତାହା ଠିକ୍ ଅଟେ!

110 ବିଚାର ଏଠାରେ ଅଟେ, ଏବଂ ଆପଣଙ୍କୁ ତାହା ଗ୍ରହଣ କରିବାକୁ ପଡିବ । ଭାଇ, ଆସୁଥିବା କ୍ରୋଧରୁ ପଳାୟନ କରି ଖ୍ରୀଷ୍ଟ ଯୀଶୁଙ୍କ ପାଖକୁ ଯଥା ଶୀଘ୍ର ଚାଲି ଯାଆନ୍ତୁ! ଏହି ବିଷୟଗୁଡ଼ିକରୁ ବାହାରି ଯାଆନ୍ତୁ! ହଁ, ଏହା ଶେଷ ଦିନର ଆତ୍ମା ଅଟେ । ଅନେକ କଥା କୁହାଯାଇପାରେ । ମୁଁ ଶୀଘ୍ର କରିବି ।

## 18. କଅଣ ଆପଣ ଦୟାକରି ଆମକୁ କହିବେ କି ଯେ ଆମର ପ୍ରଭୁ ଏବଂ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଆମଠାରୁ କିପରି ଆଶା କରନ୍ତି ଯେ ଆମେ ଉପାସନା କରିବା ପାଇଁ ତାହାଙ୍କ ଗୃହକୁ ଆସୁ?

111 ଠିକ ଅଛି, ତାହା ଏକ ଭଲ ପ୍ରଶ୍ନ ଅଟେ । ତାହା ଯେକୌଣସି ମଣ୍ଡଳୀ ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ପରମେଶ୍ୱର ଆଶା କରନ୍ତି ଯେ ଆପଣ ମଣ୍ଡଳୀ ଗୃହକୁ ଆସନ୍ତୁ...ତେବେ, ତାହା କେବଳ ଏକ ପ୍ରଶ୍ନ ଅଟେ, ସୀଧାସଳଖ ଏକ ପ୍ରଶ୍ନ କେବଳ । ଏହା ଶାସ୍ତ୍ରସଙ୍ଗତ ନୁହେଁ; ଏହା... ତଥାପି ଏହା ଅଟେ । ଅପେକ୍ଷା କରନ୍ତୁ, ମୁଁ ଆପଣଙ୍କୁ କହିବି ଯେ ସେ କଅଣ କହିଥିଲେ । ପ୍ରଥମ ସ୍ଥାନରେ, ଯଦି ଆପଣ ଶାସ୍ତ୍ର ଚାହାଁନ୍ତି, ଲୋକମାନେ ଗୋଟିଏ ଉଦ୍ଦେଶ୍ୟ ପାଇଁ ପରମେଶ୍ୱରଙ୍କ ଘରକୁ ଆସିବା ଉଚିତ୍, ତାହା ହେଉଛି ଉପାସନା କରିବା ପାଇଁ, ଗୀତ ଗାଇବା ପାଇଁ, ଏବଂ ପରମେଶ୍ୱରଙ୍କୁ ଉପାସନା କରିବା ପାଇଁ । ସେହିପରି ହିଁ ଅଟେ ଯାହାକି ପରମେଶ୍ୱର ଆମଠାରୁ ଆଶା କରନ୍ତି । ସେ ଆଶା କରନ୍ତି ନାହିଁ ଯେ ଆମେ ପରମେଶ୍ୱରଙ୍କ ଗୃହକୁ ଆମ ବିଷୟରେ କଥାବାର୍ତ୍ତା କରିବା ପାଇଁ...କିମ୍ବା ଅନ୍ୟ କିଛି, କିଅବା ପରସ୍ପର ବିଷୟରେ କଥାବାର୍ତ୍ତା କରିବା ପାଇଁ, କିମ୍ବା ସପ୍ତାହ ମଧ୍ୟରେ ଆମେ କଅଣ କରିବାକୁ ଯାଉଛୁ ତାହା ବିଷୟରେ କଥାବାର୍ତ୍ତା କରିବା ପାଇଁ ଆସୁ; ସେ ଆଶା କରନ୍ତି ଯେ ଆମେ ତାହାଙ୍କର ଉପାସନା କରିବା ପାଇଁ ଆସୁ । ଏହା ଏକ ଉପାସନାର ଗୃହ ଅଟେ । "ଏବଂ ସବୁକିଛି ସଠିକ୍ ଭାବରେ ଏବଂ କ୍ରମରେ କରାଯିବା ଉଚିତ୍," ପାଉଲ ବାଇବଲରେ କହିଛନ୍ତି । ସବୁକିଛି ସଠିକ୍ ଭାବରେ ହେବାକୁ ଅଛି । ସେଠାରେ ବାର୍ତ୍ତା ରହିବାକୁ ଅଛି ।

112 ପ୍ରଥମ ବିଷୟ ମୁଁ କହିବି, ପୁରାତନ ନିୟମରେ ମଣ୍ଡଳୀର ନିୟମ ଅନୁଯାୟୀ, କିଅବା, ବରଂ ନୂତନ ନିୟମରେ, ପ୍ରଥମ ସ୍ଥାନରେ, ଲୋକମାନେ ଉପାସନାର ଆତ୍ମାରେ ପରମେଶ୍ୱରଙ୍କ—ଙ୍କ ମଣ୍ଡଳୀ ଭିତରକୁ ପ୍ରବେଶ କରୁଥିଲେ । ଏବଂ ସେମାନେ ଭିତରକୁ ଆସୁଥିଲେ, ଭଜନ ଗାନ କରାଯାଉଥିଲା । ଏବଂ ବୋଧହୁଏ ପ୍ରଚାରକ କହନ୍ତି, କାରଣ ସେ ମଣ୍ଡଳୀର ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି । (ନୂତନ ନିୟମର ଜଣେ ଭବିଷ୍ୟଦ୍‌ବକ୍ତା ଏକ ପ୍ରଚାରକ ଅଟନ୍ତି; ଆମେ ତାହା ଜାଣୁ: "ଯୀଶୁ ଖ୍ରୀଷ୍ଟଙ୍କ ସାକ୍ଷ୍ୟ ହେଉଛି ଭବିଷ୍ୟତ୍‌ବାଣୀର ଆତ୍ମା," ପ୍ରକାଶିତ ବାକ୍ୟ କୁହେ ।)

113 ତେବେ, ପ୍ରଚାରକ ପ୍ରଚାର କରିବା ଆରମ୍ଭ କରନ୍ତି। ଯେତେବେଳେ ସେ ପ୍ରଚାର କରୁଥିଲେ, ଆଶୀର୍ବାଦଗୁଡିକ, ଠିକ୍ ସେତେବେଳେ, ବୋଧହୁଏ ତାଙ୍କ ଉପଦେଶର ଶେଷ ଆଡକୁ, ଦଳା ଯିବାକୁ ଆରମ୍ଭ ହୁଏ; ଲୋକମାନେ କୁହନ୍ତି, "ଆମେନ୍," ପରମେଶ୍ୱରଙ୍କୁ ଧନ୍ୟ କହିବାକୁ ଯାଆନ୍ତି। ତାହାପରେ ଯେତେବେଳେ ସେ ପ୍ରଚାର କରିବା ବନ୍ଦ କରି ଦିଅନ୍ତି, ହୋଇପାରେ ଯେ ଏକ ବାର୍ତ୍ତା ଆସିପାରେ, ହୋଇପାରେ ଯେ ପରଭାଷାରେ କଥା କହିବାର ହୁଏ (ପ୍ରଥମ କରିନ୍ଥୀୟ 14:13, 14)। ତାହାପରେ—ତାହାପରେ ଯଦି ମଣ୍ଡଳୀରେ କୌଣସି ଅନୁବାଦକ ନ ଥାଆନ୍ତି, ତେବେ ଏହି ବ୍ୟକ୍ତିଙ୍କୁ ନୀରବ ରହିବାକୁ ହୁଏ, 'କାରଣ ସେମାନେ ସଠିକ୍ ଭାବରେ ପରଭାଷାରେ କଥାବାର୍ତ୍ତା କରୁଥାନ୍ତି, ମାତ୍ର ସେମାନେ ଏହା ପରମେଶ୍ୱରଙ୍କ ନିକଟରେ କରୁଥାନ୍ତି। ବୁଝିଲେ? କିନ୍ତୁ ଯଦି ସେମାନେ ପରଭାଷାରେ କଥାବାର୍ତ୍ତା କରୁଥାନ୍ତି ଏବଂ ସେଠାରେ ଜଣେ ଅନୁବାଦକ ଅଛନ୍ତି, ତେବେ ସେହି ଅନୁବାଦକଙ୍କୁ ବାର୍ତ୍ତା ଦେବାକୁ ହୁଏ। ସମସ୍ତ ମଣ୍ଡଳୀ ସେହି ବିଷୟକୁ ଆସୁଥାଆନ୍ତି।

114 ଚାର୍ଲ୍ସ ଫୁଲର୍, ଯେତିକି ମୋ ସହିତ ତାହା ବିଷୟରେ ବିବାଦ କରିଥିଲେ ଯେତେବେଳେ ମୁଁ ସେଠାରେ ରହିଥିଲି, ବର୍ତ୍ତମାନ ସେ ଏହାକୁ ଗ୍ରହଣ କରୁଛନ୍ତି। ଏବଂ ସେମାନେ ଲଙ୍ଗ ବିଚ ନାମକ ସ୍ଥାନରେ ଏହା କରୁଛନ୍ତି। ହଁ, ଆଜ୍ଞା! ଠିକ ସେହି ସମୁଦ୍ର କୂଳରେ, ଠିକ ସେଠାରେ ପ୍ରେକ୍ଷାଳୟରେ, ପରମେଶ୍ୱରଙ୍କ ଆଶୀର୍ବାଦ ଲାଭ କରୁଛନ୍ତି, ପରଭାଷାରେ କଥା କହୁଛନ୍ତି, ପରଭାଷାର ବ୍ୟାଖ୍ୟା କରୁଛନ୍ତି, ଏବଂ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି। ଏବଂ ସେ ମୋ ସହିତ ମୁହାଁମୁହିଁ ଠିଆ ହୋଇ କହିଥିଲେ, "ଭାଇ ବ୍ରାନହାମ୍, ମୁଁ ସେହି ଜିନିଷରେ ବିଶ୍ୱାସ କରେ ନାହିଁ।"

ମୁଁ କହିଲି, "ତେବେ, ତାହା ଆପଣଙ୍କ ଉପରେ ନିର୍ଭର କରେ। ଏହା ଅବିଶ୍ୱାସୀମାନଙ୍କ ପାଇଁ ନୁହେଁ, ଭାଇ ଫୁଲର୍, ଏହା ତ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ଅଟେ।" ଏବଂ ବର୍ତ୍ତମାନ ସେ ସେହି ସମାନ ବିଷୟ ପ୍ରଚାର କରୁଛନ୍ତି। ଏହା ଏକ ସମୟକୁ ଆସୁଅଛି; ସେଠାରେ ଏକ ଚରମ ପରାକାଷ୍ଠା ଆସୁଅଛି।

115 ବର୍ତ୍ତମାନ ତେବେ, ଯଦି ଏହା କ୍ରମରେ ଅଟେ, ଯଦି ଏହାହିଁ ତାହା ଅଟେ ଯାହାକି ଆପଣ ପାଉଅଛନ୍ତି…ପ୍ରଚାରକ କହୁଥିବାବେଳେ ସବୁକିଛି ପ୍ରଚାରକଙ୍କୁ ଶୁଣିବା ପାଇଁ ନୀରବ ରହିବା ଉଚିତ୍। କାରଣ ଯଦି ସେ ଅଭିଷେକ ଅଧୀନରେ ପ୍ରଚାର କରୁଥାଆନ୍ତି, ତେବେ ପରମେଶ୍ୱରଙ୍କ ବାକ୍ୟ ନିର୍ଗତ ହେଉଥାଏ। ସେତେବେଳେ, ଭବିଷ୍ୟଦ୍‌ବକ୍ତାମାନଙ୍କର ପ୍ରତ୍ୟେକ ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଅଟେ। ଯେତେବେଳେ ଜଣେ ପାଳକ ମଞ୍ଚକୁ ଚାଲି କରି ଆସନ୍ତି, ସେହି ବାଇବଲକୁ ଓଲଟାନ୍ତି, ମଣ୍ଡଳୀ ଚୁପ୍ ରହିବା ଉଚିତ୍, ଶୁଣୁଥିବା ଉଚିତ୍…ତାଙ୍କର ଶାସ୍ତ୍ର ପାଠ କରୁଥିବା ବିଷୟକୁ, ଧ୍ୟାନ ଦିଅନ୍ତୁ ଯାହା ସେ କହିବାକୁ ଯାଉଥାଆନ୍ତି। ଯଦି ସେ ଏପରି କିଛି କୁହନ୍ତି ଯାହାକି ଆପଣଙ୍କୁ ଭଲ ଲାଗେ, ତେବେ ଆପଣ କହିପାରନ୍ତି, "ଆମେନ୍, ପ୍ରଭୁ ଧନ୍ୟ ହେଉନ୍ତୁ!" କିମ୍ୱା ଆପଣ ଯାହାକିଛି ଚାହାଁନ୍ତି। *ଆମେନ୍* ଅର୍ଥ "ସେହିପରି ହିଁ ହେଉ।" ବାଇବଲ ତାହା କରିବାକୁ କହିଅଛି।

116 ତାହାପରେ, ବାର୍ତ୍ତା ଶେଷ ହୋଇଯିବା ପରେ...ସେତେବେଳେ ଯଦି ପ୍ରଚାରକ ସେଠାରେ ଏକ ସ୍ଥାନ ଦିଅନ୍ତି ଯେଉଁଠାରେକି ଲୋକମାନେ ସମସ୍ତେ ଆନନ୍ଦ ଉଲ୍ଲାସ କରୁଥାଆନ୍ତି, ଲୋକମାନଙ୍କ ଗହଣରେ ଆତ୍ମା ବିଚରଣ କରୁଥାଏ, ବୋଧହୁଏ ସେ ଆଉ ଏକ ବାର୍ତ୍ତା ପଠାଇ ପାରନ୍ତି । ଯଦି ସେ ଏକ ବାର୍ତ୍ତା ପଠାନ୍ତି, ତେବେ ତାହା କାହାରି ପାଖକୁ ଆସିବ, ତାହାପରେ ଏକ ବ୍ୟାଖ୍ୟା ଆସିବ; ଏହା ଏପରି ହେବ ନାହିଁ ଯେ, କେବଳ ଶାସ୍ତ୍ରର ଏକ ଉଦ୍ଧୃତ କରିବା କିଅବା ଅନ୍ୟ କିଛି କରିବା । ପରମେଶ୍ୱର ବୃଥା ପୁନରାବୃତ୍ତି ବ୍ୟବହାର କରନ୍ତି ନାହିଁ । ମାତ୍ର ତାହା ତ କାହାରିକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କିମ୍ବା କୌଣସି କିଛି ବିଷୟ କରିବା ପାଇଁ ଏକ ପ୍ରତ୍ୟକ୍ଷ ବାର୍ତ୍ତା ହେବ ଯାହାକି ମଣ୍ଡଳୀକୁ ଶୁଚି କରିବ । ତାହାପରେ ଯେତେବେଳେ ସେମାନେ ମଣ୍ଡଳୀର ସେହି ଶୁଚିକରଣ ପାଇଯାଆନ୍ତି, ଆପଣ କୁହନ୍ତି...

117 ଉଦାହରଣ ସ୍ୱରୂପେ ଏହି ପରି ଭାବରେ: କେହି ଜଣେ ଏଠାରେ ଠିଆ ହୋଇ ପରଭାଷାରେ କଥା କୁହନ୍ତି; ଏହି ଜଣକ ବ୍ୟାଖ୍ୟା କରନ୍ତି ଓ କୁହନ୍ତି, "**ପବିତ୍ରଆତ୍ମା ଏହି କଥା କୁହନ୍ତି**: *ଅମୁକ-ଓ-ଅମୁକ* ଯାଆନ୍ତୁ ଓ ସେଠାରେ ସେହି ବ୍ୟକ୍ତିଙ୍କ ଉପରେ ହାତ ରଖନ୍ତୁ, କାରଣ **ପବିତ୍ରଆତ୍ମା ଏହି କଥା କୁହନ୍ତି**, ଆଜି ରାତି ସେମାନଙ୍କର ଆରୋଗ୍ୟତା ନିମନ୍ତେ ସମୟ ଅଟେ ।" ତାହା କଅଣ ଅଟେ?

ତାହାପରେ ଏହି ସମାନ ବ୍ୟକ୍ତି ଜଣକ କହନ୍ତି, "ମୁଁ ସେଠାରେ ବସିଥିଲି; ମୋର ହୃଦୟ ସେହି ଶିଶୁ ପାଇଁ ଜଳୁଥିଲା ।" ତେବେ—ତେବେ ସେମାନେ ଆତ୍ମାଙ୍କ ଆଜ୍ଞାବହତାରେ ଉଠୁଥାଆନ୍ତି, ଯାଇ ସେହି ଶିଶୁ ଉପରେ ହାତ ରଖନ୍ତି, ଏବଂ ତାହା ଭଲ ହୋଇଯାଏ । ଯଦି ତାହା ନ ହୁଏ, ତେବେ କିଛି ଗୋଟାଏ ଭୁଲ୍ ଥାଏ । ବୁଝିଲେ, ବୁଝିଲେ? ଏହା ଏକ ପ୍ରତ୍ୟକ୍ଷ ବାର୍ତ୍ତା ଅଟେ ।

118 ତେବେ ସେହି ଅବିଶ୍ୱାସୀ ସେଠାରେ ବସି ରହିଥାଏ ଓ କହିଥାଏ, "ଗୋଟିଏ ମିନିଟ୍ ରୁହନ୍ତୁ । ଧରନ୍ତୁ, ପରମେଶ୍ୱର ସେହି ଲୋକମାନଙ୍କ ସହିତରେ ଅଛନ୍ତି!" ଦେଖନ୍ତୁ ମୋର କହିବାର ଅର୍ଥ କଅଣ?

119 ତାହାପରେ ସେ କହିବେ, କିମ୍ବା, "**ପବିତ୍ରଆତ୍ମା ଏହି କଥା କୁହନ୍ତି**: ସହରର ଦକ୍ଷିଣ ପାର୍ଶ୍ୱରେ ଥିବା ସମସ୍ତେ, ସ୍ପ୍ରିଙ୍ଗ ଷ୍ଟ୍ରିଟର ସେହି ପାର୍ଶ୍ୱରୁ ନେଇ, ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ବାହାରି ଯାଆନ୍ତୁ, କାରଣ ଏକ ଝଡ ତୋଫାନ୍ ଆସୁଅଛି ଯାହାକି ସହରର ସମସ୍ତ ପାର୍ଶ୍ୱକୁ ଛାରଖାର କରିଦେବ ।" ତାହାପରେ, ପ୍ରଥମ ବିଷୟ ଆପଣ ଜାଣନ୍ତି, ସମଗ୍ର ମଣ୍ଡଳୀ ନିମନ୍ତେ ଏକ ଭବିଷ୍ୟତ୍‌ବାଣୀ ଥାଏ ।

120 ତାହାପରେ କେହି ଜଣେ, ଆତ୍ମିକ ବିଚାର, ଉଠନ୍ତି ଓ କୁହନ୍ତି, "କଅଣ ତାହା ପ୍ରଭୁଙ୍କର ଥିଲା କି?" ପ୍ରତ୍ୟେକ ଜଣ । ଯଦି ତିନିଜଣ ଉତ୍ତମ ପୁରୁଷମାନେ ଛିଡା ହେବେ ଓ କହିବେ, ଆତ୍ମିକ ବିଚାରକର୍ତ୍ତାମାନେ, କହିବେ, "ତାହା ପ୍ରଭୁଙ୍କର ଥିଲା," ତେବେ ମଣ୍ଡଳୀ ଏହାକୁ ଗ୍ରହଣ କରି ନିଏ; ଏବଂ ସହରର ସେହି ପ୍ରାନ୍ତରେ ଥିବା ସମସ୍ତେ ବାହାରି ଯାଆନ୍ତି, ସେହି ସମୟ

ପାଇଁ ସେହି ସ୍ଥାନରୁ ଦୂରେଇ ଯାଆନ୍ତି । ତାହାପରେ ଯଦି ଏହା ନ ଘଟେ ତେବେ ଉତ୍ତମ ହେବ ଯେ ଆପଣ ସେହି ବ୍ୟକ୍ତିଙ୍କୁ ଯାଞ୍ଚ କରନ୍ତୁ । ବୁଝିଲେ? ଆପଣଙ୍କ ମଧ୍ୟରେ ଆପଣ ଅନ୍ୟ ଏକ ଆତ୍ମା ପାଇଅଛନ୍ତି । କିନ୍ତୁ ଯଦି ତାହା ଘଟେ, ତେବେ ପରମେଶ୍ୱରଙ୍କୁ ଧନ୍ୟ କୁହନ୍ତୁ ଓ ଆପଣଙ୍କୁ ଆସୁଥିବା କ୍ରୋଧରୁ ରକ୍ଷା କରିବାକୁ ଦେଇଥିବା ହେତୁରୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । ବୁଝିଲେ? ସେହି ବିଷୟଗୁଡିକୁ ଧ୍ୟାନ ଦିଅନ୍ତୁ । ତାହା ହେଉଛି ମଣ୍ଡଳୀ କ୍ରମରେ ରହିବା ।

121 ଦୁଇ କିମ୍ବା ତିନୋଟି ବାର୍ତ୍ତା, ତିନିରୁ ଅଧିକ ନୁହେଁ, ସେହିପରି ଭାବରେ ଏକ ସମୟରେ ବାହାରିବ । ଯାହା ବି ବାହାରେ, ଦେଖନ୍ତୁ, ଯେ ତାହା କ୍ରମରେ ରହିବା ଉଚିତ । ପ୍ରଥମ ସ୍ଥାନ… ତାହାପରେ, ଅନ୍ୟ ଏକ ମଣ୍ଡଳୀ, କ୍ରମରେ ଆଉ ଏକ ବିଷୟ…

122 ମୁଁ ଜାଣି ନାହିଁ । ଏହା ହୁଏତ ଜଣେ ସ୍ତ୍ରୀଲୋକ ହୋଇଥିବେ ଯିଏକି ଏହା ପଚାରିଛନ୍ତି । ମୁଁ କେବଳ…ମୋ ମନରେ ଆଉ କିଛି ବିଷୟ ଆସିଲା, ତେଣୁ ମୁଁ ଭାବିଲି ଯେ ତାହା କହି ଦିଏ । ସେହି ସ୍ତ୍ରୀଲୋକ, ଯେତେବେଳେ ସେମାନେ ମଣ୍ଡଳୀକୁ ଆସୁଥିଲେ, ନୂତନ ନିୟମ ଅନୁଯାୟୀ, ଭିତରକୁ ଆସି ଏକ ଆଚ୍ଛାଦିତ ମୂଖମଣ୍ଡଳ ଓ ଦୁଃଖର ମୁଦ୍ରା ସହିତ ବସୁଥିଲେ, ଏବଂ ସେଠାରେ ସମସ୍ତ ସେବା ଦେଇ ରହିବାର ଥିଲା । ତାହା ଶାସ୍ତ୍ର ଅନୁଯାୟୀ ଅଟେ । ବର୍ତ୍ତମାନ । କିନ୍ତୁ ମୁଁ ଭାବୁଛି ଯେ ଜଣେ ସ୍ତ୍ରୀଲୋକ…ନିଶ୍ଚିତରେ । ବର୍ତ୍ତମାନ, ମୁଁ ଆପଣ ସ୍ତ୍ରୀଲୋକମାନଙ୍କୁ ନିନ୍ଦା କରୁନାହିଁ । ବୁଝିଲେ?

123 କିଛି ସମୟ ପୂର୍ବରୁ ଜଣେ ଯୁବା ମହିଳା ମୋ ପାଖକୁ ଆସିଲେ । ନୁହେଁ…ଭାଇ ଜୁନିୟର ସେଠାରେ ଉପସ୍ଥିତ ଥିଲେ, ଯେତେବେଳେ ଜଣେ ମହିଳା ଆସିଥିଲେ, ଯେ ତାଙ୍କର କିଛି ସମସ୍ୟା ରହିଥିଲା । ତାଙ୍କର ପଡ଼ୋଶୀମାନେ ତାଙ୍କୁ ପରିହାସ କରୁଥିଲେ, କାରଣ ସେ ବହୁତ ଦିନରୁ ଏଠାରେ ନିଜର କେଶ କାଟି ନ ଥିଲେ । ଏବଂ ସେ ଗଲେ ଓ ତାଙ୍କର କେଶ କାଟି ପକାଇଲେ । ଆଉ ତାହାପରେ, ନଦୀ ଉପରେ କୌଣସି ସ୍ତ୍ରୀଲୋକ ତାଙ୍କ ମୁଣ୍ଡ ଘାବରା କରି ପକାଇଲେ, ଓ ତାଙ୍କୁ କହିଲେ ଯେ ସେ ଏକ ଆତ୍ମିକ ଉପାୟରେ, ତାଙ୍କର ପାଦକୁ ତାଙ୍କ ହାତ ସହିତରେ, ବାନ୍ଧିବାକୁ ଯାଉଛନ୍ତି, କିମ୍ବା, କେଶ ସହିତରେ ଆଉ ସେ ଏହି ସ୍ତ୍ରୀଲୋକକୁ ଏକ ଭୟାକ୍ରାନ୍ତ କରି ପକାଇଲେ । ସେହି ସ୍ତ୍ରୀଲୋକର ମନ ବିଚଳିତ ହେବାକୁ ଲାଗିଲା, ଦୁଇଟି ସନ୍ତାନ ଥିଲେ । ସେ କଅଣ କରିବେ ଜାଣି ନ ଥିଲେ । ସେ କେବଳ ସେହିପରି ଭାବରେ ବସି ରହିଲେ ।

124 ଦିନେ ସେ ଗାଡି ଚଲାଇ ଘର ସମ୍ମୁଖକୁ ଆସିଲେ । ପବିତ୍ରଆତ୍ମା ତଳକୁ ଓହ୍ଲାଇ ଆସିଲେ, ଓ ତାଙ୍କ ସହିତ କଥାବାର୍ତ୍ତା କଲେ, ଏବଂ ତାଙ୍କୁ କହିଲେ ଯେ ସେ ସୁସ୍ଥ ହେବାକୁ ଯାଉଛନ୍ତି, କହିଲେ, "ଏବଂ **ଆତ୍ମା ଏହି କଥା କୁହନ୍ତି**…" ଏବଂ ତାହାପରେ ସେ—ସେ ସେହିପରି ଭାବରେ କିଛି ଦିନ ରହିଲେ, ଆଉ ତାହାପରେ ସେ…ମୁଁ ଗତକାଲି ଯାଇଥିଲି, ଭାଇ ଜୁନିୟର ଏବଂ ଭାଇ ଫଙ୍କ ସହିତ ସେହି ସ୍ତ୍ରୀଲୋକଙ୍କୁ ଦେଖିବାକୁ ଯାଇଥିଲି । ଏବଂ ମୁଁ ଅଧା ମାଇଲ୍ ଭିତରେ ଥିଲି । ସେ ଛିଡ଼ା ହୋଇ, ନିଜର କେଶ ବିନ୍ୟାସ କରୁଥିଲେ ଯାହାକୁ ସେ ବର୍ତ୍ତମାନ

ବଢ଼ିବାକୁ ଦେବା—ଦେବା ପାଇଁ ଛାଡ଼ିଥିଲେ, କହୁଥିଲେ, "ପଡ଼ୋଶୀମାନେ ହସନ୍ତୁ ଏବଂ ସେମାନଙ୍କର ଯାହା ଇଚ୍ଛା ତାହା କରନ୍ତୁ ।"

125 ଏବଂ ତାହାପରେ, ପବିତ୍ରଆତ୍ମା ମୋତେ ଆଉ ସେଠାକୁ ଯିବାକୁ ଦେଲେ ନାହିଁ । ଏବଂ ଏହା ତାଙ୍କ ସହ କଥା ହେଲା ଏବଂ ତାଙ୍କୁ କହିଲା ଯେ ମୁଁ ସେହି ସ୍ଥାନ ନିକଟରେ ଅଛି ଏବଂ ଆସିବାକୁ ଚାହୁଁଛି । ଏବଂ ଗତକାଲି ରାତି ଏକ ଦର୍ଶନରେ, ସେହି ସ୍ତ୍ରୀଲୋକକୁ ଆସିବାର ଦେଖିଲି, ଓ ତାଙ୍କୁ କହିଲି ଯେ ତାଙ୍କ ସହିତ କଅଣ ଭୁଲ୍ ଅଛି; ଆଉ କିଛି ସମୟ ପୂର୍ବରୁ ସେ ମୋ କୋଠରୀରେ ସୁସ୍ଥ ହେଲେ । ବୁଝିଲେ? ଭାଇ ଜୁନିୟର, କଅଣ ତାହା ଠିକ୍ କି? ତାହା ଠିକ୍ ଅଟେ । କିଛି ସମୟ ପୂର୍ବରୁ । ବୁଝିଲେ? ପରମେଶ୍ୱର ମୋତେ ସେଠାକୁ ଯିବାକୁ ଦେଇ ନ ଥିଲେ କାରଣ ସେହି ବିଷୟଟି ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନ ଥିଲା । ବୁଝିଲେ? ସେ ମୋତେ ଠିକ୍ ସେହି ସ୍ଥାନକୁ ନେଇ ଆସିଲେ ଓ ଠିକ ସେଠାରେ ଦୃଢୀଭୁତ କଲେ, ଏହା ଦର୍ଶାଇବା ହେତୁ ଯେ ଏହା କୌଣସି ବ୍ୟକ୍ତି ନୁହଁନ୍ତି, ଏହା ତ ପରମେଶ୍ୱର ଅଟନ୍ତି । ବୁଝିଲେ?

ବର୍ତ୍ତମାନ । ସେ କହିଲେ, "ଭାଇ ବ୍ରାନହାମ୍, ମୋ ସ୍ୱାମୀ ଚାହାଁନ୍ତି ଯେ ମୁଁ ଲମ୍ୱା କେଶ ରଖେ ।"

126 ମୁଁ କହିଲି, "ପରମେଶ୍ୱର ସେହି ସମାନ କଥା ଚାହାଁନ୍ତି ।" ତାହା ଠିକ୍ ଅଟେ, କାରଣ ସ୍ତ୍ରୀଲୋକମାନଙ୍କର ଲମ୍ୱା କେଶ ରହିବା ଉଚିତ୍ । ତାହା ସେମାନଙ୍କର ଆବରଣ ଅଟେ ।

127 ମୁଁ ଜାଣେ ଆଜି ଆମେ ମହିଳାମାନେ, କିମ୍ୱା ଆପଣ ମହିଳାମାନେ, ବରଂ, ଟୋପିଗୁଡିକ ପିନ୍ଧନ୍ତି । ଆପଣ କୁହନ୍ତି ଯେ ତାହା ଆପଣଙ୍କର ଆବରଣ ଅଟେ । ତାହା ଭୁଲ ଅଟେ । ବାଇବଲ କୁହେ ଯେ ଜଣେ ସ୍ତ୍ରୀଲୋକର ଆବରଣ ହେଉଛି ତାର କେଶ । ଆଉ ଯଦି ସେ ତାର କେଶ କାଟେ ତେବେ ତାହା ପାଇଁ ପ୍ରାର୍ଥନା କରିବା ଏକ ସାଧାରଣ କଥା ଅଟେ । କଅଣ ତାହା ଠିକ୍? ତାହା ଶାସ୍ତ୍ର ଅଟେ । ବୁଝିଲେ? ତେଣୁକରି ବର୍ତ୍ତମାନ, ସ୍ତ୍ରୀଲୋକମାନେ ଲମ୍ୱା କେଶ ରଖିବା ଉଚିତ୍, ଆପଣ ଏହା ବିଷୟରେ କଅଣ ଭାବିବାକୁ ଚାହାଁନ୍ତି କିଛି ଯାଏ ଆସେ ନାହିଁ; ଏହାହିଁ ତାହା ଯାହାକି **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ । ଆପଣ ମୋତେ ଯେକୌଣସି ସ୍ଥାନ ଦେଖାଇ ପାରନ୍ତି…

128 ଆପଣ କୁହନ୍ତି, "ତେବେ, ମୋର କେଶ ତ ଲମ୍ୱା ଅଟେ । ଦେଖନ୍ତୁ, ଏହା ମୋର କାନ୍ଧ ପର୍ଯ୍ୟନ୍ତ ଅଛି ।" ତାହା ଛୋଟ କେଶ ଥିଲା । "ଖ୍ରୀଷ୍ଟ…" ଆପଣ କୁହନ୍ତି, "ଖ୍ରୀଷ୍ଟଙ୍କର ଲମ୍ୱା କେଶ ଥିଲା ।" ନା, ତାଙ୍କର କଦାପି ନ ଥିଲା । ଖ୍ରୀଷ୍ଟଙ୍କର କାନ୍ଧ ପର୍ଯ୍ୟନ୍ତ-କେଶ ଲମ୍ବା ଥିଲା, ତେଣୁକରି ସେମାନେ କୁହନ୍ତି । ସେମାନେ—ସେମାନେ ଏହାକୁ ଏହି ପ୍ରକାରେ ଏଆଡୁ ଟାଣି ତାକୁ କାଟି ପକାନ୍ତି, କାନ୍ଧ ପର୍ଯ୍ୟନ୍ତ-ଲମ୍ବା କେଶ ରଖନ୍ତି । ସେଠାରେ ସେହି ବିଷୟରେ ତାର ଗ୍ରୀକ୍ ଶବ୍ଦକୁ ଦେଖନ୍ତୁ, ଏବଂ ଆପଣ ପାଇଯିବେ ।

129 ନାରୀ ସ୍ୱଭାବବିଶିଷ୍ଟ କେଶ…ଜଣେ ପୁରୁଷର ଲମ୍ୱା କେଶ ରହିବା ଉଚିତ୍ ନୁହେଁ, କାରଣ ଏହା ନାରୀ ସ୍ୱଭାବବିଶିଷ୍ଟ ଅଟେ, ଠିକ ଏହିପରି ଭାବରେ ତଳକୁ ଯାଏ । କିନ୍ତୁ ସେ ଏହାକୁ

କେବଳ ନିଜ କାନ୍ଧ ଦେଶରେ କାଟି ଦେଇଥିଲେ, ଯେଉଁଠାରେ ସେମାନେ ଏହାକୁ କାଟିଥିଲେ, ତାଙ୍କ ମୁଣ୍ଡର ଚାରିପାଖରେ, ଠିକ ଏହିପରି ଭାବରେ ଗୋଲ ଓ ଛୋଟ ଛୋଟ କରି। ତାହା ଛୋଟ କେଶ ଥିଲା।

130 ତେଣୁକରି, କାନ୍ଧ ଦେଶ ପର୍ଯ୍ୟନ୍ତ କେଶ ଥିବା ମହିଳାମାନେ, ଏହା ତଥାପି ଛୋଟ କେଶ ଅଟେ। ତେବେ, ମୁଁ ଏହା କହୁ ନାହିଁ ଯେ ତାହା ଆପଣଙ୍କୁ ନରକକୁ ପଠାଇ ଦେବ କିମ୍ବା ଆପଣଙ୍କୁ ସ୍ୱର୍ଗକୁ ନେଇଯିବ। ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ। କିନ୍ତୁ ମଣ୍ଡଳୀର କ୍ରମ ହେଉଛି ଯେ ସ୍ତ୍ରୀଲୋକମାନେ ଲମ୍ବା କେଶ ରଖନ୍ତୁ। ତାହା ଠିକ୍; ତାହା ଠିକ୍। ଏବଂ ମଣ୍ଡଳୀରେ ପ୍ରବେଶ କରିବା...ଏବଂ—ଏବଂ କାର୍ଯ୍ୟକଳାପରେ କୌଣସି ହସ୍ତକ୍ଷେପ ନ କରିବା, ସାମାଜିକ କାର୍ଯ୍ୟକଳାପରେ, କିମ୍ବା, ସେହି ନୁହେଁ...ମୋର କହିବାର ଅର୍ଥ ମଣ୍ଡଳୀର କାର୍ଯ୍ୟକଳାପ ଗୁଡିକରେ। ଏବଂ ତାହାଙ୍କୁ ଆଜ୍ଞାକାରୀ, ଏବଂ ଆଦରଣୀୟ, ଓ ସେହିପରି ହେବାକୁ ଅଛି, କାରଣ ସେ ହିଁ ସେହି ଜଣକା ଥିଲେ, ବାଇବଲ କୁହେ, ଯିଏକି ପ୍ରଥମ ପତ୍ତନ ଆଣିଥିଲା। ଏବଂ ତାହା ଠିକ୍ ଅଟେ; ତାହା ଠିକ୍। ବର୍ତ୍ତମାନ, ଠିକ୍ ଶୀଘ୍ର। ମୁଁ ଆଶା କରେ ଯେ ତାହା କାହାରିକୁ ଦୁଃଖ ଦେଇ ନାହିଁ।

**19.** ପ୍ରଶ୍ନ: **ପରମେଶ୍ୱରଙ୍କ ଏକ ଦର୍ଶନ ମୋ ସମ୍ମୁଖକୁ ସେତେବେଳେ କାହିଁକି ଆସିବାର ଥିଲା ଯେତେବେଳେ ମୁଁ ମୋର ମଣ୍ଡଳୀରେ ପ୍ରଭୁଭୋଜ ନେବା ଉପରେ ଥିଲି? ସମାପ୍ତ।** (ତେବେ, ଏହା କେବଳ ଜଣେ ମହିଳାଙ୍କ ନାମ ଅଟେ; ହଁ, ଏହା ଜଣେ ମହିଳାଙ୍କ ନାମ,) **ଜଣେ... ପରମେଶ୍ୱରଙ୍କ ଏକ ଦର୍ଶନ ମୋ ସମ୍ମୁଖକୁ ସେତେବେଳେ କାହିଁକି ଆସିବାର ଥିଲା ଯେତେବେଳେ ମୁଁ ମୋର ମଣ୍ଡଳୀରେ ପ୍ରଭୁଭୋଜ ନେବା ଉପରେ ଥିଲି?**

131 ତେବେ, ମୁଁ ଜାଣେ ନାହିଁ, ଭଉଣୀ, ଯେପର୍ଯ୍ୟନ୍ତକି ଏହା ତାହା ନ ଥିଲା: ଯଦି ଆପଣ ନିଜ ମଣ୍ଡଳୀରେ ପ୍ରଭୁଭୋଜ ନେଉଥିବା ସମୟରେ ଯୀଶୁ ଖ୍ରୀଷ୍ଟଙ୍କୁ ଏକ ଦର୍ଶନରେ ପ୍ରକଟ ହେଉଥିବାର ଦେଖିଲେ, ତାହାହେଲେ ସେ ଆପଣଙ୍କୁ ଏହା ଜଣାଉଥିଲେ: ଯେ ଆପଣ ତାହାଙ୍କୁ ଏକ ପ୍ରତୀକରେ ଗ୍ରହଣ କରୁଛନ୍ତି। ପ୍ରଭୁଭୋଜ ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ଶରୀରକୁ ପ୍ରତିନିଧିତ୍ୱ କରିବା; ଏବଂ ଆପଣ ତାହାଙ୍କୁ ଏକ ପ୍ରତୀକ ଭାବରେ ନିଜ ଶରୀରରେ ଗ୍ରହଣ କରୁଥିଲେ। ତେଣୁକରି ପରିଷ୍କାର ରୁହନ୍ତୁ, ଏବଂ ବିଶୁଦ୍ଧ ଜୀବନ ଯାପନ କରନ୍ତୁ।

132 ଶୁଣନ୍ତୁ। ଯଦି ଆପଣ ପ୍ରଭୁଭୋଜ ନିଅନ୍ତି (ଆପଣ ଏହାକୁ କିଛି ମିନିଟରେ ପାଠ କରୁଥିବାର ଶୁଣିବେ) ଯେତେବେଳେକି ଆପଣ ଅଯୋଗ୍ୟ ଥାଆନ୍ତି, ତେବେ ଆପଣ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଏବଂ ଶରୀରର ଦୋଷୀ ହୋଇଥାଆନ୍ତି। ତେବେ ଜଣେ ବ୍ୟକ୍ତି ଯିଏକି ସେହି ସମ୍ପ୍ରଦାୟକୁ ଗ୍ରହଣ କରନ୍ତି ପରମେଶ୍ୱରଙ୍କ ସମ୍ମୁଖରେ ସଠିକ ଭାବେ ଜୀବନ ଯାପନ କରନ୍ତୁ, ଯିଏକି ସେହି ପ୍ରଭୁଭୋଜକୁ ଗ୍ରହଣ କରନ୍ତି, ବରଂ, ସଠିକ୍ ଭାବେ ଜୀବନ ଯାପନ କରନ୍ତୁ। ଏହାକୁ ଅଯୋଗ୍ୟ ଭାବରେ ଗ୍ରହଣ କରନ୍ତୁ ନାହିଁ। ତାହାହିଁ କେବଳ...

133 ଦେଖନ୍ତୁ । ବାଇବଲ ଭବିଷ୍ୟତ୍‌ବାଣୀ କରିଛି ଯେ ଶେଷ ଦିନରେ ପରମେଶ୍ୱରଙ୍କ ସମସ୍ତ ମେଜ ବାନ୍ତିରେ ପରିପୂର୍ଣ୍ଣ ହେବ । ଏବଂ ସେଠାରେ ତାହାକୁ ବୁଝିବା ପାଇଁ—ପାଇଁ କେହି ହେଲେ ସକ୍ଷମ ହେବେ ନାହିଁ । କଅଣ ତାହା ଠିକ୍ ଅଟେ? ଦେଖନ୍ତୁ । ଅଧିକ ଦିନ ହୋଇନାହିଁ ମୁଁ ଏକ ବହୁତ ବଡ ଆରଧନାଳୟକୁ ଗଲି । ମୁଁ ନାମ କହିବି ନାହିଁ; ଆପଣ ସମସ୍ତେ ତାହା ଭଲ ଭାବରେ ଜାଣନ୍ତି । କଅଣ ଆପଣ ଜାଣନ୍ତି ଯେ ସେମାନେ ପ୍ରଭୁଭୋଜ ପାଇଁ କଅଣ ଗ୍ରହଣ କରିଥିଲେ? ସେମାନେ ହାଲୁକା ପାଉ ରୁଟି, ଭୋଜନ କରିବାର ରୁଟି, ହାଲୁକା ରୁଟି ନେଇ ତାହାକୁ ଖଣ୍ଡ ଖଣ୍ଡ କରି କାଟିଥିଲେ । ଏବଂ ଦୀକନ୍‌ମାନଙ୍କର ଏକ ଗୋଷ୍ଠୀ, ଯାହା ସେହି ପ୍ରଚାରକ କହିଲେ ଯେ ସେମାନଙ୍କ ମଧ୍ୟରୁ ସାତ ଜଣ ମଦ୍ୟପ ଥିଲେ...ତାହା ଠିକ୍ ଅଟେ । ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ସେହି ସମ୍ପୂର୍ଣ୍ଣ ଗୋଷ୍ଠୀ...ଆପଣ ସେମାନଙ୍କୁ ଦେଖିପାରନ୍ତି ଯେତେବେଳେ ସେମାନେ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁ କରୁ ସେହି ଭବନ ଦେଇ ଯାଉଥିଲେ । ଏବଂ ଯେତେବେଳେ ଗୀର୍ଜା ସମାପ୍ତ ହୋଇଗଲା, ଶେଷରେ, ରବିବାର ଶ୍ରେଣୀ ଶିକ୍ଷା ଏବଂ ମଣ୍ଡଳୀ ମଧ୍ୟରେ, ପ୍ରାୟଃ ପ୍ରାୟଃ ପ୍ରତ୍ୟେକ ଜଣ, ପାଳକ ଏବଂ ସମସ୍ତେ, ବାହାରକୁ ବାହାରି ଗଲେ ଓ ଯାଇ ପଦାରେ ସିଗାରେଟ୍ ଟାଣିଲେ, ଏବଂ ଭିତରକୁ ପୁଣିଥରେ ଆସି ପ୍ରଭୁଭୋଜ ଗ୍ରହଣ କଲେ । ପରମେଶ୍ୱର କହିଛନ୍ତି ଯେ ସେ ଏଥିପାଇଁ ଆପଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବେ ନାହିଁ । "ଏବଂ ତୁମମାନଙ୍କ ମଧ୍ୟରେ ଅନେକେ ଅସୁସ୍ଥ ଏବଂ ଦୁର୍ବଳ, ଏବଂ ଅନେକେ ମୃତ ଅଟନ୍ତି ।" ତାହା ଠିକ୍ ।

134 କହିଲେ, "ପରମେଶ୍ୱରଙ୍କ ସମସ୍ତ ମେଜ ବାନ୍ତିରେ ପରିପୂର୍ଣ୍ଣ, ଏବଂ ମୁଁ କାହାକୁ ଶିକ୍ଷା ଦେବାରେ ସକ୍ଷମ ହୋଇପାରେ ।" ସେ କହିଲେ, "କାରଣ ବିଧି ଉପରେ ବିଧି, ଧାଡି ଉପରେ ଧାଡି, ଏବଂ ଏଠାରେ ଅଳ୍ପ ଓ ସେଠାରେ ଅଳ୍ପ ରହିଛି । ଯାହା ଉତ୍ତମ ତାହାକୁ ଧରି ରଖନ୍ତୁ । କାରଣ ମୁଁ ବିଦେଶୀୟ ଓଷ୍ଠାଧାର ଓ ପରଭାଷା ଦ୍ୱାରା ଏହି ଲୋକମାନଙ୍କ ସହିତ କଥା ହେବି, ଏବଂ ଏହା ସେହି ବିଶ୍ରାମ ଅଟେ ଯାହା ମୁଁ କହିଥିଲି ଯେ ଏଠାରେ ରହିବ, କିନ୍ତୁ ଏସବୁ ହେବା ସତ୍ତ୍ୱେ ସେମାନେ ନିଜର ମସ୍ତକଗୁଡିକୁ ଘୁରାଇ ଚାଲିଯିବେ ଏବଂ କହିବେ, 'ଆମେ ଏହା ଶୁଣିବୁ ନାହିଁ ।'" ବନ୍ଧୁଗଣ, ଦେଖନ୍ତୁ ଆମେମାନେ କେଉଁଠାରେ ରହୁଅଛୁ । ଓଃ, ଦୟା ହେଉ! ଜାଗ୍ରତ ହୁଅନ୍ତୁ!

135 ହଁ, ଆପଣଙ୍କର ଦର୍ଶନ, ଭଉଣୀ...ଯଦି ଆପଣ ପରମେଶ୍ୱରଙ୍କ ସମ୍ମୁଖରେ ଜଣେ ଉତ୍ତମ, ପରିଷ୍କାର, ପବିତ୍ର ସ୍ତ୍ରୀଲୋକ ଅଟନ୍ତି, ଆପଣ ସେଠାରେ ଛିଡା ହୋଇଥିଲେ ଏବଂ ଯୀଶୁ ଆପଣଙ୍କୁ ଏହା ଜଣାଉଥିଲେ ଯେ ସେ ପ୍ରଭୁଭୋଜ ଦେଉ ଅଛନ୍ତି, ଯେ ଆପଣ ତାହାଙ୍କୁ ସେଠାରେ ଏକ ପ୍ରତୀକ ଭାବରେ ଗ୍ରହଣ କରୁଥିଲେ; ଏବଂ ଯଦି ଆପଣ ନୁହଁନ୍ତି, ତାହାହେଲେ ଏହା ଆପଣଙ୍କ ପାଇଁ ପରମେଶ୍ୱରଙ୍କ ସହିତରେ ଠିକ୍ ହୋଇଯିବା ନିମନ୍ତେ ଏକ ଚେତାବନୀ ସ୍ୱରୂପ ଅଟେ ଏହା ପୂର୍ବେକି ଆପଣ ତାହା ପୁନର୍ବାର କରନ୍ତି ।

**20. ମୁଁ ଜାଣିବାକୁ ଚାହେଁ ଯେ ସେହି—ସେହି ନିମ୍ନଲିଖିତ ବିଷୟ କଅଣ ଅଟେ: ପ୍ରଥମ ତୀମଥି, 2ୟ...ଦ୍ୱିତୀୟ ତୀମଥି ତାର 2ୟ ପର୍ବ ଓ 16ତମ ପଦ ।**

136 କେବଳ ଗୋଟିଏ କ୍ଷଣ । ଦ୍ୱିତୀୟ ତୀମଥି...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ଆମେ ଏକାଠି ଆସୁ । ବୋଧହୁଏ ଆପଣ ତାହା ସହିତ ସହମତ ହେବେ ନାହିଁ ଯାହା ମୁଁ କୁହେ । ଆପଣଙ୍କୁ ଘରକୁ ନେଇଯିବା...ତାହାପରେ, ଆପଣ ଘରକୁ ଯିବେ ଓ ପ୍ରକୃତରେ ଆହୁରି ଅଧ୍ୟୟନ କରିବେ, ଆଉ ତେବେ ତାହା ଆପଣଙ୍କୁ ଆତ୍ମିକ ହେବାରେ ସାହାଯ୍ୟ କରିବ । ଠିକ ଅଛି, ଦ୍ୱିତୀୟ ତୀମଥି 2 ଏବଂ 16 ଏହିପରି ପାଠ କରେ:

*କିନ୍ତୁ ଅସାର ବକୁଆପଣରୁ ପୃଥକ ରୁହ: କାରଣ ଯେଉଁମାନେ ସେଥିରେ ଲିପ୍ତ ହେବେ ସେମାନେ ଅଧର୍ମରେ ଅଧିକ ବୃଦ୍ଧି ପାଇବେ ।*

ହଁ । ଠିକ ଅଛି, ଆପଣ ଜାଣିବାକୁ ଚାହାଁନ୍ତି ଯେ "ଅସାର ବକୁଆପଣ" କଅଣ ଅଟେ । "ଅସାର...ଅସାର ବକୁଆପଣରୁ ପୃଥକ ରୁହ, କାରଣ ସେମାନେ ବୃଦ୍ଧି ପାଇବେ ।"

137 ତେବେ, ପ୍ରଥମ ବିଷୟ ହେଉଛି "ଅସାର ବକୁଆପଣ, କାରଣ ସେମାନେ ବୃଦ୍ଧି ପାଇବେ ।" ବର୍ତ୍ତମାନ, ଯେକୌଣସି ବିଷୟ ଯାହାକି ଏକ ପୁରୁଣା...କେବଳ ଅସାର ବକୁଆପଣ କରୁଥାଏ । ବାଇବଲ କୁହେ, ଯୀଶୁ କହିଲେ, "ତୁମର 'ହଁ' କଥା 'ହଁ' ହେଉ ଏବଂ ତୁମର 'ନା' କଥା 'ନା' ହେଉ, କାରଣ ଏହାଠାରୁ ଅଧିକ କିଛି ପାପକୁ ଜାତ କରିବ ।" ଆପଣଙ୍କୁ ଏପରିକି ଥଟ୍ଟା ପରିହାସ କରିବା ଏବଂ ପରସ୍ପର ସହିତ କଡା କଡି କଥା କହିବା ମଧ୍ୟ ଅନୁଚିତ ଅଟେ । ଆପଣ କହୁଥିବା ପ୍ରତ୍ୟେକ ନିରର୍ଥକ ଶବ୍ଦ ପାଇଁ ପରମେଶ୍ୱର ଆପଣଙ୍କଠାରୁ ଏକ ହିସାବ ମାଗିବେ । ଆପଣ ତାହା ଜାଣନ୍ତି କି? ବାଇବଲ କୁହେ ଯେ ପ୍ରତ୍ୟେକ ନିରର୍ଥକ ଶବ୍ଦ ପାଇଁ ଆପଣଙ୍କୁ ଏକ ହିସାବ ଦେବାକୁ ପଡିବ । ତାହାହେଲେ ଆମକୁ କେଉଁ ପ୍ରକାରର ଏକ ଲୋକ ହେବା ଉଚିତ୍? ଏପରି ଲୋକ ଯେଉଁମାନେକି ଖୋଲା ଖୋଲି, କଠୋର, ସ୍ନେହଶୀଳ, ଦୟାଳୁ ଅଟନ୍ତି, ଏବଂ କଦାପି ଏକ ନିର୍ବୋଧତାର ଦଳ ନୁହଁନ୍ତି, ସର୍ବଦା ଆଗକୁ ଯାଉଥାଆନ୍ତି...

138 ଦେଖନ୍ତୁ । ଆପଣ ଜଣେ ବ୍ୟକ୍ତିକୁ ନିଅନ୍ତୁ ଯାହାକି ଆଜି ଆରମ୍ଭ କରିବ...ମୁଁ ଏହା ନିଜ ଉପରେ ଲକ୍ଷ୍ୟ କରିଛି, ଏବଂ ଜଣେ ଆଇରିଶମ୍ୟାନ୍ ଭାବରେ, ମୋର ନିଜର ପ୍ରକୃତି ହୋଇଥିବା ହେତୁରୁ; ମୁଁ ଯେକୌଣସି ଉପାୟରେ ବି ସର୍ବଦା ବହୁତ କ୍ରୋଧୀ ସ୍ୱଭାବର ଥିଲି, ଯିଏକି ଝଗଡା କରେ ଓ ସେହିପରି ବିଷୟ କରେ । ଏବଂ ପ୍ରତ୍ୟେକ—ପ୍ରତ୍ୟେକ ଥର ପ୍ରାୟତଃ ମୋ ପତ୍ନୀ ମଧ୍ୟ କୁହନ୍ତି, "ତେବେ, ବିଲ୍...!"

ମୁଁ କୁହେ, "ତାହା ଠିକ୍ ଅଛି, ପ୍ରିୟେ ।" ସେ କହିବେ, ମୁଁ ପିଲାମାନଙ୍କୁ ଥଟ୍ଟା କରିବା ପାଇଁ... ମୁଁ କୁହେ...ସେମାନଙ୍କ ସହିତ କଡା କଥା କହିବାକୁ କିମ୍ବା ସେପରି କିଛି କରିବାକୁ, କୁହେ, "ତେବେ ବର୍ତ୍ତମାନ, ତୁମେ ଜାଣିଛ, କେଣ୍ଟକିରୁ ତିନି ଜଣ ମହାନ ବ୍ୟକ୍ତି ବାହାରିଥିଲେ ।"

"ସେମାନେ କିଏ?"

"ତେବେ, ଅବ୍ରହାମ ଲିଙ୍କନ୍ ।"

"ହଁ ।"

"ଡାନିୟେଲ୍ ବୁନ୍।"

"ଉଃହୁ।"

"ଏବଂ ତୁମର ପିତା।" ତାହା ସେହିପରି କିଛି।

139 ଏବଂ ସେ କହିବେ, "ବର୍ତ୍ତମାନ, ବିଲ୍, ତୁମେ ପୁଣିଥରେ ଆରମ୍ଭ ହୋଇଗଲ।" ଏବଂ ମୋତେ କୌଣସି ଏକ ନିରୋଳା ସ୍ଥାନକୁ ଯିବାକୁ ପଡ଼େ, ଓ କହିବାକୁ ପଡେ, "ପ୍ରଭୁ, ମୋତେ କ୍ଷମା କର, ମୋର ତାହା କହିବାର ଅର୍ଥ ନ ଥିଲା। ମୋ ସହିତ କିଛି କର; ମୋ ଠାରୁ ତାହା ଛଡାଇ ନିଅ।" ବୁଝିଲେ?

140 ଏବଂ ପ୍ରତ୍ୟେକ ଦିନ ମୁଁ...ଯଦି ମୁଁ ତାହା କରେ...ତେବେ, ଆଜି ସକାଳେ ଆମେ *ପଶ୍ଚାତଗମନ* ଶବ୍ଦ ଉପରେ କଥା ହେଉଥିଲୁ। ଯେତେବେଳେ ଆପଣ ତାହା କରନ୍ତି ଆପଣ ପଶ୍ଚାତଗମନ ହୋଇଥାଆନ୍ତି। ଠିକ ଅଛି, ଆଜ୍ଞା! ଆପଣଙ୍କୁ ଅନୁତାପ କରିବାକୁ ପଡେ। କଅଣ ତାହା ଠିକ୍ କି? ବର୍ତ୍ତମାନ, ମୋର କହିବାର ଅର୍ଥ ଏହା ନୁହେଁ ଯେ ଆପଣ ଜଗତକୁ ବାହାରି ଗଲେ ଏବଂ ଆପଣ *ଏହା ଓ ତାହା* କଲେ, ମାତ୍ର ଆପଣ କିଛି ଗୋଟାଏ କରିଛନ୍ତି। ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବଞ୍ଚି ରହିବା ପାଇଁ ପ୍ରତିଦିନ ଅନୁତାପ କରିବାକୁ ପଡିବ ଏବଂ ମରିବାକୁ ପଡିବ। ତେଣୁକରି ପ୍ରତ୍ୟେକ, ପ୍ରତିଦିନ, ପ୍ରତ୍ୟେକ ଦିନ, ଆପଣଙ୍କୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ବଞ୍ଚି ରହିବାକୁ ହେଲେ ପ୍ରତ୍ୟେକ ଦିନ ମରିବାକୁ ଅଛି।

141 ଯେତେବେଳେ ମୁଁ କିଛି କରେ...ଅନେକ ଥର ମୁଁ ଏପରି ବିଷୟ କରେ ଯାହାକି ଭୁଲ୍ ଅଟେ। ମୁଁ ବାହାରକୁ ଯିବି, ଏବଂ କେହି ଜଣେ ଏପରି କିଛି ଅବା ଅନ୍ୟ କିଛି କହିବେ, ମୁଁ ଏହା ବିଷୟରେ ଟିକିଏ ଥଟ୍ଟା ପରିହାସ କହି ଦେଇଥାଏ। କେହି ଜଣେ କୁହନ୍ତି...କୌଣସି ଖରାପ ବିଷୟ ନୁହେଁ; ତେବେ, ମୁଁ ବିଶ୍ୱାସ କରେ ନାହିଁ ଯେ ଖ୍ରୀଷ୍ଟିଆନମାନେ ମନ୍ଦ ଥଟ୍ଟା ପରିହାସ କରନ୍ତି। ନା, ମହାଶୟ! ନା, ମହାଶୟ! ବାଇବଲ କୁହେ ଯେ ତାହା ତ ଏପରିକି ଖ୍ରୀଷ୍ଟିଆନ ସୁଦ୍ଧା ହୋଇ ନାହାଁନ୍ତି। ଏହା କୁହେ ଯେ ସେହିପରି ପୁରୁଣା ଅସାର ବିଷୟଗୁଡ଼ିକୁ ପରିତ୍ୟାଗ କର, ଏବଂ ଥଟ୍ଟା କୌତୁକ, ଏବଂ ପରିହାସ, ଏବଂ ସେହିପରି ବିଷୟ ସବୁକୁ ପରିତ୍ୟାଗ କର। ନା, ଖ୍ରୀଷ୍ଟିଆନମାନେ ସେହିପରି ବିଷୟଗୁଡିକୁ କୁହନ୍ତି ନାହିଁ; ଖ୍ରୀଷ୍ଟିଆନମାନଙ୍କର ତ ଶୁଦ୍ଧ ଚିନ୍ତାଧାରା ଥାଏ।

142 କିନ୍ତୁ ଯଦି ଆପଣ ଲକ୍ଷ୍ୟ ନ କରୁଥାଆନ୍ତି, ଥରେ କେତେବେଳେ କେମିତି ଆପଣଙ୍କ ସହିତରେ ଜଣେ ବ୍ୟକ୍ତି ରହିବେ...ସେ ଆଜି ଟିକିଏ ଥଟ୍ଟା ପରିହାସ କଥା କହିବେ। ଆଉ ତେବେ, ସେ ଏହି ପ୍ରକାର ଭାବିବେ ଯେ ତାହା ଠିକ୍ ଅଟେ, ଏବଂ ସେ ଏହାକୁ କେବଳ ଅଣଦେଖା କରି ଦେବେ, ଏବଂ ତାହା ବିଷୟରେ ଅଧିକ ଚିନ୍ତା କରିବେ ନାହିଁ। ତାର ପରଦିନ ଆପଣ ଦୁଇଟି ଛୋଟ ଥଟ୍ଟା ବିଷୟ କହିବେ। ବୁଝିଲେ? ଏବଂ ପରବର୍ତ୍ତୀ ବିଷୟ ଆପଣ ଜାଣନ୍ତି, ଆପଣ ଅନ୍ୟ କିଛି ବିଷୟ କରୁଥିବେ। ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତୁ, ଏହା ପୁନର୍ବାର ସେହି ପୁରୁଣା ସମାନ ବ୍ୟବସ୍ଥାକୁ ଫେରାଇ ନିଏ। କଅଣ ତାହା ଠିକ୍ ଅଟେ? ସେହି

ବିଷୟଠାରୁ ଦୂରରେ ରୁହନ୍ତୁ । ଏହାକୁ ପ୍ରତ୍ୟାଖ୍ୟାନ କରନ୍ତୁ! ଏବଂ ସେହି ଅସାର ବକୁଆପଣରୁ ପୃଥକ ରୁହନ୍ତୁ ।

143 ଆପଣ କାହାରି ଜଣକାର ଆସିବା ବିଷୟ ଶୁଣନ୍ତି…ମୁଁ ଆପଣଙ୍କୁ ଏକ ଛୋଟ ଉଦାହରଣ ଦେବି । "ଶ୍ରୀମତୀ ଡୋ, କଅଣ ଆପଣ ଜାଣିଛନ୍ତି କି? ମୁଁ ଆପଣଙ୍କର ସ୍ୱାମୀକୁ ଦେଖିଲି । ଏବଂ ମୁଁ ଆପଣଙ୍କୁ କହୁଛି ଯେ କଅଣ । ଏବଂ ସେ ଜଣେ ଦୀକନ୍ ଅଟନ୍ତି ।" ବୁଝିଲେ? ଏବଂ…

ତେବେ, କେବଳ ସେହି କଥା, ଧରନ୍ତୁ, "ମୁଁ ଏହା ଶୁଣିବାକୁ ଚାହେଁ ନାହିଁ!" ତାହା ଠିକ୍, ଏବଂ ଚାଲି ଯାଆନ୍ତି । ସେଥିରୁ ବହୁତ ଅଧିକ କିଛି ନିଅନ୍ତି ନାହିଁ, ଏବଂ ସେମାନେ ଏହାକୁ ନେଇ ଝଗଡା କରିବେ । ତାହା ଠିକ୍ ଅଟେ ।

144 "ଓଃ, ଭଉଣୀ, କଅଣ ଆପଣ ତାହା ଜାଣିଛନ୍ତି କି? ମୁଁ ଆପଣଙ୍କୁ କହିବି ଯେ ସେହି ଭାଇ ସହିତ କଅଣ ହେଲା ।" କେବଳ ଭଉଣୀ ନୁହେଁ, ବରଂ ଭାଇ ମଧ୍ୟ । ବୁଝିଲେ?

"ଭାଇ, ମୁଁ ଆପଣଙ୍କୁ କହିବି ଯେ କଅଣ ଘଟିଲା । ଆପଣ ଜାଣିଛନ୍ତି ଯେ ଯଦି ଆମେ କେବଳ ଏହି ପ୍ରଚାରକରୁ ମୁକ୍ତି ପାଇପାରିବା, ଯଦି ଆମେ *ଏହା* କରିପାରିବା, କିମ୍ୱା ଏହି ଦୀକନରୁ ମୁକ୍ତି ପାଇପାରିବା, କିଅବା ଯଦି ଆମେ *ଏହା* କରିପାରିବା ।" ଓଃ, ଓଃ! କେବଳ—କେବଳ ସେହି ବିଷୟରୁ ଦୂରେଇ ରୁହନ୍ତୁ ।

145 ମୁଁ ଭାବୁଛି ଯେ ଏକ ଭଲ ଛୋଟ ବିଷୟ ଯାହାକି ଆପଣ ନିଜ ମେଜ ଚାରିଆଡେ ରଖିବା ଉଚିତ୍, ତାହା ହେଲା ଏକ ଛୋଟ ଜିନିଷ ଯାହାକି ମୁଁ କିଛି ସମୟ ପୂର୍ବରୁ ଫ୍ଲୋରିଡାରେ ଦେଖିଥିଲି । ଏହା ତିନୋଟି ଛୋଟ ମାଙ୍କଡ଼ ଥିଲା; ଏବଂ ସେମାନଙ୍କ ମଧ୍ୟରୁ ଜଣେ ତାର ଆଖି ଉପରେ ହାତ ରଖି, କହୁଥିଲା, "କୌଣସି ମନ୍ଦ ଦେଖ ନାହିଁ"; ଏବଂ ଅନ୍ୟ ଜଣେ ତାର ଆଙ୍ଗୁଠି ନିଜ କାନରେ ଦେଇ, କହୁଥିଲା, "କୌଣସି ମନ୍ଦ କଥା ଶୁଣ ନାହିଁ"; ଆଉ ଅନ୍ୟ ଜଣେ ତାର ପାଟି ଉପରେ ନିଜର ହାତ ଦେଇଥିଲା, ସେ କହୁଥିଲା, "କୌଣସି ମନ୍ଦ କଥା କୁହ ନାହିଁ ।" ମୁଁ ଭାବୁଛି ଯେ ତାହା ଏକ ଭଲ ବିଷୟ ଅଟେ ନୁହେଁ କି? ହଁ, ଆଜ୍ଞା! ଓଃ, ମୋର ପ୍ରଭୁ! ତାହା ଏକ ବହୁତ ଭଲ କଥା ଅଟେ ।

146 କେବଳ ନିଜ ମନକୁ ବିଶୁଦ୍ଧ ଏବଂ ଖ୍ରୀଷ୍ଟଙ୍କ ଉପରେ ରଖନ୍ତୁ । ଆପଣ କେବଳ କହିପାରନ୍ତି ନାହିଁ, "ତେବେ, ବର୍ତ୍ତମାନ…" ତେବେ ଦେଖନ୍ତୁ, ଯଦି ଆପଣ ଲକ୍ଷ୍ୟ କରିବେ ନାହିଁ, ତାହାହେଲେ ଆପଣ ନିଜକୁ ଏପରି ଏକ ସ୍ଥାନକୁ ନେଇଯିବେ, ଯଦି ଆପଣ ସେହି ବିଷୟରେ ଚିନ୍ତା କରିବା ଜାରି ରଖିବେ…ଏବଂ ଭାବନ୍ତୁ ନାହିଁ—ଏବଂ ଏହା ଭାବନ୍ତୁ ନାହିଁ ଯେ ଆପଣଙ୍କ ପାଖରେ ଅଛି…ଆପଣ ଏତେ ସିଦ୍ଧ ଭାବେ ଜୀବନ ଯାପନ କରିପାରନ୍ତି ନାହିଁ ଯେ ଆପଣ ବର୍ତ୍ତମାନ ସେହି ଭୁଲ୍ ନ କରନ୍ତି । ତେବେ, ଆପଣ ଏହା ଭାବନ୍ତୁ ନାହିଁ ଯେ ଆପଣ କେବେ ସେହିପରି ଭାବରେ ରକ୍ଷା ପାଇଯିବେ, କାରଣ ଆପଣ ପାଇବେ ନାହିଁ । ନା, ମହାଶୟ! ଆପଣ ପାପଶୁନ୍ୟ ନୁହଁନ୍ତି, ଏବଂ ଆପଣ ନିଶ୍ଚିତ ଭାବରେ ସେମାନଙ୍କର ମାର୍ଗକୁ ଚାଲିଯିବେ, ଏହି ପାର୍ଶ୍ୱରେ ଏବଂ ସେହି ପାର୍ଶ୍ୱରେ ।

147 କିନ୍ତୁ ଜଣେ ବ୍ୟକ୍ତି ଯିଏ କି ଥରେ ମାଡ ଖାଇ ତଳେ ପକା ଯାଇଥାଏ, ଯଦି ସେ ଜଣେ ପ୍ରକୃତ ସୈନିକ ଅଟେ ତାହାହେଲେ ସେ ପୁନର୍ବାର ଉଠିବ । "ପ୍ରଭୁ, ମୋତେ ପୁଣିଥରେ ଉଠି ଚେଷ୍ଟା କରିବାକୁ ଦିଅ ।" କିନ୍ତୁ ଜଣେ ଭୀରୁ, ଯେତେବେଳେ ସେ ଦେଖେ ଯେ ସେ ତାର ପ୍ରଥମ ଛୋଟ ଭୁଲ୍‌ଟିଏ କରିଅଛି, ଯେପରିକି ମୁଁ ଏହାକୁ ଆଜି ସକାଳେ କହିଥିଲି: ସେହି ଉକୁଣୀ ପୋକ ଏବଂ ପାଣି ବୁଢୀଆଣୀ ପୁନର୍ବାର ଠିକ ପାଣି ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଫେରିଯିବେ । ବୁଝିଲେ? ସେ ତ ଏହାକୁ ସହି ପାରେ ନାହିଁ ।

148 ତେଣୁକରି ସମସ୍ତ ପୁରୁଣା—ସେହି ଅସାର ବକୁଆପଣକୁ ଓ ସେହିପରି ବିଷୟକୁ, କଥାବାର୍ତ୍ତାକୁ ପରିତ୍ୟାଗ କର । *ବକୁଆପଣ* ଅର୍ଥ "ଦ୍ୱନ୍ଦ୍ୱ ।" ଆଉ ବାଇବଲ କୁହେ, "ଯେଉଁମାନେ ତୁମମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରନ୍ତି ସେମାନଙ୍କୁ ଚିହ୍ନଟ କର ।"

149 ଯଦି କେହି କୁହନ୍ତି, "ଉଃ ହୁ! ଉଃ ହୁ," ତେବେ କେବଳ—କେବଳ କୁହନ୍ତୁ, "ଆପଣ କିପରି ଅଛନ୍ତି? ମୁଁ ଆପଣଙ୍କୁ ପୁନର୍ବାର ଦେଖି ଖୁସି ଅଟେ । ଧନ୍ୟବାଦ ।" ଏବଂ କେବଳ ଆଗକୁ ବଢି ଚାଲନ୍ତୁ । ତାହା ହେଉଛି ସର୍ବୋତ୍ତମ ବିଷୟ । ସେମାନଙ୍କୁ ପୃଥକ କରନ୍ତୁ ନାହିଁ, ମାତ୍ର ସେମାନଙ୍କୁ ଚିହ୍ନଟ କରି ରଖନ୍ତୁ । କୌଣସି ଧ୍ୟାନ ଦିଅନ୍ତୁ ନାହିଁ, କାରଣ ଆପଣ ଦେଖନ୍ତୁ ଏହା ଆପଣଙ୍କୁ କେଉଁ ଆଡକୁ ନେଇଯାଏ ।

## 21. ଯୀଶୁ ତାଙ୍କର ସେହି ସମୟଠାରୁ କେଉଁଠାରେ ଥିଲେ...ଯୀଶୁ ତାଙ୍କର ବାପ୍ତିସ୍ମରୁ ନେଇ ତାଙ୍କର ତିନି ବର୍ଷର ସେବାକାର୍ଯ୍ୟ ପର୍ଯ୍ୟନ୍ତ କେଉଁଠାରେ ଥିଲେ?

150 ଠିକ୍ ଅଛି । ଯୀଶୁ, ଯେତେବେଳେ ସେ ବାପ୍ତିଜିତ ହେଲେ, ସେ ସିଧା ଜଳରୁ ବାହାରିଲେ, ଏବଂ ଆତ୍ମା ତାହାଙ୍କୁ ଚାଳିଶ ଦିନ ଓ ରାତି ପର୍ଯ୍ୟନ୍ତ ପ୍ରାନ୍ତର ମଧ୍ୟକୁ ନେଇଗଲେ ଯେ ଶୟତାନ ଦ୍ୱାରା ପରୀକ୍ଷିତ ହୁଅନ୍ତି । ଏବଂ ସେ ଚାଳିଶ ଦିନ ଓ ରାତି ପରୀକ୍ଷିତ ହେଲେ । ସେ ଉପବାସ କଲେ । ସେ ବାହାରି ଆସିଲେ । ଯେତେବେଳେ ସେ ଉପବାସ ପରେ ବାହାରି ଆସିଲେ, ସେତେବେଳେ ଶୟତାନ ତାଙ୍କୁ ପରୀକ୍ଷା କରିଥିଲା । ଏବଂ ସେ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଶୟତାନକୁ ପ୍ରତିରୋଧ କଲେ, ଏବଂ ଆପଣା ସେବାକାର୍ଯ୍ୟ ମଧ୍ୟକୁ ପ୍ରବେଶ କଲେ, ଓ ଶାସ୍ତ୍ର ଅନୁଯାୟୀ, ସା-ଢେ-ତିନି-ବର୍ଷ ପର୍ଯ୍ୟନ୍ତ ପ୍ରଚାର କଲେ ।

151 ଦେଖନ୍ତୁ । ପଶ୍ଚାତ ସମୟରେ ଦାନିୟେଲ ଭିତରେ ରହି ପରମେଶ୍ୱରଙ୍କ କଥା କହିଥିଲେ ଓ କହିଥିଲେ ଯେ ସେ ସା-ଢେ-ତିନି-ବର୍ଷ ପ୍ରଚାର କରିବେ ଏବଂ ସେହି ସମୟରେ ଏକ ବଳିଦାନ ନିମନ୍ତେ ବିଛିନ୍ନ କରାଯିବେ । ଅବିକଳ ଠିକ୍ ଭାବରେ । ଜଗତର ମୂଳଦୁଆ ସ୍ଥାପନ ସମୟରେ ତାହାଙ୍କୁ ନିଯୁକ୍ତ କରାଯାଇଥିଲା । ତାହା ଠିକ୍ ଅଟେ ।

152 ମାଥିଉ ତାର 4ର୍ଥ ପର୍ବ, ଆପଣ ତାହା ପାଇବେ । ଯଦି ଏହା ଠିକ ଆପଣଙ୍କର ବିଶ୍ୱାସ ଅନୁଯାୟୀ ନୁହେଁ, ତାହାହେଲେ ଠିକ୍ ଅଛି ।

ତେବେ, ସେହି ଗୋଟିକ ଯାହା ମୁଁ ନୁହେଁ...ଆସନ୍ତୁ ଦେଖିବା ଯେ କଅଣ...ଓଃ, ହଁ। "କେଉଁଠାରେ ଅଛି...?" ଆମେ ତାହା କିଛି ସମୟ ପୂର୍ବରୁ ପାଇଥିଲୁ। "ମୃତମାନେ କେଉଁଠାରେ ଅଛନ୍ତି?"

## 22. ଏକ ସମୟରେ—ଏକ ସମୟରେ କଅଣ ଆମେ ସମସ୍ତେ ଶ୍ୱେତ କିମ୍ବା ଅଶ୍ୱେତ ଥିଲୁ କି? ଦୁଇ ଭିତରୁ, କେଉଁ ଜଣକ ଉପରେ ଅଭିଶାପ ଦିଆଯାଇଥିଲା?

153 ତେବେ, ଯେତେ ଦୂର ଆମେ ଜାଣୁ, ମୁଁ ଆପଣଙ୍କୁ କହିପାରିବି ନାହିଁ ଯେ ଆଦମ କି ହବା ଶ୍ୱେତ ଥିଲେ—ଥିଲେ, କିମ୍ବା ବାଦାମୀ, କିମ୍ବା ହଳଦିଆ, କିମ୍ବା ଅଶ୍ୱେତ ଥିଲେ। ମୁଁ ଆପଣଙ୍କୁ କହିପାରେ ନାହିଁ। ଏକାକୀ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ, ମୁଁ ଅନୁମାନ କରେ; ସେ ସେଠାରେ ପଶ୍ଚାତ୍ ସମୟରେ ଥିଲେ। ତେବେ, ସେଥିରେ...ଯେହେତୁ ଆମେମାନେ ସମସ୍ତେ ବାବିଲର ଗଡ଼, ଏକ ଦ୍ୱନ୍ଦ ପର୍ଯ୍ୟନ୍ତ ଗୋଟିଏ ଭାଷା ଏବଂ ଗୋଟିଏ ଜାତିରୁ ଆସିଅଛୁ। ଏବଂ ତାହାପରେ ସେମାନଙ୍କର ଭାଷାଗୁଡ଼ିକ ପୃଥକ ହୋଇଥିଲା। ଏବଂ ଯେତେ ଦୂର ଆମେ ଜାଣୁ ସେମାନେ ସେହି ସମୟ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଜାତି ଥିଲେ। ଏବଂ ସେମାନେ ଭାଙ୍ଗି ଯାଇ ବିଶ୍ୱର ବିଭିନ୍ନ ସ୍ଥାନକୁ ଛିନ୍ନଛତ୍ର ହୋଇଗଲେ।

154 ଏବଂ କେତେକେ...ଆପଣ ଗୋଟିଏ ପଶୁକୁ ନିଅନ୍ତୁ; ଆପଣ ଯେକୌଣସି ଜୀବନକୁ ନିଅନ୍ତୁ ଯାହାକି ଏକ ନିର୍ଦ୍ଦିଷ୍ଟ ମାଟିରୁ ଭୋଜନ କରିଥାଏ, ଏହା ସେହି ରଙ୍ଗକୁ ପରିଣତ ବଦଳାଇ ଦେବ। ଯଦି ଏଠାରେ କେହି ଶିକାରୀ ଅଛନ୍ତି, ଆପଣ ମୋତେ କେବଳ କିଛି ମିନିଟ୍ ପାଇଁ ଅନୁସରଣ କରନ୍ତୁ। ତଳେ ମେକ୍ସିକୋକୁ ଯାଆନ୍ତୁ, ଏବଂ ବିଲୁଆକୁ ନିଅନ୍ତୁ; ଏଠାରେ ଉପରେ ଏରିଜୋନାରେ ନିଅନ୍ତୁ ଏବଂ ସେହି ବିଲୁଆକୁ ନିଅନ୍ତୁ; ଆପଣ ଉପରେ ଉତ୍ତରକୁ ଯାଆନ୍ତୁ ଏବଂ ସେହି ସମାନ ବିଲୁଆକୁ ନିଅନ୍ତୁ, ଏବଂ ତିନିଜଣର ରଙ୍ଗକୁ ଦେଖନ୍ତୁ। ଟେକ୍ସାସରେ ବଢିଥିବା ଏକ ଜିଲା ରାକ୍ଷସ ଝିଟିପିଟିକୁ ନିଅନ୍ତୁ, ଏବଂ ଏରିଜୋନାରେ ବଢିଥିବା ଗୋଟିଏକୁ ନିଅନ୍ତୁ, ଏବଂ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଦେଖନ୍ତୁ (ବୁଝିଲେ?), କାରଣ ଏହା ତ ସେହି ମାଟି ଅଟେ ଯେଉଁଥିରେ ସେମାନେ ବାସ କରନ୍ତି। ବୁଝିଲେ?

155 ଏବଂ ବର୍ତ୍ତମାନ, ସେହି ଚାଇନିଜ୍, ଚାଇନିଜ୍ ହେଉଛି ଜଣେ—ଜଣେ ହଳଦିଆ ବର୍ଣ୍ଣର ବ୍ୟକ୍ତି, ଜାପାନିଜ୍, ଏବଂ ଅନ୍ୟାନ୍ୟ, ଏବଂ ଏକ ଚାଇନିଜ୍। ଇଥିଓପିଆ ନିବାସୀ ଜଣେ—ଜଣେ ଅଶ୍ୱେତ ବ୍ୟକ୍ତି ଅଟେ, କିମ୍ବା ଆମ ପାଖରେ ବର୍ତ୍ତମାନ ରହିଥିବା ନିଗ୍ରୋ ଲୋକମାନେ। ଏବଂ ସେ ସେଠାରେ ତଳେ ସେହି ଅନ୍ଧକାର ଦେଶଗୁଡ଼ିକୁ ଗଲେ।

156 ଏବଂ ସେମାନେ—ଏବଂ—ଏବଂ ସେମାନେ ଥିଲେ...ଏବଂ ତାହାପରେ ସେହି ଶ୍ୱେତ ବର୍ଣ୍ଣର ଲୋକମାନେ ଆଙ୍ଗ୍ଲୋ-ସାକ୍ସନ୍ ଲୋକ ଥିଲେ ଯାହାକି ଆମେମାନେ ଅଟୁ। ଏବଂ, ଏଠାରେ ଥିବା—ଏଠାରେ ଥିବା ଲୋକମାନଙ୍କ ମଧ୍ୟରୁ, ଯାହାକୁ ଆମେ ଶ୍ୱେତ ବର୍ଣ୍ଣର ଲୋକ ବୋଲି କହିଥାଉ, ସେମାନେ ଇଂଲାଣ୍ଡରୁ ଆସିଥିଲେ ଯାହାକୁ ପୂର୍ବରୁ "ସ୍ୱର୍ଗଦୂତ ଭୂମି" କୁହାଯାଉଥିଲା। ଏବଂ ଯେହେତୁ ସେମାନେ ଶ୍ୱେତ ବର୍ଣ୍ଣର, ଏବଂ ସୁବର୍ଣ୍ଣ କେଶ ବିଶିଷ୍ଟ

ଥିଲେ, ଏବଂ ପ୍ରଭୃତି ଥିଲେ...ଏବଂ ସେଠାରେ ଆୟର୍ଲାଣ୍ଡ, ଏବଂ ନରୱେ, ଏବଂ ପ୍ରଭୃତିରେ, ସେଠାରେ ଉପରେ ଛିନ୍ନଛତ୍ର ହୋଇ ଯାଇଥିଲେ । ଏବଂ ସେମାନେ ସମସ୍ତେ ଆଙ୍ଗ୍ଲୋ-ସାକ୍ସନ୍ ଲୋକମାନଙ୍କ ମଧ୍ୟରୁ ବାହାରି ଆସିଥିଲେ ।

157 ବର୍ତ୍ତମାନ, କେଉଁଟି ପ୍ରଥମ ଥିଲା ଏବଂ କେଉଁଟି ଅଭିଶପ୍ତ ଥିଲା? ସେମାନଙ୍କ ମଧ୍ୟରୁ କେହି ନ ଥିଲେ । ମୁଁ ଜାଣେ ଯେ ଆପଣ କେଉଁ ଆଡକୁ ଯିବାକୁ ଚେଷ୍ଟା କରୁଛନ୍ତି । ଆପଣ ହାମ୍ ନିକଟକୁ ଯିବାକୁ ଚେଷ୍ଟା କରୁଛନ୍ତି । ମୁଁ ଜାଣେ ଯେ ଆପଣ କେଉଁଠାକୁ ଯାଉଛନ୍ତି, ହାମ୍ର ଲୋକମାନଙ୍କ ନିକଟକୁ ।

158 ବର୍ତ୍ତମାନ ସେଠାରେ ହାମ୍, ଶେମ୍ ଏବଂ ଯାଫେଟ୍ ଥିଲେ । ତେବେ ହାମ୍, ସେ—ସେ—ସେ ନିଜ ପିତାଙ୍କର ଉଲଗ୍ନତାକୁ ଲୁଚାଇବାକୁ ଚେଷ୍ଟା କଲା ନାହିଁ, ବରଂ ପରିହାସ କଲା ଓ ଏବଂ ତାଙ୍କୁ ଥଟ୍ଟା କରିଥିଲା । ଆଉ ପରମେଶ୍ୱର ହାମ୍‌କୁ ପିତାଙ୍କ ଉଲଗ୍ନତାକୁ ଦେଖିଥିବା ଏବଂ ତାଙ୍କର ଲଜ୍ଜାକୁ ଲୁଚାଇବାକୁ ଚେଷ୍ଟା ନ କରିଥିବା ଯୋଗୁଁ ଅଭିଶାପ ଦେଇଥିଲେ । ପୁଣି ଶେମ୍ ଓ ଯାଫେଟ୍ ପଶ୍ଚାତ ମୁଖା ହୋଇ ସେମାନଙ୍କ ପିତାଙ୍କ ଉପରେ ସେମାନଙ୍କର ଅଙ୍ଗରଖାଗୁଡିକୁ ଢାଙ୍କିଥିଲେ ଯେତେବେଳେ ସେ ଉଲଗ୍ନ ଅବସ୍ଥାରେ ପଡି ରହିଥିଲେ । ଆଉ ତେବେ, ପରମେଶ୍ୱର ହାମ୍‌କୁ କହିଲେ ଯେ ତାହାର ବଂଶ ଅନ୍ୟମାନଙ୍କର ସେବା କରିବ ।

159 ବର୍ତ୍ତମାନ, ଯଦି ଆପଣ ଭାବନ୍ତି ଯେ ତାହା ଏକ ଅଭିଶାପ ଅଟେ, ଗାଢ଼ ବର୍ଣ୍ଣରେ ପରିଣତ ହୋଇଯିବା, ତାହାହେଲେ, ଯିହୁଦୀମାନେ ମଧ୍ୟ ଗାଢ଼ ବର୍ଣ୍ଣର ଅଟନ୍ତି । ଯଦି ଆପଣମାନେ ଭାବୁଛନ୍ତି ଯେ ତାହା ସେହି—ସେହି ହେବ, ଯାହାକୁ ଆମେ ଅଶ୍ୱେତ ବ୍ୟକ୍ତି ବୋଲି କହିଥାଉ, କିମ୍ବା, ଏହି ଦେଶର ନିଗ୍ରୋ ଯେଉଁମାନେକି ବର୍ତ୍ତମାନ ଏଠାରେ ଅଛନ୍ତି, ତେବେ ଆପଣଙ୍କୁ ଭାରତ ଯିବା ଉଚିତ୍ । ଭାରତୀୟମାନେ ନିଗ୍ରୋ ଅପେକ୍ଷା ଅଧିକ ଗାଢ଼ ବର୍ଣ୍ଣର ଅଟନ୍ତି । ମୁଁ ସେମାନଙ୍କର ଉଭୟ ଦେଶକୁ ଯାଇଅଛି । ଏଠାରେ ସେହି—ସେହି ଇଥିଓପିଆରୁ ଆସିଥିବା ଇଥିଓପିଆ ନିବାସୀ ଅଛି ଏବଂ ଆଫ୍ରିକୀୟ, ସେହି ଅଶ୍ୱେତ ବ୍ୟକ୍ତି ଯାହାକୁ ଆମେ ଆଜି ଜାଣୁ । ସେମାନେ ସେଠାରେ ତଳେ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଏବେ ସୁଦ୍ଧା ସେମାନଙ୍କର ଆଦିମ, ସେମାନଙ୍କର ଜନଜାତି ଅବସ୍ଥାରେ ଅଛନ୍ତି । ଠିକ ଯେପରିକି ଆମେ ଥିଲୁ ଯେତେବେଳେ ଯୀଶୁ ଆସିଥିଲେ ।

160 ଶ୍ୱେତ ଲୋକମାନେ ଠିକ ସେତିକି ଆଦିମ ଥିଲେ ଯେତିକି ସେହି—ସେହି ଆଫ୍ରିକାର ମୂଳ ଅଧିବାସୀମାନେ ଆଜି ଅଟନ୍ତି, ବୋଧହୁଏ ଅଧିକ ମନ୍ଦ ଥିଲେ । ମନେରଖନ୍ତୁ, ଦୁଇ ହଜାର ବର୍ଷ ପୂର୍ବେ ଆମେମାନେ ସେଠାରେ ଉଲଗ୍ନ ଆଦିବାସୀ ଥିଲୁ ଏକ ଧନୁ ଓ ତୀର ସହିତ—ସହିତ ଏବଂ ପଥର କୁରାଢି ସହିତ, ଶିକାର କରୁଥିଲୁ (ତାହା ଠିକ୍ ଅଟେ), ଆମେ ଆଙ୍ଗ୍ଲୋ-ସାକ୍ସନ୍ ଲୋକମାନେ । ତାହା ଅବିକଳ ଠିକ୍ ଅଟେ । ତେବେ କେଉଁଟା କେଉଁଟି ଥିଲା?

161 ମୁଁ ଆପଣଙ୍କୁ କହିବି ଯେ ଆଜି ସେହି ଜଣକା ଯିଏକି ଅଭିଶପ୍ତ ଅଟେ ତାହା ହେଉଛି ସେ ଯିଏକି ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖ୍ୟାନ କରେ। ତାହାହିଁ ସବୁକିଛି ଅଟେ। ସେହି ଜଣକା ଯିଏକି ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରେ ଆଶୀଷିତ ଅଟେ।

162 ବର୍ତ୍ତମାନ, ଆପଣ କହିପାରନ୍ତି ନାହିଁ…ମୁଁ ଉପରକୁ ଯିବି, ଉପରେ ଥିବା ସେହି ଦେଶରୁ, ଏସ୍କିମୋକୁ ନେଇ ଆସିବି। ଏବଂ ସେଠାରେ ସେ ଉପରେ ଅଛି; ଏବଂ ସେହି ଲୋକଟି ଏଠାରେ ଥିବା ଆମର ଅଶ୍ୱେତ ଲୋକମାନଙ୍କ ଅପେକ୍ଷା ଅଧିକ ଗାଢ଼ ବର୍ଣ୍ଣର ଅଟେ। ମୁଁ ଭାରତକୁ ଯାଇ ଭାରତୀୟମାନଙ୍କୁ ନେଇ ଆସିବି; ଏବଂ ସେ—ସେ ଜଣେ ଅଶ୍ୱେତ ବ୍ୟକ୍ତି ନୁହେଁ, ସେ ପ୍ରକୃତରେ କଳା ଅଟେ। ସେ ଅପେକ୍ଷାକୃତ ଅଧିକ କଳା…କେବଳ ଏକ ପ୍ରକୃତ କଳା ବର୍ଣ୍ଣ ଅଟେ। ଏବଂ ସେ ତାହା ଅଟେ ଯାହାକୁ କୁହାଯାଏ…ଏବଂ ସେ ଜଣେ ଭାରତୀୟ ଅଟେ। ତେବେ ବର୍ତ୍ତମାନ, ଆଫ୍ରିକାରେ ଆମେମାନେ କିଛି ଆଫ୍ରିକୀୟ ଲୋକମାନଙ୍କୁ ପାଉ ଯେଉଁମାନେକି…ସେମାନଙ୍କ ମଧ୍ୟରୁ କେତେକେ ହାଲୁକା ବର୍ଣ୍ଣର; ସେମାନଙ୍କ ମଧ୍ୟରୁ କେତେକ ତ ପ୍ରାୟଃ ଶ୍ୱେତ ବର୍ଣ୍ଣ ପରି; ଏବଂ ସେମାନଙ୍କ ମଧ୍ୟରୁ କେତେକ ତ ଭିନ୍ନ ଉପାୟର—ର ଅଟନ୍ତି।

163 ଆପଣ ଯିହୁଦୀମାନଙ୍କ ନିକଟକୁ ଯାଆନ୍ତୁ; ଏବଂ ଆପଣ କହୁଛନ୍ତି ଯେ ସମସ୍ତ ଯିହୁଦୀମାନେ ଗାଢ଼ ବର୍ଣ୍ଣର ଅଟନ୍ତି—ଅଟନ୍ତି। ଯିହୁଦୀ ଜଣେ ବାଦାମୀ ବର୍ଣ୍ଣର ବ୍ୟକ୍ତି ଅଟେ, ମାତ୍ର ମୁଁ ନୀଳ ଆଖି ଥିବା, ସୁନ୍ଦର ଚର୍ମ ସହିତ ନାଲି-କେଶ ଥିବା, ଅନେକଙ୍କୁ ଦେଖିଅଛି। ବୁଝିଲେ?

164 ତେଣୁ ସମଗ୍ର ବିଷୟଟି ହେଉଛି: ଆମେ ସମସ୍ତେ ଗୋଟିଏ ଗଛରୁ ଆସିଅଛୁ। ତାହା ଠିକ୍ ଅଟେ। ଏବଂ ଏଦନର ପତନ ଜରିଆରେ ଆମେ ସମସ୍ତେ ଅଭିଶପ୍ତ ହୋଇଥିଲୁ। ଏବଂ ଆମେ ସମସ୍ତେ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଉଦ୍ଧାର ପାଇଅଛୁ। ତାହା ସେଠାରେ ଅଟେ। ତେଣୁ କୌଣସି ଅଭିଶାପ ନାହିଁ। ଅଭିଶପ୍ତ ସେମାନେ ଯେଉଁମାନେକି ବିଶ୍ୱାସ କରନ୍ତି ନାହିଁ, ମାତ୍ର ଧନ୍ୟ ସେମାନେ ଯେଉଁମାନେକି ବିଶ୍ୱାସ କରନ୍ତି। ତେଣୁ ବନ୍ଧୁ, କେହି ଜଣେ ହେଲେ ନାହାଁନ୍ତି, କଳା କିମ୍ବା ଅଶ୍ୱେତ ବ୍ୟକ୍ତି, କିଅବା ସେହି ଶ୍ୱେତ କିମ୍ବା ହଳଦିଆ ବ୍ୟକ୍ତି। ତାହାପରେ, ଯଦି ସେହି କଳା ବ୍ୟକ୍ତି କଳା ହୋଇଥିବା ଯୋଗୁ ଅଭିଶପ୍ତ ହୋଇଥିଲା, ତାହାହେଲେ ହଳଦିଆ ବ୍ୟକ୍ତିଟି ଅଧା ଅଭିଶପ୍ତ ଅଟେ। ଏବଂ ତେବେ ସେହି—ଏବଂ ତେବେ ସେହି ହଳଦିଆ ବ୍ୟକ୍ତି, ଆଉ ତେବେ ସେହି ବାଦାମୀ ବ୍ୟକ୍ତି, ସେ ତ ଦୁଇ ତୃତୀୟାଂଶ ଅଭିଶପ୍ତ ଅଟେ। ବୁଝିଲେ? ଏବଂ ତାହାପରେ, ଆଫ୍ରିକୀୟ ପ୍ରାୟଃ ଚାରି-ପଞ୍ଚମାଂଶ ଅଭିଶପ୍ତ ଅଟେ। ଏବଂ ମୁଁ ଅନୁମାନ କରେ ଯେ ତାହାହେଲେ ସେହି ଭାରତୀୟ ପ୍ରକୃତରେ ଅଭିଶପ୍ତ ଅଟେ। ଓଃ, ମୋର ପ୍ରଭୁ! କେତେ ନିର୍ବୋଧତା! ନା! ଏହା ତ ସେହି ଭିନ୍ନ ଜଳବାୟୁ ଓ ବିଷୟ ଅଟେ ଯେଉଁଥିରେକି ଲୋକମାନେ ରହୁଥିଲେ। ସେମାନେ ଏଆଡ଼େ ସେଆଡ଼େ ପଳାଇ ଗଲେ, ଜନଜାତି ଭାବରେ ଓ ଉତ୍ୟାଦିରେ ରହିଲେ, ସେମାନେ ଭିନ୍ନ ହୋଇଗଲେ।

165 ଆମେରିକୀୟ ଭାରତୀୟମାନଙ୍କୁ ଦେଖନ୍ତୁ। ସେମାନଙ୍କ ମଧ୍ୟରୁ ଅନେକେ... ସେଠାରେ ରହୁଥିବା ନାଭାଜୋ ଏକ ପ୍ରକାର ଗାଢ଼ ବର୍ଣ୍ଣର ଲୋକମାନଙ୍କର ଜାତି ଅଟେ ଯାହାକି ଆମର ଅଶ୍ୱେତ ଇଥିଓପିଆର ଲୋକମାନଙ୍କ ତୁଳନାରେ ଗାଢ଼ ବର୍ଣ୍ଣର ଅଟନ୍ତି, ସେହି ନାଭାଜୋ। ସେହି ଆପାଚିମାନେ ହେଉଛନ୍ତି...ସେମାନେ ଏକ—ଏକ ପ୍ରକାରର ତମ୍ବା ବର୍ଣ୍ଣର ଅଟନ୍ତି। ଏବଂ ବିଭିନ୍ନ ଜନଜାତି...ବୁଝିଲେ? ତେଣୁ ସେଠାରେ ଭାରତୀୟମାନଙ୍କ ଠିକ ମଧ୍ୟରେ, ଠିକ୍ ଏଠାରେ, ଆପଣ କଳା ଲୋକମାନଙ୍କୁ ପାଇବେ, ଏବଂ ପ୍ରାୟଃ...ଏବଂ ସେହି ଚେରୋକି ଆମ ପରି ପ୍ରାୟଃ ଧୂସର ବର୍ଣ୍ଣର ଅଟେ, ସେହି ଚେରୋକି। ଏବଂ ସେଠାରେ ଠିକ ଏହି ରାଷ୍ଟ୍ରରେ ଏଠାରେ, ବିଭିନ୍ନ ଜନଜାତିମାନେ ଅଛନ୍ତି। ତେଣୁ ଆପଣ ଦେଖନ୍ତୁ, ଆପଣ କହିପାରନ୍ତି ନାହିଁ ଯେ ସେମାନେ ଅଧା ଅଭିଶପ୍ତ ଏବଂ ସମ୍ପୂର୍ଣ୍ଣ ଭାବେ ଅଭିଶପ୍ତ ଅଟନ୍ତି। ସେମାନେ ଏଥି ପାଇଁ ଅଭିଶପ୍ତ ନ ଥିଲେ କାରଣ ସେମାନେ କଳା ଥିଲେ। ସେମାନେ ଏଥି ପାଇଁ ଅଭିଶପ୍ତ ନ ଥିଲେ କାରଣ ସେମାନେ ହଳଦିଆ ଥିଲେ କିମ୍ବା ସେମାନେ ଧଳା ଥିଲେ। କେବଳ ଗୋଟିଏ ମାତ୍ର ଅଭିଶାପ ଅଛି ଯାହା ମୁଁ ଜାଣେ, ଏବଂ ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ବିଷୟକ ଅବିଶ୍ୱାସ। (ମୁଁ ଜାଣେ, ଡନି, ମୋର ସମାପ୍ତ କରିବାର ସମୟ ହେଲାଣି, କିନ୍ତୁ ମୋ ପାଖରେ ଆଉ ଦୁଇଟି ପ୍ରଶ୍ନ ଅଛି।)

**23.** ବର୍ତ୍ତମାନ ଠିକ୍ ଅଛି। **ଇସ୍ରାଏଲର ଛିନ୍ନ ଛତ୍ର ହୋଇ ହଜି ଯାଇଥିବା ସେହି ଦଶ ଗୋଷ୍ଠୀ କେଉଁଠାରେ ଅଛନ୍ତି (ଆଦିପୁସ୍ତକ 44:49), ଅନେକ ରାଷ୍ଟ୍ରଗୁଡିକ ପାଇଁ ଯୋଷେଫଙ୍କ ବଂଶ? ଶିମିୟୋନ, ଲେବୀ, ଯେଉଁମାନଙ୍କରକି ସେମାନଙ୍କର ନିଜର ମାତୃଭୂମି ନ ଥିଲା, ମାତ୍ର ଅନ୍ୟ ଦଶ ଗୋଷ୍ଠୀ ମଧ୍ୟରେ ଛିନ୍ନଭିନ୍ନ ହୋଇଥିଲେ... ସେହି ଦଶ ଗୋଷ୍ଠୀ କେଉଁଠାରେ ଅଛନ୍ତି? କଅଣ ଆମେ ସେଗୁଡ଼ିକୁ ଖୋଜି ପାରିବା କି?**

166 ହଁ, ଆଜ୍ଞା! ସେଗୁଡିକୁ ଖୋଜା ଯାଇପାରେ। ଭୌଗୋଳିକ ଦୃଷ୍ଟିରୁ ସେମାନେ ବାଇବଲରେ ଖୋଜା ଯାଇପାରନ୍ତି। ଏବଂ ପରମେଶ୍ୱର ଆମକୁ ସେଠାରେ କହୁଛନ୍ତି ଯେ ସେମାନେ ଶେଷ ଦିନରେ କେଉଁଠାରେ ରହିବେ ଏବଂ ସେମାନଙ୍କର ଶେଷ ଦଶା କଅଣ ହେବ। ଏବଂ ଠିକ ବର୍ତ୍ତମାନ, ମୁଁ ଏକ ପୁସ୍ତକ ପାଠ କଲି, ଯେ ଠିକ ଇସ୍ରାଏଲରେ ଯେଉଁଠାରେ ସେମାନେ ରହିଥିଲେ, ଯେଉଁଠାରେକି ସେ କହିଥିଲେ ଯେ ଜଣେ ତାର ପାଦକୁ ତେଲରେ ଓ ସବୁକିଛିରେ ବୁଡ଼ାଇ ଦେଇଅଛି। ପରମେଶ୍ୱର ସେମାନଙ୍କୁ ସମସ୍ତଙ୍କୁ ଖୋଜି ରଖିଛନ୍ତି, ବିଭିନ୍ନ ସ୍ଥାନରେ ସ୍ଥାପିତ କରି ରଖିଛନ୍ତି। ଏବଂ ଯିହୁଦୀମାନେ ସମସ୍ତେ ପାଲେଷ୍ଟାଇନକୁ ଫେରୁଛନ୍ତି, ଯେଉଁଠାରେକି ପରମେଶ୍ୱର ଶେଷ ଦିନରେ ପ୍ରତିଜ୍ଞା କରିଥିଲେ ଯେ ସେମାନେ ସେଠାରେ ରହିବେ।

**24.** ଆଉ ଗୋଟିଏ ପ୍ରଶ୍ନ: **କଅଣ ହୋଇପାରେ...ମୁଁ ବିଶ୍ୱାସ କରିପାରୁ ନାହିଁ ଯେ ପରମେଶ୍ୱର ନ୍ୟାୟ ବିଚାର ରୂପରେ ଯୁଦ୍ଧଗୁଡିକୁ ପଠାଇଥିଲେ। ମୁଁ ବିଶ୍ୱାସ କରିପାରୁ ନାହିଁ ଯେ ପରମେଶ୍ୱର ନ୍ୟାୟ ବିଚାର ରୂପରେ ଯୁଦ୍ଧଗୁଡିକୁ ପଠାନ୍ତି।** (କେବଳ କିଛି ସମୟ ଶୁଣନ୍ତୁ।) **ମୁଁ ବିଶ୍ୱାସ କରେ ନାହିଁ, ଯେପରିକି କେତେକ କରନ୍ତି, ଯେ ପରମେଶ୍ୱର**

**ପ୍ରାଚୀନ ବାବିଲରୁ ହିଟଲର ପର୍ଯ୍ୟନ୍ତ ଏହି ନର ସଂହାରକମାନଙ୍କ ହାତରେ ଖଣ୍ଡ ଦେଇଛନ୍ତି, ଯେ ସେମାନେ ନିରୀହ ମହିଳା ଏବଂ ଶିଶୁମାନଙ୍କୁ ହତ୍ୟା କରନ୍ତୁ... ଦୋଷୀମାନଙ୍କ ସହିତ, ଯେପରିକି ପରମେଶ୍ୱରଙ୍କ ନ୍ୟାୟ ବିଚାରକୁ କାର୍ଯ୍ୟକାରୀ କରାଯାଏ। ପରମେଶ୍ୱର କରନ୍ତୁ...ମୋର ପ୍ରେମର ପରମେଶ୍ୱର ତାହା କରିବେ ନାହିଁ...ମୋର ପ୍ରେମର ପରମେଶ୍ୱର** (କ୍ଷମା କରନ୍ତୁ!), **ଏହା କରିବେ ନାହିଁ। ଯୁଦ୍ଧ ତ ଶୟତାନର କାର୍ଯ୍ୟମାନ ଅଟେ। ଦୟାକରି ଏହି ଦ୍ୱନ୍ଦ୍ୱକୁ ନିଶ୍ଚିତ କରନ୍ତୁ।**

167 ତେବେ, ଗୋଟିଏ କ୍ଷଣ ମାତ୍ର। ମୁଁ ଏହାକୁ କିଛି ସମୟ ପୂର୍ବରୁ ପାଠ କରିଥିଲି, ସେହି କାରଣ ଯୋଗୁ ମୁଁ ଏହାକୁ ତଳେ ରଖି ଦେଇଛି। ବର୍ତ୍ତମାନ, ମୁଁ ଚାହେଁ ଯେ ଆପଣ କେବଳ ଗୋଟିଏ ମିନିଟ୍ ନୀରବ ରୁହନ୍ତୁ। ତେବେ, ଆସନ୍ତୁ—ଆସନ୍ତୁ ଏହାକୁ ପ୍ରକୃତରେ ସଳଖ କରିବା, 'କାରଣ ଏହା ଏକ ପ୍ରକୃତ ପ୍ରଶ୍ନ ଅଟେ। ଏବଂ ଏହାକୁ ଆଦର ସହିତ ପାଖେଇବା ଜରୁରୀ ଅଟେ। ତତକ୍ଷଣାତ୍ ତାହା ପରେ, ଯଦି ଆପଣ ଆମ ସହିତ ଆଉ ଟିକିଏ ସମୟ ଅତିବାହିତ କରି ପାରିବେ...

168 ମୁଁ ଜାଣେ ଯେ ଏହା ବିଳମ୍ୱ ହେଉଅଛି, ମାତ୍ର ଏହା...ମନେରଖନ୍ତୁ, ଏହାର କଅଣ ଅଟେ? ବର୍ତ୍ତମାନ, ଆପଣ ରାତିସାରା ନାଚିବାକୁ ଯାଉଥିଲେ ଏବଂ ଏହା ବିଷୟରେ କିଛି ଭାବୁ ନ ଥିଲେ (ବୁଝିଲେ?), ସାଂସାରିକ ବିଷୟଗୁଡ଼ିକ ପ୍ରତି ମନ ଦେଉଥିଲେ, କିନ୍ତୁ ଯେତେବେଳେ ତାହା କୋଡ଼ିଏ ମିନିଟରୁ ଅଧିକ ପରମେଶ୍ୱରଙ୍କ ବାକ୍ୟ ପାଇଁ କଥା ଆସେ, ଭାଇ, ଆମକୁ ଏକ ନୂତନ ପ୍ରଚାରକ ଦରକାର ହୋଇଥାଏ। ବୁଝିଲେ? ଏହା ଲଜ୍ଜାଜନକ ଅଟେ। ପାଉଲ ରାତିସାରା ପ୍ରଚାର କରିଥିଲେ। ମୁଁ ବର୍ଷେ ପୂର୍ବରୁ ଠିକ ଏହି ଠାରେ ସକାଳ ଦୁଇ ଏବଂ ତିନି ଘଟିକା ସମୟରେ ପ୍ରଚାର କରିଥିଲି। ଏବଂ ଲୋକମାନେ ଏହି ସ୍ଥାନରେ ଉପର ତଳ ଚଲା ବୁଲା କରି ଠିକ ସକାଳ ଦୁଇ କିମ୍ୱା ତିନି ଘଟିକା ସମୟରେ ପରମେଶ୍ୱରଙ୍କର ପ୍ରଶଂସା କରିଥିଲେ। ଆପଣ ସେହି ଦୁଇ ଏବଂ ତିନି ଘଟିକା ସମୟରେ ଏକାବେଳକେ ପ୍ରାୟଃ ଅଧା ଡଜନ ଲୋକମାନଙ୍କୁ ପବିତ୍ରଆତ୍ମା ଗ୍ରହଣ କରିଥିବାର ଦେଖନ୍ତି। ପରମେଶ୍ୱର ଦୟା କରନ୍ତୁ। ମୁଁ ଇଚ୍ଛା କରେ ଯେ ମୁଁ ଏହାକୁ ପୁଣି ଥରେ ଦେଖିପାରେ। ମାତ୍ର ଆମେ କରିପାରିବା ନାହିଁ; ସେହି ଦିନ ଚାଲି ଯାଇଛି। ସେହି ଦିନ ବର୍ତ୍ତମାନ ଅତିକ୍ରମ ହୋଇଅଛି; ସେ ବର୍ତ୍ତମାନ ବହୁତ ସମୟ ହେଲାଣି ଅତିବାହିତ ହୋଇଯାଇଛି। ରାତ୍ରି ନିକଟବର୍ତ୍ତୀ ହେଉଅଛି ଏବଂ ଲୋକମାନେ... "ତେବେ, ଆମର ଆଉ କିଛି ଫରକ ପଡେ ନାହିଁ, ତେଣୁକରି...ମୋର ପ୍ରଭୁ, ମୁଁ ଇଚ୍ଛା କରେ ଯେ ସେମାନେ ତାହା ତ୍ୟାଗ କରି ଦିଅନ୍ତି, ଯେପରିକି ଆମେ ଭିତରକୁ ଯିବା ପାଇଁ ପ୍ରସ୍ତୁତ ହୋଇପାରୁ।" ଏବଂ ତାହା ଠିକ—ଠିକ ସେହି ପ୍ରକାରେ ଅଟେ ଯେପରିକି ତାହା ହୋଇଥାଏ।

169 ଅପେକ୍ଷା କରନ୍ତୁ, ମୁଁ ବର୍ତ୍ତମାନ ଆପଣଙ୍କୁ କିଛି ପଚାରିବାକୁ ଚାହେଁ। ବର୍ତ୍ତମାନ, ମୁଁ ଆପଣଙ୍କ ସହିତ ଅସହମତ ହେବାକୁ ଯାଉଅଛି, ଭାଇ କିମ୍ୱା ଭଉଣୀ, ମୁଁ ଜାଣେ ନାହିଁ। ତାହା ଆଜି ସକାଳେ ଏଠାରେ ରଖାଯାଇଥିଲା। ତାହା ମୋର ବାଇବଲ ଭିତରେ ଥିଲା ଏବଂ କିଛି

ସମୟ ପୂର୍ବରୁ ତାହାକୁ ଦେଖୁଥିଲି । ତେବେ, ଏକ ବନ୍ଧୁତ୍ୱପୂର୍ଣ୍ଣ ଉପାୟରେ...ଏବଂ ବର୍ତ୍ତମାନ, ମୁଁ ଚାହେଁ ନାହିଁ ଯେ ଆପଣ ମୋ ଉପରେ ହୁଗୁଳା ଭାବରେ—ରେ—ରେ ଧ୍ୟାନ ଦିଅନ୍ତୁ । ମୁଁ ଚାହେଁ ଯେ ଆପଣ ଅତି ଧ୍ୟାନ ସହକାରେ ଶୁଣନ୍ତୁ ।

170 ଏବଂ ଆମେ...ମନେରଖନ୍ତୁ, ମୁଁ ଆପଣଙ୍କ ସହିତ ଯଥାସମ୍ଭବ ସହମତ ହେବାକୁ ଚାହେଁ ଆପଣଙ୍କର ଏହି ନିଷ୍ପତ୍ତି ଉପରେ—ଉପରେ ଯେପରିକି ମୁଁ ସେହି ସ୍ତ୍ରୀଲୋକ, ଗରିବ ସ୍ତ୍ରୀଲୋକ ସହିତ କିଛି ସମୟ ପୂର୍ବରୁ କରିଥିଲି । କହିଲି...ସେ ଏବଂ ତାଙ୍କ ସ୍ୱାମୀ, ସେମାନେ କେବଳ ପଳାଇ ଯାଇଥିଲେ ଓ ବିବାହ କରିଥିଲେ; ଆଉ ତାହା ସେଠାରେ ଥିଲା । ମାତ୍ର ସେ ନିଜର ଶପଥ ଗ୍ରହଣ କରିଥିଲେ; ତାହାଙ୍କୁ ତାହା ସହିତ ରହିବାକୁ ଅଛି । ବୁଝିଲେ? ଏବଂ ବର୍ତ୍ତମାନ, ମୋତେ ପରମେଶ୍ୱରଙ୍କ ବାକ୍ୟ ସହିତ ରହିବାକୁ ଅଛି ।

> କିନ୍ତୁ ବର୍ତ୍ତମାନ, **ମୁଁ ବିଶ୍ୱାସ କରେ ନାହିଁ...**ମାତ୍ର ପ୍ରଥମେ, **ମୁଁ ବିଶ୍ୱାସ କରିପାରୁ ନାହିଁ ଯେ ପରମେଶ୍ୱର ନ୍ୟାୟ ବିଚାର ରୂପରେ ଯୁଦ୍ଧଗୁଡିକୁ ପଠାନ୍ତି ।**

171 ତେବେ ବର୍ତ୍ତମାନ, ବନ୍ଧୁ, କେବଳ ଗୋଟିଏ ବିଷୟ ଅଛି ଯାହା କି ଆପଣଙ୍କର ବିଶ୍ୱାସ ସହିତରେ ଭୁଲ୍ ଅଟେ, ଏବଂ ତାହା ହେଉଛି, ତାହା ଶାସ୍ତ୍ରସଙ୍ଗତ ନୁହେଁ । ପରମେଶ୍ୱର ନ୍ୟାୟ ରୂପରେ ଯୁଦ୍ଧକୁ ପଠାନ୍ତି । ତାହା ଠିକ୍ ଅଟେ । ମୁଁ—ମୁଁ ଆପଣଙ୍କୁ ଶାସ୍ତ୍ର ଦେବାକୁ ଯାଉଅଛି; ମୁଁ କେବଳ ଏହାକୁ ଏଠାରେ ପାଠ କରି ତାହାପରେ ଆପଣଙ୍କୁ କହିବାକୁ ଯାଉନାହିଁ ।

> ଦେଖନ୍ତୁ । **ମୁଁ ତାହା ବିଶ୍ୱାସ କରେ ନାହିଁ ଯେପରିକି କେତେକ କରନ୍ତି ଯେ ପରମେଶ୍ୱର ପ୍ରାଚୀନ ବାବିଲରୁ ନେଇ ହିଟଲର ପର୍ଯ୍ୟନ୍ତ ଏହି ନର ସଂହାରକମାନଙ୍କ ହାତରେ ଏକ ଖଣ୍ଡା ଦେଇଛନ୍ତି, ଯେ ନିରୀହ ସ୍ତ୍ରୀଲୋକ ଏବଂ ଶିଶୁମାନଙ୍କୁ ହତ୍ୟା କରାଯାଏ ।**

172 ଯଦି ମୁଁ ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ କହିବି ଯେ ସେ ତାହା କରିଥିଲେ, ଏବଂ ଏହାକୁ ବାଇବଲ ଦ୍ୱାରା ପ୍ରମାଣ କରିବି, ତେବେ କଅଣ ଆପଣ ଏହାକୁ ବିଶ୍ୱାସ କରିବେ କି (ବୁଝିଲେ?), ଯେ ସେ ତାହା କରିଥିଲେ? ଠିକ୍ ଅଛି । ଏବଂ ସେ ଏହାକୁ ପୁନର୍ବାର କରିବାକୁ ଯାଉଛନ୍ତି । ଠିକ୍ ଅଛି । ଏବଂ ଏହାକୁ ଶୁଣନ୍ତୁ ।

173 ମୁଁ ଜାଣି ନାହିଁ । ମୁଁ ଜାଣିଥିବା ସମସ୍ତ ବିଷୟ କେବଳ ଏହା ହୋଇପାରେ ଯେ ଏଠାରେ ମୋର ପ୍ରାଣର ପ୍ରିୟ ବନ୍ଧୁ ବସିଛନ୍ତି; କାରଣ ସ୍ୱର୍ଗରେ ଥିବା ପରମେଶ୍ୱର ଜାଣନ୍ତି ଯେ ମୁଁ ହସ୍ତଲିଖନ ସୁଦ୍ଧା ଜାଣେ ନାହିଁ । ମୁଁ ଆପଣଙ୍କୁ କହି ପାରିବି ନାହିଁ । କିନ୍ତୁ ମୁଁ ଚାହେଁ ଯେ ଆପଣ ତାହା ଶୁଣନ୍ତୁ । "ମୋର ପରମେଶ୍ୱର ଜଣେ ପ୍ରେମର ପରମେଶ୍ୱର ଅଟନ୍ତି, ମୋର ପରମେଶ୍ୱର ପ୍ରେମ ଅଟନ୍ତି ଓ ଏହା କରିବେ ନାହିଁ । ଯୁଦ୍ଧଗୁଡିକ ଶୟତାନର ଅଟେ ।" ମୁଁ ଆପଣଙ୍କ ସହିତ ସହମତ ଯେ ଯୁଦ୍ଧମାନ ଶୟତାନର ଅଟେ । ତାହା ଅବିକଳ ଠିକ୍ । ସେ ଏହି ଜଗତର ପ୍ରଧାନ ଅଟେ । ଏହି ଜଗତରେ ଥିବା ପ୍ରତ୍ୟେକ ରାଜ୍ୟ ଏବଂ ପ୍ରତ୍ୟେକ ରାଷ୍ଟ୍ର ଶୟତାନର ଅଟେ । ପରମେଶ୍ୱର କହିଲେ ଯେ ସେମାନେ ତାହାଙ୍କ ବାକ୍ୟରେ କରିଥିଲେ । ଶୟତାନ କହିଲା, "ସେମାନେ ମୋର ଅଟନ୍ତି ।" ଯୀଶୁ ସ୍ୱୀକାର କରିଥିଲେ ଯେ ସେଗୁଡିକ ତାହାର ଅଟେ । କିନ୍ତୁ

କିଛି ସମୟ ଉତ୍ତାରେ ସେ ସବୁକିଛିର ଉତ୍ତରାଧିକାରୀ ହେବାକୁ ଯାଉଛନ୍ତି, ଯୀଶୁ ହେବେ। ସେତେବେଳେକୁ ଆମର ଆଉ କୌଣସି ଯୁଦ୍ଧ ହେବ ନାହିଁ। ମାତ୍ର ପରମେଶ୍ୱର ସଂଶୋଧନ ଏବଂ ବିଚାର ପାଇଁ ଏହାକୁ ଶୟତାନକୁ କରିବାକୁ ଅନୁମତି ଦିଅନ୍ତି।

174 ବର୍ତ୍ତମାନ, ଆମେ ଆରମ୍ଭ କରିବା ପୂର୍ବରୁ ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ। ମୁଁ ଚାହେଁ ଯେ ଆପଣ ମୋତେ ଏହାର ଉତ୍ତର ଦିଅନ୍ତୁ ଏବଂ ଖୋଜି ବାହାର କରନ୍ତୁ। ଯଦି ଆପଣ ବିଶ୍ୱାସ କରନ୍ତି ନାହଁ ଯେ ପରମେଶ୍ୱର ଜଣେ...(ଆପଣ କହିଲେ)...ଯିଏକି ଏହି ବିଷୟଗୁଡିକୁ କରିବେ ନାହିଁ। ମୂଳରୁ ହିଁ ଏହାକୁ ସଠିକ୍ ଭାବେ ଆରମ୍ଭ କରିବା ପାଇଁ... ବର୍ତ୍ତମାନ, ଯଦି ଆପଣ ପାରୁଛନ୍ତି ନିଜର ଅବିଭାଜିତ ଧ୍ୟାନକୁ ମୋତେ ପ୍ରଦାନ କରନ୍ତୁ। ଶୁଣନ୍ତୁ। ପରମେଶ୍ୱର କାହିଁକି ନିଜେ ସ୍ୱୟଂ ନିଜର ପୁତ୍ରକୁ ତାଡନା କଲେ ଓ ତାଙ୍କୁ କ୍ରୁଶରେ ବଧ କଲେ? ପରମେଶ୍ୱର ସ୍ୱୟଂ ନିଜର ପୁତ୍ରକୁ କ୍ରୁଶ ଉପରେ ବଧ କଲେ। "ତଥାପି ଏହା ପରମେଶ୍ୱରଙ୍କୁ ପ୍ରସନ୍ନ କରିଥିଲା," ଶାସ୍ତ୍ର କୁହେ, "ଯେ ତାଙ୍କୁ ଆଘାତ କରାଯାଉ, ତାଙ୍କୁ କ୍ଷତ ବିକ୍ଷତ କରାଯାଉ, ଏବଂ ତାଙ୍କୁ ଘାତ କରାଯାଉ।" ପରମେଶ୍ୱର ଆପଣଙ୍କୁ ଉଦ୍ଧାର କରିବା ନିମନ୍ତେ ନିଜର ପୁତ୍ରଙ୍କୁ ସେହି ଉପାୟରେ କଲେ।

175 ମୁଁ ଇସ୍ରାଏଲର ମହାନ ରାଜା, ଶାଉଲଙ୍କ ବିଷୟରେ ପଚାରିବାକୁ ଚାହେଁ। ପରମେଶ୍ୱର ତାଙ୍କୁ କହିଥିଲେ ଯେ ସେ ଯାଇ ରାଜା ଓଗ୍ ଏବଂ ତାଙ୍କ ପାଖରେ ଥିବା ସେଠାରେ ସମସ୍ତ କିଛି ବିଷୟ ସହିତ ଯୁଦ୍ଧ କରନ୍ତୁ ଓ ସଂପୂର୍ଣ୍ଣ ଭାବରେ ବିନଷ୍ଟ କରନ୍ତୁ, ପୁରୁଷ, ସ୍ତ୍ରୀ, ଶିଶୁ ଏବଂ ସବୁକିଛିକୁ...ଆଉ ଶାଉଲ...ଏପରିକି ପଶୁମାନଙ୍କୁ ସୁଦ୍ଧା ସଂହାର କରିବାକୁ କହିଥିଲେ, କାହାରିକୁ ଜୀବିତ ଛାଡିବାକୁ କହି ନ ଥିଲେ। ଆଉ ଶାଉଲ ସେଠାକୁ ଗଲେ ଓ କିଛି ଗୋରୁ ଗାଈକୁ ଛାଡି ଦେଲେ। ଏବଂ ପରମେଶ୍ୱର ତାଙ୍କଠାରୁ ଆତ୍ମାଙ୍କୁ ନେଇଗଲେ ଓ ତାଙ୍କୁ ତାହାଙ୍କଠାରୁ ପୃଥକ କରି ନେଲେ; ସେ ପରମେଶ୍ୱରଙ୍କ ଶତ୍ରୁ ହୋଇଗଲେ।

176 ଯେତେବେଳେ ପରମେଶ୍ୱର ସେହି ବୃଦ୍ଧ ରାଜା ଓଗଙ୍କୁ ଆହବଙ୍କ ହାତରେ ଦେଇ ଦେଲେ ଏଲିୟ ସେଠାରେ କାହିଁକି ଛିଡା ହୋଇଥିଲେ? ଏବଂ ସେ ଆହବଙ୍କୁ ସେହି ରାଜାଙ୍କୁ ହତ୍ୟା କରିବା ପାଇଁ କହିଥିଲେ। ଆଉ ଆହବ ତାହା କରିବାକୁ ମନା କରିଥିଲେ। ଏବଂ ଏଲିୟ ଭବିଷ୍ୟଦ୍‌ବକ୍ତା ଜଣେ ସୈନିକ ପଠାଇଲେ...କହିଲେ, "ତୁମର ଖଡ୍ଗ ଦ୍ୱାରା ମୋତେ ଆଘାତ କର।" ସେ ଅନୁଭବ କଲା ଯେ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ।

ସେ କହିଲା, "ମୁଁ କରିବି ନାହିଁ।" ଏବଂ ସେ ନିଜର ପ୍ରାଣ ହରାଇଲା। ତାହାପରେ ସେ ଅନ୍ୟ ଜଣକୁ କହିଲେ, କହିଲେ, "ମୋତେ ଆଘାତ କର।" ଏବଂ ସେହି ଲୋକ ତାଙ୍କୁ ଖଡ୍ଗ ଦ୍ୱାରା ଆଘାତ କଲା ଓ କ୍ଷତ ବିକ୍ଷତ କଲା। ଏବଂ ସେ ନିଜକୁ ଏକ ଛଦ୍ମବେଶରେ ଢାଙ୍କି ସେଠାରେ ଛିଡା ହେଲେ। ଆଉ ଏଠାରେ ଆହବ ନିଜର ରଥରେ ଚଢି ଆସିଲେ।

ସେ କହିଲେ, "ତୁମେ ଏଠାରେ କଅଣ—କଅଣ ପାଇଁ ଛିଡା ହୋଇଛ?"

ସେ କହିଲେ, "ତେବେ, ମୁଁ ଜଣେ ସୈନିକ ଅଟେ; ମୋତେ ଜଣେ ବ୍ୟକ୍ତିଙ୍କ ଉପରେ ତତ୍ତ୍ୱାବଧାନ କରିବାକୁ ଦିଆ ଯାଇଥିଲା। ଏବଂ ସେ ମୋତେ ଆଘାତ କଲା ଓ ଦୌଡି ପଳାଇଲା," ସେ କହିଲେ, "ମୁଁ ତାଙ୍କୁ ଯିବାକୁ ଦେଲି। ଏବଂ ସେମାନେ ମୋତେ କହିଲେ ଯଦି ମୁଁ କରେ, ତେବେ ମୋତେ ମୋର ନିଜ ପ୍ରାଣର ମୂଲ୍ୟ ଦେବାକୁ ପଡିବ।"

ସେ କହିଲା, "ତେବେ, ତୁମକୁ ନିଜ ଜୀବନର ମୂଲ୍ୟ ଦେବାକୁ ପଡିବ।"

ସେ ନିଜକୁ ଅନାବୃତ କରି କହିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**, ଯେହେତୁ ତୁମେ ସେଠାରେ ସେହି ରାଜାଙ୍କୁ ବଧ କଲ ନାହିଁ, ସେଇଥି ପାଇଁ ତୁମେ ନିଜର ପ୍ରାଣ ଦେଇ ସେହି ମୂଲ୍ୟ ପରିଶୋଧ କରିବ।" କଅଣ ତାହା ଠିକ୍ କି? ତାହା ଅବିକଳ ଠିକ୍ ଅଟେ।

177 ମୋତେ ଏଠାରେ କିଛି ପାଠ କରିବାକୁ ଦିଅନ୍ତୁ। ବାବିଲ ବିଷୟରେ କଅଣ, ଯେତେବେଳେ ଯିହୋଶୂୟ...ଯେତେବେଳେ ପରମେଶ୍ୱର ଯିହୋଶୂୟଙ୍କୁ ସେଠାକୁ ପଠାଇଥିଲେ, ଏବଂ ସେ ସାନ ଶିଶୁ, ଛୁଆମାନଙ୍କୁ, ଏବଂ ଅନ୍ୟ ସମସ୍ତ କିଛିକୁ ସମ୍ପୂର୍ଣ୍ଣ ରୂପେ ବିନାଶ କରିଥିଲେ। ଏବଂ ଯଦି ସେ ଗୋଟିଏ ହେଲେ ବିଷୟକୁ ଜୀବିତ ଛାଡି ଦେଇଥାଆନ୍ତେ...ସେ ସବୁକିଛିକୁ ବର୍ଜିତ ରୂପେ ବିନାଶ କଲେ। ଛୋଟ ଛୋଟ ପଲେଷ୍ଟୀୟ ଶିଶୁମାନେ, ସେ ସେମାନଙ୍କୁ ବିନାଶ କରିଥିଲେ। ପରମେଶ୍ୱର ତାହାଙ୍କୁ ଆଦେଶ ଦେଇଥିଲେ। ଏବଂ ଯଦି ସେ ତାହା ନ କରିଥାଆନ୍ତେ, ତେବେ ଏହା ତାଙ୍କର ନିଜର ଜୀବନକୁ ଦେବାକୁ ପଡିଥାଆନ୍ତା।

178 ମୁଁ ଏହାକୁ କିଛି ମିନିଟରେ ଠିକ୍ କରିବାକୁ ଯାଉଛି। ପରମେଶ୍ୱର ପ୍ରେମ, ସିଦ୍ଧ ପ୍ରେମ ଅଟନ୍ତି; ମାତ୍ର ଆପଣ ଜାଣନ୍ତି ନାହିଁ ଯେ ପ୍ରେମ କଅଣ ଅଟେ। ସେଇଥି ପାଇଁ ଲୋକମାନେ ଆଜି ଜାଣନ୍ତି ନାହିଁ ଯେ ବିଶ୍ୱାସ କଅଣ ଅଟେ। ପରମେଶ୍ୱର ପ୍ରେମ ଅଟନ୍ତି। ତାହାଙ୍କୁ ତ ପ୍ରେମରେ ରହିବାକୁ ଅଛି; ସେ ତାହାଙ୍କର ବାକ୍ୟ ପ୍ରତି ସାର୍ବଭୌମ ଅଟନ୍ତି। ଏବଂ ତାହାଙ୍କୁ ନିଜର ବାକ୍ୟକୁ ରକ୍ଷା କରିବାକୁ ଅଛି। ତାହାଙ୍କୁ ତ ଆପଣଙ୍କୁ ପ୍ରେମ କରିବାକୁ ଅଛି। ଏବଂ ଯଦି ସେ ଆପଣଙ୍କୁ ପ୍ରେମ କରନ୍ତି, ତାହାହେଲେ ତାହାଙ୍କୁ ଆପଣଙ୍କୁ ରକ୍ଷା କରିବାକୁ ଅଛି।

179 ଏଠାରେ ଶୁଣନ୍ତୁ। ଆପଣ ପିଲାମାନଙ୍କର ପତ୍ତନ ହେବା ବିଷୟରେ କଥା କୁହନ୍ତି। କେବଳ ଗୋଟିଏ ମିନିଟ୍, ମୋତେ ଆପଣମାନଙ୍କୁ ଏଠାରେ ଶାସ୍ତ୍ରରେ କିଛି ଦେଖାଇବାକୁ ଦିଅନ୍ତୁ, ଯେ ଏଠାରେ ଏହି ବିଷୟଗୁଡିକ ସମ୍ପର୍କରେ ବାଇବଲ କଅଣ—କଅଣ କୁହେ। ଆସନ୍ତୁ ଆମେମାନେ ସେଠାକୁ ଯିବା ଏବଂ ତାହାକୁ କେବଳ ଗୋଟିଏ ମିନିଟ୍ ଶୁଣିବା ଓ ଦେଖିବା ଯେ ପରମେଶ୍ୱର କଅଣ କହିଛନ୍ତି। ତେବେ, ମୁଁ ଯିହିଜିକଲ ତାର ୭ମ ପର୍ବରୁ ପାଠ କରୁଛି, ଯଦି ଆପଣ ଏହାକୁ ଲେଖିବାକୁ ଚାହାଁନ୍ତି। ଧ୍ୟାନ ସହକାରେ ଶୁଣନ୍ତୁ:

*ତେବେ...ସେ ଉଚ୍ଚ ସ୍ୱରରେ ମୋ କର୍ଣ୍ଣରେ ଏହି କଥା କହିଲେ, ଏବଂ କହିଲେ, ତୁମ୍ଭେମାନେ ନଗରରେ ନିଯୁକ୍ତ କର୍ମଚାରୀମାନଙ୍କୁ ନିକଟକୁ ଅଣାଅ,...*

*ପ୍ରତ୍ୟେକେ ଆପଣା ଆପଣା ହସ୍ତରେ ସେମାନଙ୍କର ବିନାଶକ ଅସ୍ତ୍ର ଧରି ଆସନ୍ତୁ ।* (ବର୍ତ୍ତମାନ, ଏହା ପରମେଶ୍ୱର କହୁଛନ୍ତି ।)

*ଏଥିରେ, ଦେଖ, ଉତ୍ତର ଦିଗସ୍ଥ ଉଚ୍ଚତର ଦ୍ୱାରର ପଥରୁ, ଛଅ ଜଣ ପୁରୁଷ ଆସିଲେ, ସେମାନଙ୍କର ପ୍ରତ୍ୟେକର ହସ୍ତରେ ସଂହାରକ ଅସ୍ତ୍ର ଥିଲା; ଓ ସେମାନଙ୍କର ମଧ୍ୟ ସ୍ଥାନରେ ଶୁକ୍ଳ ବସ୍ତ୍ର ପରିହିତ ଏକ ପୁରୁଷ ଥିଲେ, ତାଙ୍କର ପାର୍ଶ୍ୱରେ ଲେଖକର କାଳୀଘଡି ଥିଲା: ପୁଣି ସେମାନେ ଭିତରକୁ ଯାଇ, ପିତ୍ତଳମୟ ଯଜ୍ଞବେଦିର…ପାର୍ଶ୍ୱରେ ଠିଆ ହେଲେ ।*

*ପୁଣି ଇସ୍ରାଏଲର ପରମେଶ୍ୱରଙ୍କର ପ୍ରତାପ, ଯେଉଁ କିରୂବ ଉପରେ ଥିଲା, ତାହା ତାହାଠାରୁ ଉଠି ଗୃହର ଏରୁଣ୍ଡି ନିକଟକୁ ଯାଇଥିଲା । ଆଉ ସେ ସେହି* ଶୁକ୍ଳ ବସ୍ତ୍ର ପରିହିତ ଓ ନିଜ ହାତରେ—କିମ୍ବା *ପାର୍ଶ୍ୱରେ…ଲେଖକର… କାଳୀଘଡିଧାରୀ ପୁରୁ…ପୁରୁଷକୁ ଡାକିଲେ;*

ପୁଣି ତେଣୁ…*ପୁଣି ସଦାପ୍ରଭୁ…*(ବଡ ଅକ୍ଷରରେ ପ୍ର-ଭୁ, ଯାହାକି ପରମେଶ୍ୱର ଅଟନ୍ତି ।)…*ସଦାପ୍ରଭୁ ତାହାକୁ କହିଲେ, ତୁମ୍ଭେ ନଗରର ମଧ୍ୟ ଦେଇ,* ଯିରୁଶାଲମର ମଧ୍ୟଦେଇ ଯାଅ,…ଓ ତହିଁ ମଧ୍ୟରେ କୃତ ସକଳ ଘୃଣାଯୋଗ୍ୟ *କ୍ରିୟା ସକାଶୁ ଯେଉଁ ଲୋକମାନେ…ଦୀର୍ଘ ନିଶ୍ୱାସ ଛାଡନ୍ତି ଓ…କାତରୋକ୍ତି କରନ୍ତି…ସେମାନଙ୍କ କପାଳରେ ଏକ ଚିହ୍ନ ଦିଅ ।*

*ଆଉ ସେ ଅନ୍ୟମାନଙ୍କୁ…*(ସେହି **ସଦାପ୍ରଭୁ ।**)…*ମୋର* କର୍ଣ୍ଣଗୋଚରରେ *କହିଲେ, ତୁମ୍ଭେମାନେ ତାହାର ପଛେ ପଛେ ନଗର ମଧ୍ୟକୁ ଯାଇ, ସଂହାର କର: ଏବଂ ଚକ୍ଷୁଲଜ୍ଜା, କି ଦୟା କର ନାହିଁ:* (ଦେଖନ୍ତୁ, ଷଷ୍ଠ ପଦ ।)

*ବୃଦ୍ଧ…ଯୁବା…*କୁମାରୀ,…*ଶିଶୁ,…ସ୍ତ୍ରୀଲୋକ: ସମସ୍ତଙ୍କୁ* ନିଃଶେଷ—*ନିଃଶେଷ ରୂପେ ବଧ କର…* (ପରମେଶ୍ୱର ଏହା କହିଛନ୍ତି । ପରମେଶ୍ୱର ଏହା କହିଛନ୍ତି!)…*ମାତ୍ର ଯେଉଁମାନଙ୍କଠାରେ ଚିହ୍ନ ଅଛି ସେମାନଙ୍କ ନିକଟକୁ ଯାଅ ନାହିଁ; ଆଉ* ଆମ୍ଭ *ଧର୍ମଧାମଠାରୁ*—ଆରମ୍ଭ କର…ତହିଁରେ ସେମାନେ *ଗୃହର ସମ୍ମୁଖସ୍ଥିତ* ପ୍ରାଚୀନ…*ପ୍ରାଚୀନଗଣଠାରୁ ଆରମ୍ଭ କଲେ ।*

180 ଅନ୍ୟ ଅର୍ଥରେ, ପରମେଶ୍ୱର ଏହି ଲୋକମାନଙ୍କୁ କହିଲେ, "ବର୍ତ୍ତମାନ, ଅପେକ୍ଷା କର; ମୁଁ ପ୍ରଥମେ ଲୋକମାନଙ୍କୁ ଚିହ୍ନିତ କରିବାକୁ ଯାଉଛି, ଯେଉଁମାନେକି ପ୍ରକୃତରେ ପରମେଶ୍ୱରଙ୍କ ନିକଟରେ ଉତ୍ସର୍ଗୀକୃତ…" ଏବଂ ସେ ସେମାନଙ୍କ ଉପରେ ଏକ ଚିହ୍ନ ଦେଲେ । ସେ କହିଲେ, "ବର୍ତ୍ତମାନ," ସେହି ପୁରୁଷମାନଙ୍କୁ ଯେଉଁମାନେ ସଂହାରକ ଅସ୍ତ୍ର ଧରିଥିଲେ, "ତୁମେମାନେ ନଗର ମଧ୍ୟ ଦେଇ ଯାଅ ଏବଂ ତୁମେମାନେ କୌଣସି ସ୍ତ୍ରୀଲୋକ, ଶିଶୁ, କିମ୍ବା କିଛିକୁ ଛାଡିବ ନାହିଁ, ବରଂ ତୁମେମାନେ ନିଃଶେଷ ରୂପେ ସବୁକିଛିକୁ ବଧ କର ।"

181 ଜଳପ୍ଳାବନର ବିନାଶ ସମୟରେ ଜଗତ, ଯେତେବେଳେ ପୃଥିବୀରେ ଲକ୍ଷ ଲକ୍ଷ ଏବଂ କୋଟି କୋଟି ଲୋକମାନେ ରହିଥିଲେ, ଏବଂ ପରମେଶ୍ୱର ନୋହ ନାମରେ ଜଣେ ପୁରାତନ ପବିତ୍ରତା ପ୍ରଚାରକକୁ ପଠାଇଲେ, ଏବଂ ଶହେ କୋଡ଼ିଏ ବର୍ଷ ପ୍ରଚାର କଲେ, ଏବଂ ସେମାନଙ୍କୁ ଜାହାଜ ଭିତରକୁ ଆସିବାକୁ କହିଲେ, ଏବଂ କହିଲେ ଯେ ସେହି ଜାହାଜରେ ଆସୁ ନ ଥିବା ସମସ୍ତେ ବିନଷ୍ଟ ହୋଇଯିବେ...ଏବଂ ସର୍ବଶକ୍ତିମାନ ପରମେଶ୍ୱର, ଯାହାଙ୍କ ପାଖରେ ସ୍ୱର୍ଗର ନିୟନ୍ତ୍ରଣ ରହିଥିଲା, ବର୍ଷାକୁ ପଠାଇଲେ ଯାହାକି ଲକ୍ଷ ଲକ୍ଷ ବୃଦ୍ଧ ଲୋକମାନଙ୍କୁ, ଯୁବା ଲୋକମାନଙ୍କୁ, ଛୋଟ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ରୂପେ ବିନାଶ କଲା, ଯେଉଁମାନେକି ପାଣିରେ ବୁଡ଼ି ଅଣନିଶ୍ୱାସୀ ହୋଇ ମରିଗଲେ ।

182 ସର୍ବଶକ୍ତିମାନ ପରମେଶ୍ୱର, ଏବଂ ସେ ସଠିକ୍ ଭାବରେ ପ୍ରେମର ପରମେଶ୍ୱର ଅଟନ୍ତି । ଆଉ ତାହା ସତ୍ୟ ଅଟେ । ତାହାଙ୍କୁ ହେବାକୁ ଥିଲା । ସେ ଆପଣା ନିଜର ଲୋକମାନଙ୍କୁ ପ୍ରେମ କରନ୍ତି । ତାହାଙ୍କୁ ତାଙ୍କର ବାକ୍ୟ ପ୍ରତି ସାର୍ବଭୌମ ହେବାକୁ ଥିଲା । ତେଣୁ କରି ଏକ ବିବାଦ... ପାଇଁ ନୁହେଁ, ବରଂ ଆପଣଙ୍କ ସହିତ ଅସହମତ ହେବା ପାଇଁ ଅଟେ । ଆପଣଙ୍କ ପ୍ରେମର ପରମେଶ୍ୱର...

183 ଏଠାରେ କିଛି ସମୟ ପୂର୍ବରୁ ମୁଁ କଥାବାର୍ତ୍ତା କରୁଥିଲି...ଏହା ବୋଧହୁଏ ଜଣେ ଯିହୋବା ୱିଟନେସ୍‌ର କେହି ଥିଲେ । ସେହି ଲୋକଟି ଆସି କହିଲେ, "ଭାଇ ବ୍ରାନହାମ୍, କଅଣ ଆପଣଙ୍କର ମୋତେ କହିବାର ଏହା ଅଭିପ୍ରାୟ ଯେ ଆପଣ ବିଶ୍ୱାସ କରନ୍ତି ଯେ ଏକ ଜ୍ୱଳନ୍ତ ନରକ ଅଛି?"

ମୁଁ କହିଲି, "ଏହା ତାହା ନୁହେଁ ଯାହା ମୁଁ କୁହେ, ଏହା ତ ତାହା ଅଟେ ଯାହାକି ବାଇବଲ କୁହେ ।"

ସେ କହିଲେ, "କଅଣ ଆପଣଙ୍କର ମୋତେ କହିବାର ଅର୍ଥ ଏହା ଯେ ଜଣେ ପ୍ରେମୀ ସ୍ୱର୍ଗୀୟ ପିତା ତାହାଙ୍କର ପିଲାମାନଙ୍କୁ ନିଆଁରେ ପୋଡି ଦେବେ? କାହିଁକି," କହିଲେ, "ଆପଣ ତ ନିଜର ପିଲାକୁ ପୋଡି ଦେବେ ନାହିଁ ।"

ମୁଁ କହିଲି, "ନା, ଆଜ୍ଞା!"

"ତେବେ ତାହାହେଲେ, ଯଦି ଜଣେ ମଣିଷ ଭାବରେ ଆପଣଙ୍କଠାରେ ସେତେ ପ୍ରେମ ରହିଛି (ଦେଖନ୍ତୁ, ଲୋକମାନେ କିପରି ସେହି ବିଷୟକୁ ମୋଡ଼ି ଦେଇପାରନ୍ତି?), ଯଦି ଜଣେ ମଣିଷ ଭାବରେ ଆପଣଙ୍କଠାରେ ସେତେ ପ୍ରେମ ରହିଛି, କଅଣ ଆପଣ ଭାବୁଛନ୍ତି ଯେ ଜଣେ ପ୍ରେମୀ ସ୍ୱର୍ଗୀୟ ପିତା ତାହାଙ୍କର ପିଲାମାନଙ୍କୁ ନଷ୍ଟ କରି ଦେବେ?"

184 ମୁଁ କହିଲି, "କେବେ ନୁହେଁ!" ସେ ତାଙ୍କର ସନ୍ତାନମାନଙ୍କୁ ବିନାଶ କରିବେ ନାହିଁ, ମାତ୍ର ଆପଣ କାହାର ସନ୍ତାନ ଅଟନ୍ତି? ପରମେଶ୍ୱର ତାଙ୍କର ସନ୍ତାନମାନଙ୍କୁ ବିନାଶ କରିବେ ନାହିଁ । ସେ ତ ସେମାନଙ୍କୁ ଭିତରକୁ ଆଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି । ମାତ୍ର ଏହା ତ

ଶୟତାନ ଅଟେ ଯାହାକୁ ହୁଗୁଳା ଛାଡି ଦିଆଯାଇଛି ଯେ ସେ ତାର ପିଲାମାନଙ୍କୁ ବିନାଶ କରିବ । ତେଣୁ ପରମେଶ୍ୱର କେବଳ ଶୟତାନକୁ ଅନୁମତି ଦେଇଥାନ୍ତି ।

185 ଦେଖନ୍ତୁ । ତାହା କିଏ ଥିଲେ ଯିଏକି ଦୁଷ୍ଟକୁ ତଳକୁ ଆସିବା ପାଇଁ ଏବଂ ଶୟତାନକୁ ବାହାରକୁ ଯାଇ ଯୀଶୁ ଖ୍ରୀଷ୍ଟଙ୍କ ସମୟ ପର୍ଯ୍ୟନ୍ତ ପରମେଶ୍ୱରଙ୍କର ସବୁଠୁ ସିଦ୍ଧ ସେବକ ଆୟୁବକୁ, ତାଙ୍କର ସନ୍ତାନଗଣ ଏବଂ ସମସ୍ତ କିଛିକୁ ଯାହା ତାହା ପାଖରେ ଥିଲା, ବିନାଶ କରିବାକୁ ଅନୁମତି ଦେଲେ? ଆଉ ପରମେଶ୍ୱର ସେଠାରେ ଏକ ଦୁଷ୍ଟ ଆତ୍ମାକୁ ପଠାଇଲେ ଏବଂ ଆପଣା ଦାସ ଆୟୁବକୁ ପରୀକ୍ଷା କରିବା ପାଇଁ ତାଙ୍କର ସମସ୍ତ ସନ୍ତାନଗଣଙ୍କୁ ଓ ସମସ୍ତ କିଛିକୁ ବିନାଶ କଲେ । କଅଣ ତାହା ଠିକ୍ କି? ନିଶ୍ଚିତରେ ।

186 ଓଃ, ମୁଁ ଏଠାରେ ଗୋଟିଏ ଘଣ୍ଟା ଛିଡା ହୋଇ କେବଳ ତାହା ସବୁ ଆପଣଙ୍କୁ ଦେଖାଇପାରେ, ମୋ ଭାଇ, ଭଉଣୀ । ତାହା ଠିକ୍, ଆପଣ ଯେକେହି ବି ହୋଇପାରନ୍ତି । ଆପଣ ପରମେଶ୍ୱରଙ୍କ ଏହି ଆତ୍ମାକୁ ମିଶ୍ରିତ କରନ୍ତୁ ନାହିଁ । ଯୁଦ୍ଧ ହେଉଛି ରାଷ୍ଟ୍ରଗୁଡିକ ଉପରେ ପରମେଶ୍ୱରଙ୍କ ବିଚାର । ବିନାଶ ପରମେଶ୍ୱରଙ୍କ ଦ୍ୱାରା ପଠାଯାଇଥାଏ । ବାଇବଲ ଏହିପରି ହିଁ ବ୍ୟକ୍ତ କରେ । ଏବଂ ପରମେଶ୍ୱର ହେଉଛନ୍ତି ପ୍ରେମର ପରମେଶ୍ୱର, କିନ୍ତୁ ପରମେଶ୍ୱର କ୍ରୋଧର ମଧ୍ୟ ପରମେଶ୍ୱର ଅଟନ୍ତି । ଏବଂ ଆପଣ ଜଣେ ପ୍ରେମୀ ସମ୍ମୁଖରେ ଠିଆ ହେବାକୁ ଯାଉ ନାହାଁନ୍ତି...ତାହାହିଁ ହେଉଛି ସେହି ବିଷୟ ଯାହାକି ଆଜି ମଣ୍ଡଳୀକୁ ଆଘାତ କରିଥାଏ ।

187 "କୌଣସି ପ୍ରେମୀ ପିତା, ଅବଶ୍ୟ ହିଁ ସେ ମୋତେ ଏହା କରିବାକୁ ମନେ କରିବେ ନାହିଁ ।" ଯଦି ଆପଣ ଏହା କରିବାକୁ ଚାହାଁନ୍ତି, ତେବେ ଆପଣ ଆଗକୁ ଯାଇ ଏହା କରିପାରନ୍ତି, କାରଣ ଆରମ୍ଭରୁ ହିଁ ପରମେଶ୍ୱରଙ୍କ ପ୍ରେମ ଆପଣଙ୍କ ଭିତରେ ନାହିଁ ।

188 ଆମେମାନେ କିଛି କ୍ଷଣ ମଧ୍ୟରେ ପ୍ରଭୁଭୋଜ ନେବାକୁ ଯାଉଅଛୁ, ଏବଂ ମୁଁ ଚାହେଁ ଯେ ଏହା ପ୍ରକୃତରେ ଆପଣଙ୍କ ଭିତରେ ନିମଜ୍ଜିତ ହୋଇଯାଉ । ଏହାର ମୂଳ ବିଷୟ ହେଉଛି, ଯାହା ଆପଣଙ୍କ ହୃଦୟ ଭିତରେ ଅଛି ତାହାହିଁ ଉତ୍ପନ୍ନ କରିବ, ଆପଣଙ୍କର ଜୀବନକୁ ଗଢିବ । ଆପଣ ଯେଉଁ ପ୍ରକାରର ବିହନ ଭୂମିରେ ବୁଣିବେ ତାହା ସେହି ପ୍ରକାରେ ଉତ୍ପାଦନ କରିବ । ଆପଣ କିପରି ଭାବରେ ଏକ—ଏକ ପପକର୍ନ୍ ଗଛକୁ ନେଇପାରନ୍ତି ଏବଂ ସେଥିରୁ ଏକ—ଏକ ଦାତୁରା ଗଛ ପାଇପାରନ୍ତି? ଆପଣ ତାହା ଅପେକ୍ଷାକୃତ ଅଧିକ କରିପାରିବେ ନାହିଁ ଯେତିକି ଆପଣ ଏକ ମକା ଶସ୍ୟ ନେଇ ତାକୁ ଏକ ବାଳୁଙ୍ଗା ତିଆରି କରିପାରିବେ । ଆପଣ ତାହା କରିପାରିବେ ନାହିଁ, କାରଣ ସେମାନେ ଦୁଇଟି ଭିନ୍ନ ପ୍ରକୃତିର, ଦୁଇଟି ଭିନ୍ନ ଜୀବନ ଅଟନ୍ତି । ସେହି...ଆପଣ—ଆପଣ ହୁଏତ ଏକ ଦାତୁରା ମଞ୍ଜି ଏବଂ ଏକ ପିଆଜ ବିହନକୁ ନେଇପାରନ୍ତି, ଏବଂ ସେମାନେ ଏତେ ଅଧିକ ସମାନ ଦେଖାଯାଆନ୍ତି ଯେ ଏପରିକି ଜଣେ ସର୍ବୋତ୍ତମ ବ୍ୟକ୍ତି ସୁଦ୍ଧା ସେମାନଙ୍କର ପ୍ରଭେଦ କହିପାରିବ ନାହିଁ । ତାହା ଠିକ୍ । କେବଳ ଗୋଟିଏ ବିଷୟ ଆପଣଙ୍କୁ କରିବାକୁ ଅଛି ତାହା ହେଲା ସେଗୁଡିକୁ ଲଗାଇବା । ସେମାନେ ଦୁହେଁ ସମାନ ଭାବରେ ପ୍ରାକୃତିକ ଦେଖାଯାଆନ୍ତି, ମାତ୍ର ସେଗୁଡିକୁ ରୋପଣ କରନ୍ତୁ ।

ସେମାନେ ଦୁହେଁ ଉତ୍ପାଦନ କରିବେ; ଏବଂ ଗୋଟିଏ ଦାତୁରା ହେବ ଏବଂ ଅନ୍ୟଟି ଗୋଟିଏ ପିଆଜ ହେବ । ତାହା ଠିକ୍ ଅଟେ ।

189 କହିବେ, "କାହିଁକି, ତାହାହେଲେ ଏହି ମଞ୍ଜିକୁ କଅଣ ତିଆରି କରେ, ଯେ ତାହା ଠିକ୍ ଏହିପରି ଦେଖାଯାଏ, ମାତ୍ର ଏକ ଭିନ୍ନ ପ୍ରକାରର ଜୀବନ ଉତ୍ପନ୍ନ କରେ?" ଏହାର କାରଣ ହେଉଛି ସେହି ପ୍ରକାର ଜୀବନ ତାହା ଭିତରେ ଅଛି ।

190 ଏବଂ ଜଣେ ପୁରୁଷ କିମ୍ବା ସ୍ତ୍ରୀ ଯିଏକି ନିଜକୁ ଖ୍ରୀଷ୍ଟିଆନ ବୋଲି କୁହନ୍ତି ଏବଂ ସେପରି ଜୀବନଯାପନ କରନ୍ତି ନାହିଁ, ପରମେଶ୍ୱରଙ୍କ ଅନୁଗ୍ରହରୁ, ଏକ ଦାତୁରା ଅଟେ । ସେମାନଙ୍କର ଫଳ ଦ୍ୱାରା ଆପଣ ସେମାନଙ୍କୁ ଜାଣିବେ । ଯଦି ସେହି ବିଷୟ ଆପଣଙ୍କ ହୃଦୟରେ ଅଛି, ତେବେ ତାହା ସେହି ବିଷୟର ସାକ୍ଷ୍ୟ ଦିଏ ଯାହା ଅନ୍ୟ କୌଣସି ସ୍ଥାନରେ ଆପଣ ଥାଆନ୍ତି । ଯଦି ତାହା ମନ୍ଦ ଅଟେ, ଏହା ତାର ସାକ୍ଷ୍ୟ ଦିଏ ଯେ ଆପଣ ଏଠାରେ ତଳରୁ ଅଟନ୍ତି । ଯେତେବେଳେ ଆପଣ ମରନ୍ତି, ଆପଣଙ୍କୁ କେବଳ ସେହି ସ୍ଥାନକୁ ଯିବାକୁ ପଡିବ ଯେଉଁଠାରେ ଆପଣ ଆଗରୁ ଅଛନ୍ତି ।

ଯଦି ଆପଣ ଭଲ ଏବଂ ଆପଣ—ଆପଣ ଭଲ ଅଟନ୍ତି କାରଣ ପରମେଶ୍ୱର ଆପଣଙ୍କୁ ଭଲ କରିଛନ୍ତି, ଏବଂ ଆପଣ ନୂତନ ଜନ୍ମ ପାଇଛନ୍ତି, ଆପଣ ସେହି ପଥରେ ଯିବାକୁ ବାଧ୍ୟ, କାରଣ ସେହି ଜୀବନକୁ ଏହି ସ୍ଥାନ ସହିତ ସାକ୍ଷ୍ୟ ବଜାୟ ରଖିବାକୁ ପଡିବ । ଯଦି ତାହା ଏଠାକାର ସାକ୍ଷ୍ୟ ବହନ କରେ, ତେବେ ତାହାହିଁ ଅଟେ ଯେଉଁଠାକୁକି ଆପଣ ଯାଉଥାଆନ୍ତି । ଯଦି ତାହା ସେଠାକାର ସାକ୍ଷ୍ୟ ବହନ କରେ, ତେବେ ତାହାହିଁ ଅଟେ ଯେଉଁଠାକୁକି ଆପଣ ଯାଉଥାଆନ୍ତି । ବୁଝିଲେ?

191 ଯାହା ଆପଣ ଏଠାରେ ଅଟନ୍ତି…ବର୍ତ୍ତମାନ ଏହାକୁ ଆପଣଙ୍କ ମସ୍ତିଷ୍କରେ ରଖି ନିଅନ୍ତୁ । ମୁଁ ଶେଷ କରିବାକୁ ଯାଉଅଛି । ମାତ୍ର ଯାହା ଆପଣ ଏଠାରେ ଅଟନ୍ତି ତାହା ତାର ଏକ ସଙ୍କେତ ଅଟେ ଯେ ଆପଣ ଅନ୍ୟ କୌଣସି ସ୍ଥାନରେ କିଛି ଗୋଟାଏ ଅଟନ୍ତି । ଆପଣ ଖ୍ରୀଷ୍ଟିଆନମାନେ, ଆପଣ ସର୍ବଦା ସିଦ୍ଧ ହେବାକୁ ଚାହିଁଥାଆନ୍ତି । ଏକ ସିଦ୍ଧତା ଅଛି, ଏବଂ ସେହି ସିଦ୍ଧତା ଏହି ଜୀବନରେ ନାହିଁ । ମାତ୍ର ଏଠାରେ ଥିବା ପ୍ରତ୍ୟେକ ପୁରୁଷ ଏବଂ ସ୍ତ୍ରୀଲୋକ ଯିଏକି ଖ୍ରୀଷ୍ଟିଆନ ଅଟନ୍ତି, ପ୍ରତ୍ୟେକ ବ୍ୟକ୍ତି ଯିଏକି ଏଠାରେ ବର୍ତ୍ତମାନ ଖ୍ରୀଷ୍ଟିଆନ ଅଟନ୍ତି ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ଆଗରୁ ଗୌରବାନ୍ୱିତ ହୋଇ ସାରିଛନ୍ତି । ଏବଂ ଆପଣଙ୍କର ଅନ୍ୟ ଏକ ଶରୀର ଅଛି । ଆପଣ ଅନ୍ୟ କୌଣସି ସମୟରେ ପାଇବେ ନାହିଁ, ଆପଣ ଠିକ ବର୍ତ୍ତମାନ ହିଁ ପାଇଛନ୍ତି । ଠିକ ବର୍ତ୍ତମାନ ଯଦି ଏହି ଗୋଟିକ ନଷ୍ଟ ହୋଇଯାଏ ତେବେ ଅନ୍ୟ ଏକ ଶରୀର ଆପଣଙ୍କର ଅପେକ୍ଷାରେ ରହିଛି । କଅଣ ଆପଣ ସେ ବିଷୟରେ ଚିନ୍ତା କରିପାରିବେ କି? କେବଳ ଗୋଟିଏ ମିନିଟ୍ ଅଧ୍ୟୟନ କରନ୍ତୁ ।

192 କଅଣ ଆପଣ ଜାଣନ୍ତି କି ଆସନ୍ତାକାଲି ସକାଳେ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଆମେ ସମସ୍ତେ ଅନନ୍ତକାଳରେ ରହିପାରିବା? ବର୍ତ୍ତମାନ, ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି,

ମୋର ବନ୍ଧୁ, ଆପଣଙ୍କ ପାଇଁ କେବଳ ଗୋଟିଏ ବିଷୟ ବାକି ଅଛି । ଆପଣଙ୍କୁ ସେହି ପଥରେ ଯିବାକୁ ଥାଏ । ଯଦି ଆପଣ ସେହି ମାର୍ଗରେ ଅଛନ୍ତି, ଆପଣଙ୍କୁ ସେହି ପଥରେ ଯିବାକୁ ଥାଏ । ଯଦି ଆପଣ ଏକ ମକାର ଶସ୍ୟ ଅଟନ୍ତି, ଆପଣ ମକା ଉତ୍ପାଦନ କରିବେ । ଯଦି ଆପଣ ଏକ ବାଳୁଙ୍ଗା, ତେବେ ଆପଣ ବାଳୁଙ୍ଗା ଜୀବନ ଉତ୍ପାଦନ କରିବେ । ବର୍ତ୍ତମାନ, ଯଦି ଆପଣ କୌଣସି ସ୍ଥାନରେ ଏପରି ଏକ ମଣ୍ଡଳୀରେ ସମ୍ପୃକ୍ତ ଅଟନ୍ତି ଯାହାକି ଏହା ଜାଣନ୍ତି ନାହିଁ ଏବଂ ଶିକ୍ଷା ଦିଅନ୍ତି ନାହିଁ, ଏବଂ ଆପଣଙ୍କୁ କେବଳ ମଣ୍ଡଳୀକୁ ଆସିବାକୁ ଦିଅନ୍ତି ଓ ମଣ୍ଡଳୀର ଜଣେ ସଦସ୍ୟ ହେବାକୁ ଦିଅନ୍ତି...ଆପଣ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ମୋର ମଣ୍ଡଳୀ ଶିକ୍ଷା ଦିଏ ଯେ ଆମେ ଯୀଶୁ ଖ୍ରୀଷ୍ଟଙ୍କୁ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ଉଚିତ୍ । ଯଦି ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରୁ ତେବେ ଆମେ ଉଦ୍ଧାର ପାଇଅଛୁ ।" ଯଦି ଆପଣଙ୍କର ଜୀବନ ତାହା ସହିତ ତୁଳନା କରେ ନାହିଁ, ତାହାହେଲେ ଆପଣ ଏଯାଏଁ ତାହା ପାଇନାହାଁନ୍ତି ।

193 କଅଣ ଆପଣ ଜାଣନ୍ତି କି ଶୟତାନ ବିଶ୍ୱାସ କରେ ଯେ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି? କଅଣ ଆପଣ ଜାଣିଛନ୍ତି ଯେ ଯୀଶୁ ସର୍ବସାଧାରଣରେ, କିମ୍ବା, ଆପଣ ଜାଣିଛନ୍ତି ଯେ ଶୟତାନ ସର୍ବସାଧାରଣରେ ଯୀଶୁଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିଥିଲା? ଆଉ ସେ ଉଦ୍ଧାର ପାଇ ନ ଥିଲା । ଏବଂ ସେ ଉଦ୍ଧାର କରା ଯାଇପାରେ ନାହିଁ; ସେ ତ ଶୟତାନ ଅଟେ । ତେଣୁ ଯୀଶୁଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିବା...

194 କଅଣ ଆପଣ ଜାଣିଛନ୍ତି ଯେ ସେହି ସମସ୍ତ ଫାରୂଶୀ ଓ ସାଦ୍ଦୂକୀମାନେ, ସମସ୍ତେ ଅତି ପବିତ୍ର ଓ ଧାର୍ମିକ ଲୋକ ଥିଲେ; କିପରି ସେମାନେ ଆପଣା ସମସ୍ତ ହୃଦୟରୁ ପରମେଶ୍ୱରଙ୍କୁ ପ୍ରେମ କରୁଥିଲେ, ସେମାନେ ଭାବୁଥିଲେ; ଏବଂ ସେହି ନିର୍ଦୋଷ ଜଣକାକୁ, ପରମେଶ୍ୱରଙ୍କର ପୁତ୍ରଙ୍କୁ ଦେଖିବାରେ ବିଫଳ ହୋଇଥିଲେ, ତାହାଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ଚିହ୍ନିବାରେ ବିଫଳ ହୋଇଥିଲେ । ଆଉ ତଥାପି, ସେମାନେ ବହୁତ ଧାର୍ମିକ ଥିଲେ (କଅଣ ତାହା ଠିକ୍ ଅଟେ?), ଅତି ପବିତ୍ର, ଅତି ବିଦ୍ୱାନ ଥିଲେ, ଆଜିର ଆମର କୌଣସି ବି ବିଦ୍ୱାନମାନଙ୍କ ଅପେକ୍ଷା ବାଇବଲକୁ ଅଧିକ ଭଲ ଜାଣିଥିଲେ । ସେମାନଙ୍କୁ କେବଳ ସେମାନଙ୍କର ପୀଢ଼ୀ ଦେଇ ସେଠାରେ ବସି ରହି ପ୍ରଭୁଙ୍କ ସେବା କରିବା ବ୍ୟତୀତ ଆଉ ଅନ୍ୟ କିଛି କରିବାକୁ ନ ଥିଲା ।

195 ବର୍ତ୍ତମାନ, ଦେଖନ୍ତୁ ଯେ ଶାସ୍ତ୍ର କଅଣ କୁହେ: "ଶେଷ ଦିନରେ..." ମୋର ଖ୍ରୀଷ୍ଟିଆନ ବନ୍ଧୁଗଣ, ତାହା ଆପଣମାନଙ୍କ ପ୍ରତି ଅଟେ, ଏବଂ ଈଶ୍ୱରୀୟ ପ୍ରେମ ସହିତରେ, ବାଇବଲ କୁହେ, "ଶେଷ ଦିନରେ ମନୁଷ୍ୟମାନେ...ଏପରି ଏକ ସମୟ ଆସିବ ଯେଉଁଠାରେ ମନୁଷ୍ୟ ଦୁଃସାହସିକ, ଦାମ୍ଭିକ, ପରମେଶ୍ୱରପ୍ରିୟ ନ ହୋଇ ବିଳାସପ୍ରିୟ ହେବ ।" ତେବେ, କଅଣ ତାହା ସତ ନୁହେଁ କି?

196 ଏହି ଭବନରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅନ୍ୟ ରାତିରେ ଏକ ନୂଆ ବର୍ଷର ପ୍ରିତିଭୋଜକୁ ଯାଇଥିଲେ, ଏବଂ ଭୂତଳ ମହଲାରେ ସେମାନେ ମୃଦୁ ପାନୀୟ ନେଉଥିଲେ ଏବଂ

ମନୋରଞ୍ଜନ କରୁଥିଲେ ଏବଂ ପ୍ରଭୃତି କରୁଥିଲେ, ଆଇସ୍କ୍ରିମ୍ ଭୋଜ, ଓ ଇତ୍ୟାଦି କରୁଥିଲେ । ମଣ୍ଡଳୀଗୁଡିକ ତ ଏପରିକି ନାଚସଭା ମଧ୍ୟ କରନ୍ତି । ଠିକ୍ ଯାହାକି ପରମେଶ୍ୱର ସେମାନଙ୍କୁ ନ କରିବା ପାଇଁ କହିଥିଲେ, ସେମାନେ ଖ୍ରୀଷ୍ଟଙ୍କ ନାମରେ ତାହା କରନ୍ତି । ଏବଂ ଏଠାରେ ତାହା ଅଛି ଯାହାକି ଯୀଶୁ ମଣ୍ଡଳୀକୁ କରିବା ପାଇଁ କହିଥିଲେ, ଏବଂ ସେମାନେ ତାହା ଅସ୍ୱୀକାର କରନ୍ତି । ଯୀଶୁ, ଏଠାରେ ତାହାଙ୍କର ଶେଷ ଶବ୍ଦଗୁଡିକ ଅଛି, ମଣ୍ଡଳୀ ନିମନ୍ତେ ତାହାଙ୍କର ଇଚ୍ଛା ଏବଂ ନିୟମ ଅଛି: "ତୁମେମାନେ ସମସ୍ତ ଜଗତକୁ ଯାଅ; ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର । ଯେଉଁ ଲୋକ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ଉଦ୍ଧାର ପାଇବ; ଯେଉଁ ଲୋକ ବିଶ୍ୱାସ କରେ ନାହିଁ, ସେ ଦୋଷୀ ହେବ । (ବୋଧହୁଏ ତାହା ସେତିକି ଅଟେ ଯେତିକି ଆପଣଙ୍କର ପାଳକ ପାଠ କରନ୍ତି । ମାତ୍ର ଏଠାରେ ତାହାର ଅବଶିଷ୍ଟାଂଶ ଅଛି ।) ଏହି ଚିହ୍ନଗୁଡ଼ିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁବର୍ତ୍ତୀ ହେବ; ମୋ ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ; ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବେ; ଯଦି ସେମାନେ ସର୍ପ ଧରିବେ କିମ୍ୱା ବିଷାକ୍ତ ବିଷୟ ପାନ କରିବେ, ତାହା ସେମାନଙ୍କୁ କୌଣସି କ୍ଷତି କରିବ ନାହିଁ; ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତ ରଖିବେ, ସେମାନେ ସୁସ୍ଥ ହେବେ ।"

197 ତେବେ, ଏହାହିଁ ତାହା ଅଟେ ଯାହାକି ଯୀଶୁ ସେମାନଙ୍କୁ ତାହାଙ୍କ ନାମରେ କରିବା ପାଇଁ କହିଥିଲେ । ସେମାନେ ଅସ୍ୱୀକାର କରନ୍ତି ଯେ ତାହା ଅବସ୍ଥାନ କରେ, ମାତ୍ର ସେମାନେ ଯାଆନ୍ତି ଓ ସେ ଯାହା କହିଛନ୍ତି ତାହାର ବିପରୀତ କରନ୍ତି, ଏହା ଶିକ୍ଷା ଦିଅନ୍ତି ଯେ ତାହା ଗଡି ଯାଇଛି, ଏଥିରେ କିଛି ନାହିଁ, ଏବଂ ତାହା ପରିବର୍ତ୍ତେ ଧର୍ମଶାସ୍ତ୍ର ଶିକ୍ଷା ଦିଅନ୍ତି । ଓଃ, କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆମେ ସେହି ସ୍ଥିତିରେ ଅଛୁ ଯେଉଁଥିରେକି ଆମେମାନେ ଅଟୁ ।

198 ଏଠାରେ ଦେଖନ୍ତୁ, ମୋର ଭାଇ, ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ । ଯେତେବେଳେ ମଣ୍ଡଳୀ ଏପରି ଏକ ସ୍ଥାନକୁ ପହଞ୍ଚିଯାଏ ଯେଉଁଠାରେକି ଏପରି ଅଟେ, ଯେ ସେଠାରେ ଥିବା ପ୍ରତ୍ୟେକ ସଦସ୍ୟ ପବିତ୍ରଆତ୍ମା ଏବଂ ଶକ୍ତି ସହିତ ଏତେ ଉତ୍ତେଜିତ ହୋଇଥାନ୍ତି, ଏପରିକି ସେହି ଚିହ୍ନଗୁଡିକ ଅନୁବର୍ତ୍ତୀ ହୋଇଥାଏ ।

199 ମୁଁ ସାଧୁ ପାଉଲଙ୍କ ବିଷୟରେ ଭାବୁଥିଲି ଯିଏକି ସେଠାରେ ଜାହାଜ ଭାଙ୍ଗିଯିବା ପରେ ସେହି ଦ୍ୱୀପରେ ରହିଥିଲେ । ପରମେଶ୍ୱର ତାଙ୍କୁ ଏକ ଦର୍ଶନ ଦେଇଥିଲେ । ଯେତେବେଳେ ଚଉଦ ଦିନ ଓ ରାତ୍ରି…ସେମାନେ କେବେ ରକ୍ଷା ପାଇବେ ବୋଲି ସମସ୍ତ ଆଶା ଧୂଳିସାତ ହୋଇଯାଇଥିଲା । ସେହି ଛୋଟ, ପୁରୁଣା ଡଙ୍ଗା ସେହିପରି ଭାବରେ ଦୋହଲୁ ଥିଲା, ଏବଂ ସେମାନେ ସମସ୍ତେ, ଚଉଦ ଦିନ ରାତ୍ରି କ୍ରନ୍ଦନ କରୁଥିଲେ । ପାଉଲ ସେଠାରେ ଥିଲେ, ଏକ ଦର୍ଶନ ପାଇଲେ । ସେ ବାହାରି ଆସିଲେ; ଏବଂ ସେ କହିଲେ, "ସାହସ ଧର, କାରଣ ସେହି ପରମେଶ୍ୱର ଯାହାଙ୍କର ମୁଁ ସେବକ ଅଟେ, ତାହାଙ୍କର ସ୍ୱର୍ଗଦୂତ, ମୋ ପାର୍ଶ୍ୱରେ ଠିଆ ହୋଇ ମୋତେ କହିଲେ, 'ଭୟ କର ନାହିଁ, କାରଣ ତୁମ୍ଭେ କାଇସରଙ୍କ ସମ୍ମୁଖରେ ଉପସ୍ଥିତ ହେବ । ଏବଂ ଦେଖ, ପରମେଶ୍ୱର ତୁମ୍ଭକୁ ସେସମସ୍ତଙ୍କୁ ଦେଇଅଛନ୍ତି ଯେଉଁମାନେକି ତୁମ ସହିତ ଯାତ୍ରା କରୁଅଛନ୍ତି ।'"

200 ଯେତେବେଳେ ସେହି ଜାହାଜଟି ଭାଙ୍ଗିଲା ଓ ସମୁଦ୍ର କୂଳକୁ ଗଲା, ଏବଂ ସେମାନେ ସେଠାକାର ଅଧିବାସୀମାନଙ୍କ ସହିତ ସେଠାରେ ମିଶିଲେ, ପାଉଲ କିଛି ଶୁଖିଲା ବାଡ଼ି ଗୋଟାଉଥିଲେ, ଏବଂ ସେ ଗଲେ ଓ ତାହାକୁ ନିଆଁରେ ଦେଲେ । ଏବଂ ସେଠାରେ ଏକ ବଡ ସର୍ପ ଥିଲା, ଯାହାକି ତାଙ୍କ ହାତରେ କାମୁଡିଲା । ତେବେ, ସେହି ସର୍ପ ତାଙ୍କ ହାତରେ ସେହି ବିଷ ଦଂଶନ କଲା ଯାହାକି ତାଙ୍କୁ ଗୋଟିଏ ମିନିଟ୍ ଭିତରେ ମାରି ଦେଇଥାନ୍ତା । ସେହି ମୂଳ ଅଧିବାସୀମାନେ କହିଲେ, "ସେହି ବ୍ୟକ୍ତିକୁ ମରୁଥିବାର ଦେଖ, କାରଣ ସେ ମାତ୍ର ଗୋଟିଏ ମିନିଟରେ ମରିଯିବ ।"

201 ସେ ସୁସମାଚାର ପ୍ରଚାର କରିବା ପାଇଁ ଶିକୁଳିରେ ଅଛନ୍ତି । ଧାର୍ମିକ ଲୋକମାନେ ତାଙ୍କୁ ଶିକୁଳିରେ ବାନ୍ଧି ଥିଲେ । ସେହି ଦିନର ସବୁଠୁ ସର୍ବୋତ୍ତମ ମଣ୍ଡଳୀ ହିଁ ଥିଲା ଯିଏକି ତାହାଙ୍କୁ ଶିକୁଳିରେ ବାନ୍ଧିଥିଲା । ଯଦି ତାହା ଠିକ ଆମେରିକାର ସମ୍ବିଧାନ ହୋଇ ନ ଥାନ୍ତା, ତେବେ ସେମାନେ ଆଜି ସେହି ସମାନ କାର୍ଯ୍ୟ କରୁଥାଆନ୍ତେ । ତାହା ଠିକ୍! କେବଳ ଅପେକ୍ଷା କରନ୍ତୁ ଯେପର୍ଯ୍ୟନ୍ତକି ସେ—ଯେପର୍ଯ୍ୟନ୍ତକି ସେ ଆଉ ଟିକିଏ ଅଧିକ ଭାଙ୍ଗି ନ ଯାଏ ।

202 ଏବଂ ଏକ ସର୍ପ ତାଙ୍କୁ ହାତରେ କାମୁଡି ଧରିଲା । ତେବେ ଦେଖନ୍ତୁ । ପାଉଲ ଭୟ କଲେ ନାହିଁ । ସେ କହିଲେ, "ଯୀଶୁ ଖ୍ରୀଷ୍ଟ କହିଛନ୍ତି, 'ଯଦି ସେମାନେ ସର୍ପକୁ ଧରିବେ, ତାହା ସେମାନଙ୍କର କୌଣସି କ୍ଷତି କରିବ ନାହିଁ ।'" ତେଣୁ ସେ ଏଠାକୁ ଚାଲି କରି ଗଲେ, ତାକୁ ଝାଡି ନିଆଁରେ ପକାଇ ଦେଲେ; ବୁଲି ପଡିଲେ ଓ ଆଉ କିଛି ବାଡି ସଂଗ୍ରହ କରି ନିଆଁରେ ପକାଇବା ପାଇଁ ଗଲେ; ଆପଣାକୁ ଘୁରାଇ ନିଜର ପିଠି ଗରମ କଲେ, ଏବଂ ଏହି ପଟକୁ ବୁଲି ପଡି ନିଜ ହାତକୁ ଗରମ କଲେ । ସେହି ମୂଳ ନିବାସୀମାନେ କହିଲେ, "ସେ କାହିଁକି ମଲା ନାହିଁ? ସେ ଲୋକଟି କାହିଁକି ମରିଲା ନାହିଁ? ସେ ତ ଠିକ ସେହିଠାରେ ମରିଯିବା ଉଚିତ୍ ।" ମାତ୍ର ପାଉଲ ପବିତ୍ରଆତ୍ମାରେ ଏତେ ପରିପୂର୍ଣ୍ଣ ଥିଲେ (ଦେଖନ୍ତୁ ମୋର କହିବାର ଅର୍ଥ କଅଣ?), ପବିତ୍ରଆତ୍ମାରେ ଏତେ ପରିପୂର୍ଣ୍ଣ ଥିଲେ ଯେ ଏପରିକି ସେହି ବିଷ ତାଙ୍କୁ ବିଷମୟ କରିପାରିଲା ନାହିଁ ।

203 ଓଃ, ଭାଇ, ମୋତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଏକ ମଣ୍ଡଳୀ ଦିଅନ୍ତୁ । ପରମେଶ୍ୱର ତାହା ଗୋଟିଏ ବର୍ଷରେ କରିବେ ଯାହାକି ସମସ୍ତ ଧର୍ମଶାସ୍ତ୍ରଜ୍ଞମାନେ ଦୁଇ ହଜାର ବର୍ଷ ମଧ୍ୟରେ କରିବାରେ ବିଫଳ ହୋଇଥିଲେ । ଆପଣ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଯେପର୍ଯ୍ୟନ୍ତକି ମଣ୍ଡଳୀର ଅଭିଷେକ ସେହି ବିଶ୍ୱସ୍ତ ଛୋଟ ଅବଶିଷ୍ଟାଂଶକୁ ଘରକୁ ଆସିବା ନିମନ୍ତେ ପ୍ରକୃତରେ ଆଘାତ ନ କରି ଦିଏ । ବିଜାତୀମାନଙ୍କର ଦ୍ୱାରଗୁଡିକ ବନ୍ଦ ହେବା ପରେ, ଓଃ, ପରମେଶ୍ୱର ସେତେବେଳେ ଏକ ମଣ୍ଡଳୀକୁ ଅଭିଷେକ କରିବେ । "ଯିଏ ଅଶୁଚି, ସେ ଅଶୁଚି ହୋଇ ରହିଥାଉ । ଯିଏ ଧାର୍ମିକ ସେ ଧାର୍ମିକ ହୋଇ ରହିଥାଉ, ଏବଂ ଯିଏ ପବିତ୍ର ସେ ପବିତ୍ର ହୋଇ ରହିଥାଉ ।" ଏବଂ ପରମେଶ୍ୱର ମଣ୍ଡଳୀକୁ ପରମେଶ୍ୱରଙ୍କ ଶକ୍ତିରେ ଅଭିଷେକ କରିବେ, ଏବଂ ବିଷୟଗୁଡିକ ଘଟିବାକୁ ଆରମ୍ଭ ହେବ । କେବଳ ସେହି ସମୟରେ ହେବ ତାହା ନୁହେଁ, ମାତ୍ର ସେ ବର୍ତ୍ତମାନ ମଧ୍ୟ ତାହା କରୁଛନ୍ତି ।

204 ଚିହ୍ନମାନ ଏବଂ ଚମତ୍କାରଗୁଡିକୁ ଦେଖନ୍ତୁ; ତାହାପରେ ଲୋକମାନେ ଚତୁର୍ଦ୍ଦିଗକୁ ଚାହିଁ କୁହନ୍ତି, "ତେବେ, ତାହା ତ ଶୟତାନର ଅଟେ।" ଓଃ, କାରଣ ସେମାନେ ଶାସ୍ତ୍ର ଜାଣନ୍ତି ନାହିଁ, କି ପରମେଶ୍ୱରଙ୍କ ଶକ୍ତିକୁ ଜାଣନ୍ତି ନାହିଁ। ଏବଂ ସେହି କାରଣରୁ ସେମାନେ ତାହା କୁହନ୍ତି।

205 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଆପଣମାନଙ୍କୁ ଏତେ ବିଳମ୍ବରେ ରଖିବା ପାଇଁ ମୁଁ ଦୁଃଖିତ ଅଟେ। ମୁଁ କ୍ୱଚିତ୍ ହିଁ ଏହା କରେ, ମାତ୍ର ମୁଁ ଆପଣମାନଙ୍କ ସହିତ ଅଧିକ ସମୟ ପାଏ ନାହିଁ। ତେଣୁ ହୁଏତ ମୁଁ ଆପଣମାନଙ୍କର ଚିନ୍ତାଧାରା ଏବଂ ବିଷୟ ଅନୁଯାୟୀ ଏହି ପ୍ରଶ୍ନର ଉତ୍ତର ଦେଇ ନାହିଁ। ତାହା ଆଜି ସକାଳେ ଦୁଇଟି ଉତ୍ତର ଦିଆଗଲା। ଯଦି ମୁଁ କରି ନାହିଁ, ତେବେ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏବଂ ମୋର—ମୋର ଅର୍ଥ ଆପଣମାନଙ୍କୁ ବିରକ୍ତ କରିବା—କରିବା କିମ୍ବା ଅନ୍ୟ କିଛି କରିବାର ନ ଥିଲା। ମୋତେ ତ କେବଳ ତାହା କହିବାକୁ ଥିଲା ଯାହାକି…ଆପଣ ମୋତେ ପ୍ରଶ୍ନ ପଚାରିଲେ। ମୁଁ ଉତ୍ତର ଦେବା ପାଇଁ ମୋର ସର୍ବୋତ୍ତମ ଜ୍ଞାନରେ ଚେଷ୍ଟା କଲି। ତାହା ଠିକ୍ ଅଟେ।

206 ବର୍ତ୍ତମାନ, ହୋଇପାରେ ଯେ ମୁଁ ବିଷୟଗୁଡ଼ିକ ସମ୍ବନ୍ଧରେ ଅଧିକ କିଛି ଜାଣେ ନାହିଁ। ମୁଁ ଏପରି କିଛି ଜାଣେ ନାହିଁ ଯାହାକି ମୋତେ ଜାଣିବାର ଉଚିତ୍ ଥିଲା। କିନ୍ତୁ ଗୋଟିଏ ବିଷୟ ଯାହା ମୁଁ ଜାଣେ, ଯୀଶୁ ଖ୍ରୀଷ୍ଟ ଆମକୁ ପାପରୁ ରକ୍ଷା କରନ୍ତି, ପାପ କରିବାରୁ ରକ୍ଷା କରନ୍ତି, ଏବଂ ଆମକୁ ତାହାଙ୍କର ଶକ୍ତି ଏବଂ ଆଶୀର୍ବାଦଗୁଡିକୁ ପ୍ରଦାନ କରନ୍ତି।

207 ଏବଂ ଯଦି ଆପଣ କେବଳ ଆଖପାଖରେ ଧ୍ୟାନ ଦେବେ ଓ ଲକ୍ଷ୍ୟ କରିବେ ଯେ ପ୍ରାର୍ଥନା କରା ଯାଉଥିବା ଲୋକମାନଙ୍କ ମଧ୍ୟରେ କଅଣ ଘଟୁଅଛି…ରାଷ୍ଟ୍ର ସବୁଆଡେ ଦେଖନ୍ତୁ ଏବଂ ସବୁ ସ୍ଥାନରେ ଚିହ୍ନ ଏବଂ ଚମତ୍କାରମାନଙ୍କୁ ଦେଖନ୍ତୁ। ଏବଂ ଆସୁଥିବା ସମୟକୁ ଦେଖନ୍ତୁ। ସେହି ଦୁଇ ଶାଖାଗୁଡିକ ପରି ଯାହା ବିଷୟରେ ଆମେ ଏଠାରେ କିଛି ସମୟ ପୂର୍ବରୁ ପ୍ରଚାର କରିଥିଲୁ, ଯେଉଁମାନେକି ଆଦିପୁସ୍ତକରୁ ଆସିଥିଲେ, କିପରି ସେମାନେ ତାଙ୍କର ସାକ୍ଷ୍ୟକୁ ସର୍ବତ୍ର ବହନ କରୁଛନ୍ତି। କିପରି ସେହି ଅବିଶ୍ୱାସୀ, ଯିଏକି ନିଜ ଧର୍ମରେ ମୌଳିକବାଦୀ ଓ ଶିଷ୍ଟାଚାରି ଥାଏ, ମାତ୍ର ଭକ୍ତିର ଏକ ଭେଖ ଧାରଣ କରିଥାଏ, କିନ୍ତୁ ଏହାର ଶକ୍ତିକୁ ଅସ୍ୱୀକାର କରେ…ଏବଂ ସେହି ମଣ୍ଡଳୀ ଆଗକୁ ବଢି ଚାଲିଥାଏ।

208 ପ୍ରଭୁ ଯୀଶୁ ଆପଣଙ୍କୁ, ପ୍ରତ୍ୟେକ ଜଣଙ୍କୁ ଆଶୀର୍ବାଦ କରନ୍ତୁ, ଏହା ହେଉଛି ମୋର ପ୍ରାର୍ଥନା। ଏବଂ ଆପଣ ଏପରି ଭାବରେ ଜୀବନ ଯାପନ କରନ୍ତୁ ଯେ ଆପଣ ଏତେ ଭାରଗ୍ରସ୍ତ ହୋଇଯିବେ, ପରମେଶ୍ୱର ତାହା ଆପଣ ଲୋକମାନଙ୍କୁ ଉପରେ ଦିଅନ୍ତୁ, ହଜିଯାଇଥିବା ପ୍ରାଣଗୁଡିକ ପାଇଁ ଏତେ ଭାରଗ୍ରସ୍ତ କରନ୍ତୁ ଯେ ଏପରିକି ଆପଣ ଦିନ କିମ୍ବା ରାତି ଶୋଇପାରନ୍ତି ନାହିଁ। ପରମେଶ୍ୱର ଏହି ବ୍ରାନହାମ୍ ଟେବର୍ନେକଲ୍‌କୁ ସେତିକି ଭାରଗ୍ରସ୍ତ ହେବାର ସୌଭାଗ୍ୟ ଦିଅନ୍ତୁ। ମୋର ସେଥିରେ କିଛି ଫରକ୍ ପଡେ ନାହିଁ ଯଦି ଆପଣ କେବେ ଚିତ୍କାର କରି ନାହାଁନ୍ତି, ଯଦି ଆପଣ କେବେ ଅନ୍ୟ କିଛି କରି ନାହାଁନ୍ତି, ଯଦି ଆପଣ ହଜିଯାଇଥିବା ପ୍ରାଣଗୁଡିକ ପାଇଁ ଏତେ ଭାରଗ୍ରସ୍ତ ହୋଇଥାଆନ୍ତି ଯେ ଏପରିକି ଆପଣ ଶୋଇପାରନ୍ତି ନାହିଁ। ଯେତେବେଳେ

ଆପଣ ତାହା କରନ୍ତି, ସେତେବେଳେ ଜଗତ ପ୍ରାର୍ଥନା କରିବା ନିମନ୍ତେ ଏଠାକୁ ଚୁପ୍ କରି ଆସିଯିବେ। ତାହା ଠିକ୍। ଜଗତ ପ୍ରାର୍ଥନା କରିବା ନିମନ୍ତେ ଏଠାକୁ ଆସିଯିବେ। ଆପଣଙ୍କୁ ସବୁ ସ୍ଥାନରେ ଲୋକମାନେ ଜାଣିବେ। ପରମେଶ୍ୱର ଆମକୁ ତାହାଙ୍କର ଆତ୍ମାରୁ ପ୍ରଦାନ କରନ୍ତୁ: ଆମକୁ ନମ୍ର କରନ୍ତୁ; ଆମକୁ ଭାଙ୍ଗି ଦିଅନ୍ତୁ; ଏବଂ ରୋଗୀମାନଙ୍କୁ ସୁସ୍ଥ କରିବା ନିମନ୍ତେ, ଭୂତମାନଙ୍କୁ ଛଡାଇବା ନିମନ୍ତେ, ମହାନ ଚିହ୍ନ ଓ ଚମତ୍କାରଗୁଡିକୁ ସାଧନ କରିବା ନିମନ୍ତେ ଆମକୁ ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ଶକ୍ତିଯୁକ୍ତ କରନ୍ତୁ; ଯେତେବେଳେକି ଆପଣ ରୋଗୀମାନଙ୍କ ଉପରେ ନିଜର ହାତକୁ ରଖି ସେହି ଆଶୀର୍ବାଦକୁ ମାଗନ୍ତି, ହୃଦୟରେ ଗୋଟିଏ ସୁଦ୍ଧା କୁଣ୍ଠାବୋଧ ନ ରଖି, ସେତେବେଳେ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ତାହା କରିବାକୁ ଯାଉଅଛନ୍ତି। ସେହି ରୋଗୀକୁ ଦେଖନ୍ତୁ, ସେ ଭଲ ହେବାକୁ ଆରମ୍ଭ କରିବ। କାହିଁକି? ସେହି ଦୁଷ୍ଟ ବିଷୟ ଏଥିରୁ ଚାଲି ଯାଇଥାଏ। ଠିକ ସେହି ଗଛ ପରି ଯାହାକି ସେଠାରେ ଛିଡା ହୋଇଥିଲା, ଯୀଶୁ ଦେଖିଲେ, ଏବଂ ସେଥିରେ କୌଣସି ଫଳ ନ ଥିଲା। ସେ କହିଲେ, "ତୁମେ ଅଭିଶପ୍ତ ହୁଅ।"

ଚ-ବିଶ ଘଣ୍ଟା ପରେ ସେମାନେ ସେଠାରୁ ଅତିକ୍ରମ କରୁଥିଲେ। ପିତର କହିଲେ, "ହେଇ ଦେଖ, ପତ୍ରଗୁଡ଼ିକ ଶୁଖିବାକୁ ଆରମ୍ଭ କଲାଣି।" କିଛି ଗୋଟାଏ ଘଟିଥିଲା। ପରମେଶ୍ୱରଙ୍କ ବାକ୍ୟ କୁହାଯାଇଥିଲା।

209 ଯୀଶୁ କହିଲେ, "ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖ। କାରଣ ଯଦି ତୁମେ ଏହି ପର୍ବତକୁ କୁହ ଘୁଞ୍ଚି ଯା, ଏବଂ ସେଥିରେ ସନ୍ଦେହ ନ କର, ତେବେ ଏହା ତୁମର ଆଜ୍ଞା ମାନିବ।" ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖ।

ବର୍ତ୍ତମାନ, ଏହା ପ୍ରଭୁଭୋଜର ସମୟ ଅଟେ। ଯେତେବେଳେକି ଆମେମାନେ ନିଜର ମସ୍ତକ ନତ କରିଅଛୁ ମୁଁ କାହାରି ଜଣକାକୁ ପିଆନୋ ପାଖକୁ ଆସିବା ପାଇଁ ଅନୁରୋଧ କରୁଅଛି।

210 ପ୍ରଭୁ, ଏହା ହେଉଛି ସେହି ଘଟିକା, ସେହି ସମୟ ଯେତେବେଳେକି ହୁଏତ ପୁରୁଷ ଏବଂ ସ୍ତ୍ରୀମାନେ, ପ୍ରଭୁ, ସମଗ୍ର ବିଶ୍ୱରେ ଦେଖିବେ ଯେ ବିଚାରର ସେହି ମହାନ ସମୟ ପାଖେଇ ଆସୁଅଛି ଯେତେବେଳେକି ପରମେଶ୍ୱର ସମସ୍ତ ରାଷ୍ଟ୍ରଗୁଡିକୁ ସେମାନଙ୍କର ରାଜନୈତିକ ପକ୍ଷ ଅନୁସାରେ ବିଚାର କରିବେ। ସର୍ବତ୍ର, ପ୍ରତ୍ୟେକ ସ୍ଥାନରେ, ଏବଂ ସମସ୍ତଙ୍କୁ ନିଶ୍ଚିତ ଭାବରେ ପରମେଶ୍ୱରଙ୍କ ବିଚାରକୁ ସମ୍ମୁଖିନ ହେବାକୁ ପଡିବ। ଏବଂ ପିତା, ଆମେ ଏହା ଜାଣିବା ହେତୁ ବହୁତ ଖୁସି ଯେ ଏହି ଲୋକମାନଙ୍କ ପାଇଁ ପଳାୟନର ମାର୍ଗ ଅଛି... ଯେଉଁମାନେକି ରକ୍ଷା ପାଇବାକୁ ଇଚ୍ଛା କରନ୍ତି। ଏବଂ ସେହି ମାର୍ଗ ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମ ଦେଇ, ଯିଏକି ଦାଉଦଙ୍କର ସେହି—ସେହି ବଂଶ ଅଟନ୍ତି। ଏବଂ ପ୍ରିୟ ପିତା, ଆମେ ତୁମକୁ, ତାହାଙ୍କୁ ସର୍ବଦା ପୃଥିବୀକୁ ପଠାଇଥିବାରୁ ଧନ୍ୟବାଦ ଦେଉଅଛୁ, ଯେ ସେ ସେହି ମାଧ୍ୟମ ଥିଲେ ଯାହାଙ୍କ ନିକଟକୁ ଆମେ ଯାଇପାରିବା; ତୁମେ ଆମ ପାଇଁ ମଧ୍ୟସ୍ଥି କରିବ,

ଏବଂ ଆମର ପାପଗୁଡ଼ିକୁ ଦୂର କରିବ, ଯେପରିକି ଆମେ ପରମେଶ୍ୱରଙ୍କ କ୍ରୋଧ ଏବଂ ଦୋଷରୁ ରକ୍ଷା ପାଇବୁ। ଆମେ ଜାଣୁ ଯେ ସେହି କ୍ରୋଧ ଆସିବାକୁ ଅଛି। ଏବଂ ତାହା, ଯେପରିକି ପଶ୍ଚାତ ଦିନଗୁଡ଼ିକରେ ଯୋହନ କହିଥିଲେ, "ଆସୁଥିବା କ୍ରୋଧରୁ ପଳାୟନ କର।"

211 ବର୍ତ୍ତମାନ, ପ୍ରଭୁ, ଆମେମାନେ ପ୍ରାର୍ଥନା କରୁଅଛୁ ଯେ ଆଜି ରାତି ଯେତେବେଳେ ଆମେ ପ୍ରଭୁଭୋଜ ନେଉ ତୁମେ ଆମକୁ ତୁମର ପରିଷ୍କାରଯୁକ୍ତ ରକ୍ତ ଦ୍ୱାରା, ପବିତ୍ରୀକୃତ କରିବ, ହେ ପ୍ରଭୁ; ଏବଂ ଏହା ହେଉ ଯେ ଏହି ଲୋକମାନଙ୍କର ସମସ୍ତ ପାପ କ୍ଷମା କରାଯାଉ। ମୁଁ ନମ୍ରତାର ସହ ଏବଂ ନିଷ୍ଠାପର ଭାବରେ ପ୍ରାର୍ଥନା କରେ, ହେ ପରମେଶ୍ୱର, ଯେ ତୁମେ ଆମ ମଧ୍ୟରୁ କାହାରି ଜଣକାକୁ ହେଲେ ଏହାକୁ ଅଯୋଗ୍ୟ ଭାବରେ ନେବାକୁ ଦେବ ନାହିଁ। କାରଣ ତୁମେ ନିଜ ବାକ୍ୟରେ ଏହା କହିଅଛ, ଯଦି ଆମେ ଏହା କରିବୁ, ତେବେ ଆମେମାନେ ପ୍ରଭୁଙ୍କ ଶରୀର ଓ ରକ୍ତର ଦୋଷୀ ହେବୁ। ବର୍ତ୍ତମାନ, ହେ ପିତା, ଏହି ଲୋକମାନଙ୍କୁ ପବିତ୍ର ଏବଂ ସମର୍ପିତ କର, ଯେପରିକି ଆମେ ଏହାକୁ ବିନା କୌଣସି ଦୋଷରେ ଗ୍ରହଣ କରିପାରୁ।

212 ଏବଂ ବର୍ତ୍ତମାନ, ହେ ପିତା, ଆମେ ହୃଦୟଙ୍ଗମ କରୁ ଯେ ପ୍ରଭୁଭୋଜ ପ୍ରଥମେ ମିସରରେ ଦିଆ ଯାଇଥିଲା। ଏବଂ ସେହି ଲୋକମାନେ ଯେଉଁମାନେକି ପ୍ରଭୁଭୋଜ ନେଇଥିଲେ, ସେହି ମେଷଶାବକ ଏବଂ ସେହି ରୁଟିକୁ, ଯେତେବେଳେ ସେମାନେ ଯାତ୍ରା କରିଥିଲେ, ଚାଳିଶ ବର୍ଷ ସେମାନେ ପ୍ରାନ୍ତରରେ ଯାତ୍ରା କଲେ; ଏବଂ ପ୍ରାନ୍ତରରୁ ବାହାରି ଆସିବା ବେଳେ ସେମାନଙ୍କ ମଧ୍ୟରେ କେହି ଜଣେ ହେଲେ ଦୁର୍ବଳ ନ ଥିଲେ। ସେମାନେ ପ୍ରଭୁଭୋଜ ନେଇଥିଲେ।

213 ପରମେଶ୍ୱର ଦୟା କର। ମୁଁ ପ୍ରାର୍ଥନା କରୁଛି ଯେ ସମସ୍ତ ରୋଗୀମାନେ ସୁସ୍ଥ ହେବେ, ସମସ୍ତ ହଜିଯାଇଥିବା ଲୋକମାନେ ଉଦ୍ଧାର ପାଇବେ। ଏବଂ ଯେଉଁମାନେ ଆନୁଷ୍ଠାନିକ ଏବଂ ଉଦାସୀନ ଅଟନ୍ତି, ଏହା ହେଉ ଯେ ସେମାନେ ପରମେଶ୍ୱରଙ୍କ ଅଗ୍ନିର ନିକଟବର୍ତ୍ତୀ ହେବେ, ଓ ନିଜର ପ୍ରାଣଗୁଡ଼ିକୁ ଉତ୍ତପ୍ତ କରିବେ। ହେ ପ୍ରଭୁ, ଏହା ପ୍ରଦାନ କର। ବର୍ତ୍ତମାନ ଆମମାନଙ୍କୁ କ୍ଷମା କର ଏବଂ ଆମକୁ ସାହାଯ୍ୟ କର। ଆମେମାନେ ତୁମ ପୁତ୍ରଙ୍କ ନାମରେ ପ୍ରାର୍ଥନା କରୁଅଛୁ।

214 ଏବଂ ଯେତେବେଳେ ଆମେମାନେ ନିଜର ମସ୍ତକ ନତ କରିଅଛୁ, ମୁଁ ଆଶ୍ଚର୍ଯ୍ୟ କରେ (ଯେତେବେଳେକି ଭାଇ ଆମକୁ ପିଆନୋରେ ସଙ୍ଗୀତର ଏକ ଛୋଟ କର୍ଡ ଦିଅନ୍ତି) ଯେ ଯଦି ଏଠାରେ କୌଣସି ବ୍ୟକ୍ତି ଅଛନ୍ତି ଯିଏକି ନିଜର ହାତ ଉଠାଇ କହିବେ, "ଭାଇ ବିଲ୍, ମୁଁ—ମୁଁ ନିଷ୍ଠାପର ଭାବେ…ଏକ ପ୍ରାଣର ଅବସ୍ଥା ନିମନ୍ତେ। ମୁଁ—ମୁଁ—ମୁଁ ଚାହେଁ ଯେ ଆପଣ ମୋତେ ସ୍ମରଣ କରନ୍ତୁ। ମୁଁ—ମୁଁ—ମୁଁ ପବିତ୍ରଆତ୍ମା ଗ୍ରହଣ କରିବାକୁ ଚାହେଁ।" କଅଣ ଆପଣ ନିଜର ହାତ ଉଠାଇବେ କି? ଏହା କହିବେ, "ସ୍ମରଣ କରିବେ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏବଂ ଆପଣଙ୍କୁ, ଏବଂ ଆପଣଙ୍କୁ, ଆପଣଙ୍କୁ ଏବଂ ଆପଣଙ୍କୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଓ ଆପଣଙ୍କୁ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ମହିଳା, ଆପଣଙ୍କୁ, ଏବଂ ଆପଣଙ୍କୁ, ଆପଣଙ୍କୁ, ଭାଇ। ମୋର ପ୍ରଭୁ, ସବୁଆଡେ ହାତ ଉଠିଅଛି। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ। ଆପଣଙ୍କୁ, ଭଉଣୀ, ମୁଁ ଆପଣଙ୍କର ହାତକୁ ଦେଖେ, ଯେ ଆପଣ ପବିତ୍ରଆତ୍ମା ଗ୍ରହଣ କରିବାକୁ ଚାହୁଁଛନ୍ତି। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ।

215 କଅଣ ଆପଣ ଏକ ଛୋଟ ନିକଟବର୍ତ୍ତୀ ଗମନାଗମନ ଚାହାଁନ୍ତି ନାହିଁ କି। ବନ୍ଧୁଗଣ ମନେରଖନ୍ତୁ, ଆମେ ଆମର ପ୍ରଭୁଙ୍କ ଆଗମନର ସନ୍ନିକଟରେ ବାସ କରୁଅଛୁ। ବର୍ତ୍ତମାନ, ପରମେଶ୍ୱର ତାହାଙ୍କର ବାକ୍ୟକୁ, ଚିହ୍ନ ଓ ଚମତ୍କାରକୁ ସବୁ ସ୍ଥାନରେ ସୁନିଶ୍ଚିତ କରୁଛନ୍ତି।

216 ତେବେ, ସୁନିଶ୍ଚିତ ଭାବରେ ପରମେଶ୍ୱର ମୋତେ ବାହାରକୁ ଯାଇ ଚିହ୍ନ ଏବଂ ଚମତ୍କାର ସାଧନ କରିବା ପାଇଁ ପବିତ୍ରଆତ୍ମାରେ ଅଭିଷିକ୍ତ ହେବାକୁ ଦେବେ ନାହିଁ, ପୁଣି ଫେରି ଆସି ବାକ୍ୟ ପ୍ରଚାର କରିବାକୁ, ଏବଂ ଅନ୍ୟାନ୍ୟ ସବୁ କରିବାକୁ, ଏବଂ ଏହାକୁ ସବୁ ସ୍ଥାନରେ ଆଶୀର୍ବାଦ କରିବାକୁ ଦେବା ପାଇଁ, ଓ ଏହି ସବୁ ବିଷୟ କରିବାକୁ ଦେବେ ନାହିଁ, ଯେପର୍ଯ୍ୟନ୍ତ କି ସେ ମୋତେ ତାହାଙ୍କର ବାକ୍ୟର କିଛି ଅବଧାରଣା ନ ଦେଇ ଦିଅନ୍ତି। ସେ ତାହା ଅନୁମତି ଦେବେ ନାହିଁ। ତେଣୁ ମୁଁ କଅଣ କହୁଅଛି ତାହା ମୁଁ ଜାଣେ।

217 ଯଦି ଆପଣ ଯୀଶୁ ଖ୍ରୀଷ୍ଟଙ୍କ ବିନା, ପବିତ୍ରଆତ୍ମା ବିନା ଅଟନ୍ତି, ତେବେ ଏହା ହେଉ ଯେ ଆପଣ ପବିତ୍ରଆତ୍ମା ଗ୍ରହଣ ନ କରିବା ପର୍ଯ୍ୟନ୍ତ ପରମେଶ୍ୱର ଆପଣଙ୍କୁ କୌଣସି ବିଶ୍ରାମ ନ ଦିଅନ୍ତୁ। ପ୍ରତାରିତ ହୁଅନ୍ତୁ ନାହିଁ। କେବଳ ଏହି ଆନୁଷ୍ଠାନିକ ଶୁଖିଲା-ଆଖିର ସ୍ୱୀକାରୋକ୍ତି ମଧ୍ୟରୁ ଅନ୍ୟତମକୁ ଗ୍ରହଣ କରନ୍ତୁ ନାହିଁ ଏବଂ ଏହା କୁହନ୍ତୁ ନାହିଁ ଯେ ଆପଣ ପବିତ୍ରଆତ୍ମା ପାଇଛନ୍ତି। ଆପଣ ବିଶ୍ୱାସ କରିବାବେଳେ ପବିତ୍ରଆତ୍ମା ପାଆନ୍ତି ନାହିଁ। ଆପଣ ପବିତ୍ରଆତ୍ମାଙ୍କର ପାଇବାକୁ ବିଶ୍ୱାସ କରନ୍ତି ନାହିଁ। ଏହା ତ ପରମେଶ୍ୱରଙ୍କର ଏକ ଦାନ ଅଟେ। ପାଉଲ କହିଲେ, "କଅଣ ତୁମେ ବିଶ୍ୱାସ କରିବା ପରଠାରୁ ପବିତ୍ରଆତ୍ମା ଗ୍ରହଣ କରିଛ କି?" ତେଣୁ ଏହାକୁ ବିଶ୍ୱାସ କର। ଏବଂ ପରମେଶ୍ୱର ଆପଣଙ୍କୁ ଏହାକୁ ପ୍ରଦାନ କରନ୍ତୁ।

218 ତେବେ, ପିତା, ସେମାନଙ୍କୁ ଯେଉଁମାନେକି ନିଜର ହାତ ଉପରକୁ ଉଠାଇଥିଲେ, ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କୁ ବର୍ତ୍ତମାନ ପବିତ୍ରଆତ୍ମାଙ୍କର ବ୍ୟକ୍ତିକୁ ପ୍ରଦାନ କରିବ। ଏହା ହେଉ ଯେ ସେ ଏହି ଅନେକଙ୍କ ପାଖକୁ, ଦଶ କିମ୍ବା ପନ୍ଦର ହାତ ପାଖକୁ ଯାହାକି ଉପରକୁ ଉଠିଥିଲା ଗଭୀର ଭାବରେ ଆସନ୍ତୁ। ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ତୁମର ବ୍ୟକ୍ତିଗତ ସୃଷ୍ଟିର ବାପ୍ତିସ୍ମ ପ୍ରଦାନ କରିବ। ସେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ଏତେ ପରିପୂର୍ଣ୍ଣ ହୋଇଯାଆନ୍ତୁ, ଏପରିକି ଯେ ସେମାନଙ୍କ ଜୀବନରେ ଚିହ୍ନ ଏବଂ ଚମତ୍କାରମାନ ଘଟିବ, ସେମାନେ ସମସ୍ତ ପ୍ରକାରର ଚିହ୍ନଗୁଡିକ ଦେଖିବେ। ଯେପରିକି ଯୀଶୁ କହିଥିଲେ, "ଏହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ।" ପିତା, ଏହାକୁ ପ୍ରଦାନ

କର। ଆମେ ତୁମର ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବିନମ୍ର ଭାବରେ ପ୍ରାର୍ଥନା କରୁଅଛୁ। ଆମେନ୍। (ଭାଇ ନେଭିଲ୍।)

**ପ୍ରଶ୍ନୋତ୍ତର** ORI54-0103E

(Questions and Answers)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜାନୁୟାରୀ 3, 1954, ରବିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org